# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୨/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, September 22/2023 | Page 16 | ₹ 7.00 | RAYAGADA

୪୯ଶ ଭାଗ ୨୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 49 ISSUE 298 | ମୂଲ୍ୟ₹୭/-


# ସବୁଠୁ କମ୍ ଗଡ଼ା ମଜୁରୀ ପାଇଁ ଇତିହାସ ରଚିଲା ଲାଲ୍‌ଚାନ୍ଦ୍

- ଲାଲ୍‌ଚାନ୍ଦ୍ ମାଷ୍ଟର କ୍ୟାଣ୍ଟିନ୍ ଶୋ'ରୁମ୍‌ର ନବୀକରଣ
- ଗ୍ରାହକଙ୍କ ସୁବିଧା ପାଇଁ ପାର୍କିଂ ସହ ଖୋଲିଲା ଆଉ ଗୋଟିଏ ପ୍ରବେଶ ଦ୍ୱାର



ପୂର୍ବଭାରତର ବୃହତ୍ତମ ତଥା ସର୍ବାଧିକ ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ନିଜର ଭୁବନେଶ୍ୱର, ମାଷ୍ଟର୍ କ୍ୟାଣ୍ଟିନ୍‌ସ୍ଥିତ ଶୋ'ରୁମ୍‌କୁ ନୂଆ ରୂପରେ ସୁସଜ୍ଜିତ କରିଛି। ସେପ୍ଟେମ୍ବର ୧୯ ତାରିଖ ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ଶୋ'ରୁମ୍‌ର ପଛପାର୍ଶ୍ୱରେ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ସହ ନୂତନ ପ୍ରବେଶ ଦ୍ୱାର ଉନ୍ମୁକ୍ତ କରାଯାଇଛି।

ଏହି ଅବସରରେ ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ଲାଲ୍‌ଚାନ୍ଦ୍ ସ୍ୱର୍ଣ୍ଣ ଅଳଙ୍କାରର ମେକିଂ ଚାର୍ଜ ରଖିଛନ୍ତି ଫ୍ଲାଟ୍ ୪୯୯ ଟଙ୍କା ପ୍ରତି ଗ୍ରାମ୍। ସମ୍ପ୍ରତି ଓଡ଼ିଶାରେ ଅନେକ ଜୁଏଲର ଅନେକ ଲୋଭନୀୟ ଅଫର୍ ଦେଉଛନ୍ତି, ଯେଉଁଥିରେ ଅଳ୍ପ କେତେକ ଆଇଟମ୍ ଉପରେ ମେକିଂ ଚାର୍ଜରେ ରିହାତି ଦେଇ ଗ୍ରାହକଙ୍କୁ ଭ୍ରମିତ କରାଯାଉଛି। କିନ୍ତୁ ଲାଲ୍‌ଚାନ୍ଦ୍‌ରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କ ଯୁକ୍ତ ସୁନା ଗହଣାର ଗଢ଼ା ମଜୁରୀ ଫ୍ଲାଟ୍ ୪୯୯ଟଙ୍କା ରହିଛି। ସେହିପରି ରୁପା ଗହଣାର ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୫୦% ରିହାତି ଥିବାବେଳେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୩୦% ଓ ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ୍ ଗୁଡ଼ିକ ଉପରେ ଫ୍ଲାଟ୍ ୨୦% ରିହାତି ରହିଛି। ପ୍ରତି ୨୫ ହଜାର ଟଙ୍କାର କ୍ରୟ ଉପରେ ରୁପାମୁଦ୍ରା ସମ୍ପୂର୍ଣ୍ଣ ମାଗଣା ଦିଆଯାଉଛି। ଏହି ଅଫର୍ ସେପ୍ଟେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ।



ଲାଲ୍‌ଚାନ୍ଦ୍ ସବୁବେଳେ ଓଲିଉଡ୍‌କୁ ପ୍ରୋତ୍ସାହନ ଦେଇ ଆସିଛି। ଶୋ'ରୁମ୍‌ର ଏହି ନୂତନ ସଂସ୍କରଣର ଲୋକାର୍ପଣ ଅବସରରେ ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ, ଆକାଶ ଦାଶନାୟକ, ଅଭିନେତ୍ରୀ ଭୂମିକା ଓ ସୂର୍ଯ୍ୟମୟୀ ଯୋଗଦେଇଥିଲେ। ଗ୍ରାହକମାନେ ଓଲିଉଡ୍ ତାରକାମାନଙ୍କ ସହ ସେଲ୍ଫି ନେଇଥିଲେ। ଆଉଥରେ ଆସନ୍ତା ଶନିବାର ଓ ରବିବାର ସଂଧ୍ୟା ୫ଟାରୁ ୭ଟା ମଧ୍ୟରେ ଭୂମିକା ଓ ସୂର୍ଯ୍ୟମୟୀଙ୍କ ସହ ଗ୍ରାହକମାନେ ମାଷ୍ଟର୍ କ୍ୟାଣ୍ଟିନ୍ ଶୋ'ରୁମ୍‌ରେ ସେଲ୍ଫି ନେଇ ପାରିବେ।

"ସ୍ୱର୍ଣ୍ଣ ଅଳଙ୍କାରରେ ଏତେ କମ୍ ମେକିଂ ଚାର୍ଜ ରଖିବାରେ ଲାଲ୍‌ଚାନ୍ଦ୍ ପ୍ରଥମ। ଗ୍ରାହକମାନଙ୍କ ପାଇଁ ଏହା ଏକ "ୱାନ୍ ଟାଇମ୍ ଅପରଚୁନିଟି" କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ସ୍କିମ୍ ରବିବାର ଦିନ ଶେଷ ହୋଇଯାଉଛି। ଆଉ କେବେ ଏଭଳି ସୁଯୋଗ ମିଳିବ କି ନମିଳିବ, ସେଥିପାଇଁ ଯଦି ବାହାଘର ଏବଂ ଆଗକୁ ଆସୁଥିବା ପର୍ବପର୍ବାଣୀ ଯଥା ଦଶହରା ଓ ଦୀପାବଳୀ ଉପଲକ୍ଷେ ଅଳଙ୍କାର କିଣାକିଣି କରିବାର ଅଛି, ତେବେ ଏହି ସୁଯୋଗର ସଦ୍‌ବ୍ୟବହାର କରି ଏବେଠାରୁ କିଣି ନେବା ଦରକାର" ବୋଲି ଲାଲ୍‌ଚାନ୍ଦ୍‌ର ଫାଉଣ୍ଡର ଚେୟାରମ୍ୟାନ୍ ଶ୍ରୀ ସଂଜୟ ହଂସ ପ୍ରକାଶ କରିଛନ୍ତି।

ଏହି ଅବସରରେ କିଛି ଗ୍ରାହକମାନଙ୍କଠାରୁ ମଧ୍ୟ ଆମେ ମତାମତ ନେଇଥିଲୁ। ଜନୈକ ଗ୍ରାହକ ପ୍ରସନ୍ନ ମିଶ୍ର କହିଲେ – "ଆମେ ଅନେକ ଜୁଏଲାରୀ ଦୋକାନ ବୁଲି ଦେଖିଛୁ। କିନ୍ତୁ ଲାଲ୍‌ଚାନ୍ଦ୍‌ର ଅଳଙ୍କାର ଡିଜାଇନ୍ ଆଉ କେଉଁଠି ନାହିଁ। ଅନ୍ୟ ଜୁଏଲର୍‌ମାନଙ୍କ ଅଫର୍ ତୁଳନାରେ ଲାଲ୍‌ଚାନ୍ଦ୍‌ର ଅଫର୍ ଖୁବ୍ ସ୍ୱଚ୍ଛ, ସ୍ପଷ୍ଟ ଏବଂ ମେକିଂ ଚାର୍ଜ ବି କମ୍। ଆମେ ଝିଅ ବାହାଘର ପାଇଁ ଆଣ୍ଟିକ୍ ଗହଣା କିଣିଲୁ। ଆମର ବିଶ୍ୱାସ ହେଲା ନାହିଁ ଯେ, ଆଣ୍ଟିକ୍ ଗହଣା ମାତ୍ର ୪୯୯ ଟଙ୍କା ମେକିଂରେ ମିଳିଯିବ! ଆମେ ଅନେକ ଜୁଏଲାରୀ ସପ୍ ବୁଲିଛୁ କିନ୍ତୁ, ଏତେ କମ୍ ମେକିଂ କେଉଁଠି ନାହିଁ।"

> "ପ୍ରଥମରୁ ହିଁ ଆମେ ଗ୍ରାହକମାନଙ୍କୁ ଗହଣାର ଶୁଦ୍ଧତା ଏବଂ ଅଳଙ୍କାର ବଜାରରେ ଚାଲିଥିବା ବିଭ୍ରାନ୍ତକାରୀ ଅଫରର ସତ୍ୟତା ସମ୍ପର୍କରେ ସଚେତନ କରି ଆସିଛୁ। ସବୁଠୁ ବଡ଼ କଥା ହେଲା ଆମର ଗୋଟିଏ ଅଫର ସମସ୍ତ ଆଇଟମ୍ ଉପରେ ଲାଗୁ ହୁଏ। କୌଣସି ସର୍ତ୍ତ ନଥାଏ। ପ୍ରଥମ ଥର ପାଇଁ ସୁନା ଅଳଙ୍କାରରେ ଆମେ ସବୁଠୁ କମ୍ ମେକିଂ ରଖିଛୁ। ଏଭଳି ସୁଯୋଗ ମିଳି ନ ପାରେ, ତେଣୁ ବାହାଘର ପାଇଁ ବା ପୂଜା ଓ ଦୀପାବଳୀ ପାଇଁ ଗହଣା କିଣିବାର ଏହା ସୁବର୍ଣ୍ଣ ସୁଯୋଗ।"
>
> **ଶ୍ରୀ ସଞ୍ଜୟ ହଂସ**
> ଫାଉଣ୍ଡର୍ ଚେୟାରମ୍ୟାନ୍, ଲାଲ୍‌ଚାନ୍ଦ୍ ଗ୍ରୁପ୍

ଏକ ହୀରା ମୁଦି କିଣି ଖୁସିରେ ଫେରୁଥିବା କଟକର କାଞ୍ଚନ ମହାନ୍ତି କହିଲେ – "ଆମେ ଆଇଜିଆଇ ସାର୍ଟିଫାଏଡ୍ ହୀରା ଉପରେ ଫ୍ଲାଟ୍ ୩୦ ପ୍ରତିଶତ ରିହାତି ପାଇଲୁ। ଏତେ ଅଧିକ ରିହାତି ବୋଧହୁଏ ସାରା ଭାରତରେ ମିଳିବ ନାହିଁ। ଲାଲ୍‌ଚାନ୍ଦ୍‌ର ଅଧ୍ୟକ୍ଷଙ୍କୁ ଜଗନ୍ନାଥ ଆଶୀର୍ବାଦ ଦିଅନ୍ତୁ, ସେ ଆମ ପାଇଁ ଏହିଭଳି ରିହାତି ଅଫର ଆଣନ୍ତୁ।"

ଲାଲ୍‌ଚାନ୍ଦ୍‌ର ଭାଲେ ପାର୍କିଂ ବ୍ୟବସ୍ଥା ଉପରେ ନିଜର ସନ୍ତୋଷ ବ୍ୟକ୍ତ କରି ଖୋର୍ଦ୍ଧାର ଚାରୁପଦ୍ମା ଖୁଣ୍ଟିଆ କହିଲେ - ଆମକୁ ଲାଲ୍‌ଚାନ୍ଦ୍‌ର ଭାଲେ ପାର୍କିଂ ବ୍ୟବସ୍ଥା ଖୁବ୍ ଭଲ ଲାଗିଲା। ଲାଲ୍‌ଚାନ୍ଦ୍ ତରଫରୁ ୫/୬ ଜଣ ଡ୍ରାଇଭର ଷ୍ଟାଫ୍‌ଙ୍କୁ ଭାଲେ ପାର୍କିଂ ପାଇଁ ରଖାଯାଇଛି। ଆମେ ଡ୍ରାଇଭରକୁ ଚାବି ଦେଇଦେଲୁ। ସେ ଆମ ଗାଡ଼ିକୁ ଠିକ୍ ଜାଗାରେ ପାର୍କିଂ କରି ଆମକୁ ଚାବି ଫେରାଇଦେଲା। ଆମେ ସପିଂ କରି ଫେରିବା ପରେ ଭାଲେ ପାର୍କିଂ ଷ୍ଟାଫ୍ ମାନେ ଆମ ଗାଡ଼ି ବାହାର କରିଦେଲେ। ଆମକୁ ଆଦୌ ଚିନ୍ତା କରିବାକୁ ପଡ଼ିଲା ନାହିଁ। ଖୁବ୍ ଖୁସିରେ ସପିଂ କରି ଫେରିଲୁ। ମେଟ୍ରୋ ସହର ମାନଙ୍କରେ ଏଭଳି ସୁବିଧା ଆମେ ଦେଖିଥିଲୁ, କିନ୍ତୁ ଭୁବନେଶ୍ୱରରେ ଏତେ ସୁନ୍ଦର ଅନୁଭବ ଆମ ପାଇଁ ପ୍ରଥମ।








ଆଉ ମାତ୍ର ୩ ଦିନ
୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ

ଫ୍ଲାଟ୍
## ୪୯୯ ଟଙ୍କା/ଗ୍ରାମ୍
ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କ ଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ

ଫ୍ଲାଟ୍ ୫୦% ରିହାତି – ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ
ଫ୍ଲାଟ୍ ୩୦% ରିହାତି – ହୀରା ମୂଲ୍ୟ ଉପରେ
ଫ୍ଲାଟ୍ ୨୦% ରିହାତି – ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ୍ ଗୁଡ଼ିକ ଉପରେ

କେବଳ ମାଷ୍ଟର୍ କ୍ୟାଣ୍ଟିନ୍ ଶୋ'ରୁମ୍‌ଠାରେ ପ୍ରତି
୨୫,୦୦୦/- ଟଙ୍କାର କ୍ରୟ ଉପରେ
**ରୁପା ମୁଦ୍ରା ସମ୍ପୂର୍ଣ୍ଣ ମାଗଣା**

ଆପଣଙ୍କ ପ୍ରିୟ ଅଭିନେତ୍ରୀ
**ଭୂମିକା ଦାଶ ଓ ସୂର୍ଯ୍ୟମୟୀ ମହାପାତ୍ରଙ୍କ ସହ**
ସେଲ୍ଫି ନିଅନ୍ତୁ ୨୩ ଓ ୨୪ ସେପ୍ଟେମ୍ବର ସନ୍ଧ୍ୟା ୫ଟାରୁ ୭ଟା


LALCHND
Trusted Brand Since 1948




ଲାଲ୍‌ଚାନ୍ଦ୍ ପ୍ରତିଶ୍ରୁତି ★ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ★ ସର୍ବନିମ୍ନ ଗଢ଼ାମୂଲ୍ୟ ★ ଆଜୀବନ ରକ୍ଷଣାବେକ୍ଷଣ ★ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ★ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

JEWELLERS SINCE 1988

| ଭୁବନେଶ୍ୱର ରଘୁନାଥପୁର | ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ | ଭୁବନେଶ୍ୱର ଏସ୍‌ପ୍ଲାନେଡ୍ ମଲ୍ | ବ୍ରହ୍ମପୁର ଧର୍ମ ନଗର | କଟକ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ | ନୂଆଦିଲ୍ଲୀ ଲାଜ୍‌ପତ୍ ନଗର |
|---|---|---|---|---|---|
| ୦୬୭୪-୨୪୬୯୧୪୯/୧୫୦/୧୫୧ | ୦୬୭୪-୨୫୩୪୦୧୬/୧୭/୧୮ | +୯୧-୯୯୩୭୨୨୯୬୨୫ | ୦୬୮୦-୨୨୨୯୪୦୧/୦୨/୦୪ | ୦୬୭୧-୨୩୦୨୫୦୫/୩୫୦୫/୪୫୦୫ | ୦୧୧-୪୫୭୬୯୫୬୪ |


DSPL-241
ଓଡ଼ିଶାର
ସ୍ୱାସ୍ଥ୍ୟ କ୍ଷେତ୍ରରେ
ଅତୁଳନୀୟ ପରିବର୍ତ୍ତନ
ଓଡ଼ିଶା: ସ୍ୱାସ୍ଥ୍ୟ ସୂଚକାଙ୍କରେ ଅଗ୍ରଣୀ
ଶିଶୁ ମୃତ୍ୟୁହାରରେ ସର୍ବାଧିକ ହ୍ରାସ
ସର୍ବାଧିକ ଟୀକାକରଣ କଭରେଜ୍
ମ୍ୟାଲେରିଆରେ ସର୍ବାଧିକ ହ୍ରାସ
ମାତୃ ମୃତ୍ୟୁ ଅନୁପାତରେ ଦ୍ୱିତୀୟ ସର୍ବାଧିକ ହ୍ରାସ
ଟିବି ହ୍ରାସରେ ଦ୍ୱିତୀୟ ର୍ୟାଙ୍କ
"ପ୍ରତିଟି ଜୀବନ ମୂଲ୍ୟବାନ"
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଡାକ୍ତରୀ ଶିକ୍ଷାରେ ରୂପାନ୍ତରଣ
୬ ବର୍ଷ ମଧ୍ୟରେ ୮ ଟି ନୂଆ ମେଡିକାଲ୍ କଲେଜ୍
ଏସ୍‌ସିବି ମେଡିକାଲ୍ କଲେଜ୍ ଓ ହସ୍ପିଟାଲର ରୂପାନ୍ତରଣ
ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି
ବିଏସ୍‌କେୱାଇ: ଜୀବନରେ ପରିବର୍ତ୍ତନ ଆଣୁଛି
୭୦୦ ରୁ ଅଧିକ ଘରୋଇ ହସ୍ପିଟାଲରେ ୯୬.୫ ଲକ୍ଷ ପରିବାରକୁ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା
୧.୨୫ ଲକ୍ଷ ରୋଗୀ ପ୍ରତି ମାସରେ ୨୫୦ କୋଟିର ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା ଲାଭ କରୁଛନ୍ତି
ସମସ୍ତ କୋଭିଡ୍‌ଜନିତ ହସ୍ପିଟାଲରେ ଭର୍ତ୍ତି ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯାଇଛି
ସରକାରୀ ହସ୍ପିଟାଲରେ ସମସ୍ତଙ୍କ ପାଇଁ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା
ଭବିଷ୍ୟତ ପାଇଁ ଲକ୍ଷ୍ୟ
ଆଗାମୀ ୩ ବର୍ଷରେ ୨୦ ସୁପର ସ୍ପେଶିଆଲିଷ୍ଟ ହସ୍ପିଟାଲ ସ୍ଥାପନାର ଯୋଜନା କରାଯାଇଛି
ରୋଗୀ-କେନ୍ଦ୍ରିକ ସ୍ୱାସ୍ଥ୍ୟସେବାରେ ଦୃଢ଼ୀକରଣ ନିମନ୍ତେ "ଆମ ହସ୍ପିଟାଲ" ଅଧୀନରେ ହସ୍ପିଟାଲ ରୂପାନ୍ତରୀକରଣ
କ୍ୟାନ୍‌ସର ଚିକିତ୍ସାରେ ଓଡ଼ିଶା ଦେଶର ପ୍ରମୁଖ କେନ୍ଦ୍ର ହେବ
୯୮% ହିତାଧିକାରୀମାନଙ୍କ ଠାରୁ ମିଳିଥିବା ମତାମତ ସନ୍ତୋଷଜନକ
ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
OIPR-10001/13/0071/2324

# ଧରିତ୍ରୀ
DHARITRI





**ନୟନତାରା ଖୁସିନାହାନ୍ତି**

ଫିଲ୍ମ 'ଜୱାନ'ରେ ସାଉଥ୍ ଅଭିନେତ୍ରୀ ନୟନତାରାଙ୍କୁ କମ୍ ଗୁରୁତ୍ୱ ମିଳିଥିବା ନେଇ ଅସନ୍ତୋଷ ବ୍ୟକ୍ତ କରି ସେ ନିର୍ଦ୍ଦେଶକ ଏଟଲି କୁମାରଙ୍କ ଉପରେ ରାଗିଛନ୍ତି।

୦୮

୧୪

**ଭାରତକୁ ଜିତାଇଲେ ଛେତ୍ରୀ**

ଏସିଆନ ଗେମ୍ସ ପୁରୁଷ ଫୁଟ୍‌ବଲରେ ଭାରତ ସୁନୀଲ ଛେତ୍ରୀଙ୍କ ଗୋଲ୍ ବଳରେ ବାଂଲାଦେଶକୁ ହରାଇଦେଇଛି।



## ଆଜିଠୁ ବିଧାନସଭା

ଭୁବନେଶ୍ୱର,୨୧।୯(ଅନିଲ ଦାସ)

ଷୋଡ଼ଶ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହା ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୮ଟି କାର୍ଯ୍ୟଦିବସ ରହିଛି। ଅଧିବେଶନ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ। ପରଲୋକଗତ ସଦସ୍ୟମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆଗତ ହେବ। ଏହା ପରେ ୨୦୨୩-୨୪ ଆର୍ଥିକବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବ। ସେପ୍ଟେମ୍ବର ୨୩ ଓ ☞ପୃଷ୍ଠା-୨

## ପ୍ରାର୍ଥୀପତ୍ର ଦାଖଲ କଲେ ପ୍ରମିଳା

### ଆଜି ବାଚସ୍ପତି ନିର୍ବାଚନ

ଭୁବନେଶ୍ୱର,୨୧।୯(ଅନିଲ ଦାସ)

ବିଜେଡିର ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ ବାଚସ୍ପତି ପଦ ପାଇଁ ଗୁରୁବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମନ୍ତ୍ରୀ ଓ ଦଳୀୟ ନେତାଙ୍କ ସହ ଆସି ସେ ବିଧାନସଭା ସଚିବଙ୍କ ନିକଟରେ ନାମାଙ୍କନ ଭରିଛନ୍ତି। ପ୍ରମିଳା ପ୍ରାର୍ଥୀପତ୍ର ଦାଖଲ କରିବା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବକ ଓ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସମର୍ଥକ ରହିଥିଲେ। ଶୁକ୍ରବାର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କର୍କଟ ଚିକିତ୍ସା ପାଇଁ ସୁଯୋଗ**



କେନ୍ଦୁଝର ଜିଲା ବଡ଼ବିଲ ୧୦ ନଂ ରାଜ୍ୟ ରାଜପଥଠାରେ ଗୁରୁବାର ବେପରୁଆ ଗାଡ଼ିଚାଳନା ଯୋଗୁ ଏକ ଭାରିଯାନ ସୂଚନା ଫଳକ ସହ ଧକ୍କା ହୋଇ ଉପରକୁ ଉଠିଯାଇଛି। **(ଫଟୋ: ଦେବପ୍ରିୟ ରଣା)**

# କାନାଡା ନାଗରିକଙ୍କୁ ଭାରତ ମନା

## ଖଲିସ୍ତାନୀ ଆତଙ୍କବାଦୀ ସୁଖ୍‌ଦୁଲ୍ ସିଂଙ୍କୁ ହତ୍ୟା

ଅଟାୱା/ନୂଆଦିଲ୍ଲୀ,୨୧।୯

ଖଲିସ୍ତାନୀ ନେତା ହରଦୀପ ସିଂ ନିଜାରଙ୍କ ପରେ ଆଉ ଜଣେ ଭାରତ ବିରୋଧୀ ଆତଙ୍କବାଦୀଙ୍କୁ କାନାଡାରେ ହତ୍ୟା କରାଯାଇଛି। ବୁଧବାର ରାତିରେ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୋଷ୍ଠୀ ସଂଘର୍ଷ ବେଳେ ଖଲିସ୍ତାନୀ ଆତଙ୍କବାଦୀ ସୁଖଦୁଲ ସିଂ ନିହତ ହୋଇଛନ୍ତି। କାନାଡାର ଜଷ୍ଟିନ୍ ଟ୍ରୁଡୋ ସରକାର ବିନା ପ୍ରମାଣରେ ନିଜାରଙ୍କ ହତ୍ୟାରେ ଭାରତ ସରକାରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆଣିଥିବାବେଳେ ନୂଆଦିଲ୍ଲୀ ଏହାକୁ ବିଭ୍ରାନ୍ତିକର ଓ ଉଦ୍ଦେଶ୍ୟ ପ୍ରଣୋଦିତ କହି ଖଣ୍ଡନ କରିଛି। ଏହି ପ୍ରସଙ୍ଗରେ ଦୁଇଦେଶର ସମ୍ପର୍କରେ ତିକ୍ତତା ଚରମସୀମାରେ ପହଞ୍ଚିଥିବାବେଳେ ସୁଖ୍‌ଦୁଲଙ୍କ ହତ୍ୟା ସ୍ଥିତିକୁ ଆହୁରି ସଙ୍ଗିନ କରିଛି। ଭାରତ ପକ୍ଷରୁ କାନାଡା ନାଗରିକମାନଙ୍କ ପାଇଁ ☞ପୃଷ୍ଠା-୨

# ବିଜେଡିରୁ ୨ ବହିଷ୍କୃତ

ଭୁବନେଶ୍ୱର,୨୧।୯(ଅନିଲ ଦାସ)

ଦୁର୍ନୀତି ଓ ଜନ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ୨ ବିଧାୟକଙ୍କୁ ଗୁରୁବାର ବହିଷ୍କାର କରାଯାଇଛି। ନବୀନ ନିବାସଠାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏବଂ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଦଳରୁ ବିଦା କରାଯାଇଛି। ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ମଧ୍ୟ ଉଭୟଙ୍କୁ ବହିଷ୍କାର କରାଯାଇଛି।

ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରାଯାଇଛି ଯେ ସମ୍ବାଦ ଖବରକାଗଜର ଜଣେ ପୂର୍ବତନ କର୍ମଚାରୀ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ସୌମ୍ୟରଞ୍ଜନଙ୍କ ନାମରେ ବ୍ୟାଙ୍କ ଋଣ ଦୁର୍ନୀତି ନେଇ ଏଫ୍‌ଆଇଆର୍ ଦେଇଛନ୍ତି। ଏହି ଅଭିଯୋଗ ଆଧାରରେ ଆଇପିସି ଦଫା ୫୦୬/୪୬୭/୪୬୮/୪୭୧/୪୨୦/୧୨୦(ବି)ରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସମ୍ବାଦ ଖବରକାଗଜର ଅନେକ ପୂର୍ବତନ କର୍ମଚାରୀ ମଧ୍ୟ ଏଭଳି ଅଭିଯୋଗ ଇଓଡବ୍ଲ୍ୟୁରେ କରିଛନ୍ତି। ଏହା ଏକ ଗୁରୁତର ପ୍ରାୟୋଜିତ ଅନେକ କୋଟି ଟଙ୍କାର ବ୍ୟାଙ୍କ ଦୁର୍ନୀତି। ୩ ଶହରୁ ଅଧିକ କର୍ମଚାରୀଙ୍କ ନାଁରେ ଜାଲ୍ ପ୍ରମାଣପତ୍ର ପ୍ରସ୍ତୁତ କରି ଋଣ ଉଠାଯାଇଛି। ଋଣ ଉଠାଇବା ପାଇଁ ଏହା ଏକ ସଙ୍ଗଠିତ ବ୍ୟାଙ୍କ୍ ଜାଲିଆତି ବୋଲି ଉଲ୍ଲେଖ କରାଯାଇଛି।



ସୁଧାଂଶୁ ଶେଖର ପରିଡ଼ା



ସୌମ୍ୟରଞ୍ଜନ ପଟ୍ଟନାୟକ



କୃଷି ଯନ୍ତ୍ରାଂଶ ସବ୍‌ସିଡି ନାଁରେ ହଡ଼ପ

ଲୋକାୟୁକ୍ତଙ୍କ ନିକଟରେ ମାମଲା

ସୁଧାଂଶୁ ପରିଡ଼ାଙ୍କ ମାଲିକାନାରେ ଥିବା ନିଗମ ଆସୋସିଏଟ୍ସରେ 'କୃଷି ଯନ୍ତ୍ରାଂଶ ସବ୍‌ସିଡି ନାଁରେ ହଡ଼ପ' ଶୀର୍ଷକ ଏକ ଖବର ପ୍ରଥମେ ୨୦୨୧ ମାର୍ଚ୍ଚ ୧୧ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା।

### କର୍ମଚାରୀଙ୍କ ନାଁରେ ସୌମ୍ୟଙ୍କ ଋଣ ଜାଲିଆତି

ସେହିପରି ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କୁ ସରକାରୀ ସବ୍‌ସିଡି ଅର୍ଥ ଅପବ୍ୟବହାର ମାମଲାରେ ବହିଷ୍କାର କରାଯାଇଛି। ସୁଧାଂଶୁ ନିଗମାନନ୍ଦ ଆସୋସିଏଟର ମ୍ୟାନେଜିଂ ପାର୍ଟନର ଥିବା ବେଳେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସବ୍‌ସିଡି ବାବଦ ଅର୍ଥକୁ ହଡ଼ପ କରିଛନ୍ତି। ୨୦୧୭-୧୮ରୁ ୨୦୧୯-୨୦ ମଧ୍ୟରେ ସେ ଚାଷୀମାନଙ୍କ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଛନ୍ତି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ଦ୍ୱାରା ତାଙ୍କ ନାମରେ ଥିବା ମାମଲାର ତଦନ୍ତ କରାଯାଉଛି ବୋଲି ବିଜେଡି ପକ୍ଷରୁ ପ୍ରେସ୍ ରିଲିଜ୍‌ରେ କୁହାଯାଇଛି। ସୂଚନାଯୋଗ୍ୟ, କିଛିଦିନ ଦେବ ସୌମ୍ୟ ତାଙ୍କ ସମ୍ପାଦକୀୟ ଲେଖାରେ ରାଜ୍ୟର ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

" ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଭାରତ ଏହି କ୍ଷେତ୍ରରେ ଖୁବ୍‌ଶୀଘ୍ର ତୃତୀୟ ସ୍ଥାନ ଅଧିକାର କରିବାକୁ ଯାଉଛି। ଏଥିରେ ଉତ୍ତର ପ୍ରଦେଶର ବଡ଼ ଅବଦାନ ରହିବ।

– ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଛିଲୋ ଛଟିଆ ବିରିକିଣି**
**ଖାଆଲୋ ରଙ୍କୁଣୀ ମନ ଜାଣି !**

ଯିଏ ଖାଇବାକୁ ନ ପାଏ ସେ ଖାଦ୍ୟ ରଙ୍କୁଣୀ। ଭଲ କରି ଦିନକୁ ଦି'ଓଳି ଦି' ମୁଠା ଖାଇବାକୁ ପାଉ ନ ଥିବା ଖାଦ୍ୟ ରଙ୍କୁଣୀକୁ ମନଭରି ଖାଇବାର ପ୍ରଲୋଭନ ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛିଲୋ ବୋଉଲି ଛିଟିକିଟି**
**ଛିଣ୍ଡେଇ ନ କହୁ କଥା**
**ଭିତରେ ଭିତରେ ଗୁଣେଇ ହେଉ**
**ଏ କୋଉ ଛାର କଥା ?**

କଥା ଖୋଲିକରି କହିଲେ ସମସ୍ୟା ଅନେକାଂଶରେ କମିଯାଇଥାଏ। ଏହା ଜାଣିକରି ମଧ୍ୟ କିଛି ବ୍ୟକ୍ତି କଥାକୁ ଆଦୌ ପିଟେଇ କହି ନ ଥାନ୍ତି। ଯେତେ ଛୋଟ ବା ମାମୁଲି କଥା ହୋଇଥିଲେ ମଧ୍ୟ ତାକୁ ଧରି ମନେମନେ ଗୁଣି ହୋଇ ନାନା ପ୍ରକାର ବିଭ୍ରାନ୍ତି ସୃଷ୍ଟି କରିଥାନ୍ତି। କେତେକ ମହିଳାଙ୍କ ଏପରି ସ୍ୱଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ପ୍ରେଷଣ ପକ୍ଷିସର୍ଦ୍ଦ




# ଲାଗିଲା ରେଡ୍ ଲାଇଟ୍ ସିଗ୍‌ନାଲ

## ଢେଙ୍କାନାଳ-କପିଳାସ ରାସ୍ତାରେ ହାତୀ ପାଇଁ ସତର୍କତା

**ଢେଙ୍କାନାଳ,୨୧ା୯(ରତନ ନାୟାର)**

ଢେଙ୍କାନାଳ ଜିଲାର ବିଭିନ୍ନ ରାସ୍ତା ପାର୍ ହୋଇ ହାତୀ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯାଉଛନ୍ତି। ଏପରି କି ୫୫ନଂ. ଜାତୀୟ ରାଜପଥ ଉପରେ ମଧ୍ୟ ଅନେକ ସମୟରେ ହାତୀ ଠିଆ ହୋଇ ରହୁଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବା ସହ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି। ଭାରିଯାନ ଧକ୍କାରେ ମଧ୍ୟ ହାତୀଙ୍କ ମୃତ୍ୟୁ ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ତେଣୁ ରାସ୍ତା ପାର ହେଉଥିବା ହାତୀଙ୍କ ସମ୍ପର୍କରେ କିପରି ଗାଡ଼ି ଚାଳକ, ଯାତ୍ରୀ ଓ ନିକଟସ୍ଥ ଅଞ୍ଚଳବାସୀ ସୂଚନା ପାଇପାରିବେ ଏବଂ ସତର୍କ ହୋଇପାରିବେ ସେ ନେଇ ଢେଙ୍କାନାଳ ଜିଲା ବନ ବିଭାଗ ପକ୍ଷରୁ ଗୁରୁବାର ରେଡ୍‌ଲାଇଟ୍ ସହିତ ସାଇରନ ବ୍ୟବସ୍ଥା କରାଯାଇଛି। ମୋବାଇଲ ଦ୍ୱାରା ପରିଚାଳିତ ଏହି ବ୍ୟବସ୍ଥା ରାଜ୍ୟରେ ପ୍ରଥମ କରି ତଥା ଢେଙ୍କାନାଳ ଜିଲାରେ ଆରମ୍ଭ ହୋଇଥିବା ସୂଚନା ମିଳିଛି।

ଢେଙ୍କାନାଳ ଜିଲାରେ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ରେଞ୍ଜ୍‌ରେ ମୋଟ ୨୫ଟି ରେଡ୍‌ଲାଇଟ ଓ ସାଇରନ ବ୍ୟବସ୍ଥା କରାଯିବ। ସେଥିରୁ ପ୍ରାୟ ୨୨ଟି ରେଡ ଲାଇଟ୍ ଓ ସାଇରନ କେବଳ ହିନ୍ଦୋଳ ଓ ସଦର ରେଞ୍ଜ୍‌ରେ ଲାଗିବ। ସଦର ରେଞ୍ଜ୍ ଅଧୀନ ଢେଙ୍କାନାଳ-କପିଳାସ ରାସ୍ତାର ମେଘା ଜଙ୍ଗଲ କଡ଼ରେ ଏହି ରେଡ ଲାଇଟ୍ ଓ ସାଇରନ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ବିଦ୍ୟୁତ୍ ଖୁଣ୍ଟଭଳି ଏକ ଖୁଣ୍ଟରେ ଏହାକୁ ଲଗାଯାଇଛି। ଏହା ସୌରକିରଣ ମାଧ୍ୟମରେ କାର୍ଯ୍ୟ କରିବ। ଏହାସହିତ ଏକ ଷ୍ଟ୍ରିଟ୍‌ଲାଇଟ୍ ମଧ୍ୟ ଲଗାଯାଇଛି। ଏହାକୁ ୪ଟି ମୋବାଇଲ ଫୋନ ଦ୍ୱାରା ପରିଚାଳନା କରାଯିବ। ୪ଟି ମୋବାଇଲ ମଧ୍ୟରୁ ୩ଟି ମୋବାଇଲ ଫୋନ୍ ଓ ଏଥିରେ ଥିବା ନମ୍ବର ଫରେଷ୍ଟ ଗାର୍ଡ ଏବଂ ଫରେଷ୍ଟରମାନଙ୍କ ପାଖରେ ରହିଛି। ଅନ୍ୟଟି ଜିଲା ବନଖଣ୍ଡ କାର୍ଯ୍ୟାଳୟରେ ରହିଛି। ହାତୀଙ୍କ ଗତିବିଧି ସମ୍ପର୍କରେ ସୂଚନା ପାଇଲା ମାତ୍ରେ ସମ୍ପୃକ୍ତ ଅଞ୍ଚଳରେ ଥିବା ଫରେଷ୍ଟ ଗାର୍ଡ ଓ ଫରେଷ୍ଟରମାନେ ନିଜ ମୋବାଇଲ ନମ୍ବରରୁ ତାଙ୍କୁ ଦିଆଯାଇଥିବା ଏହି ନୂଆ ବ୍ୟବସ୍ଥାର ନମ୍ବରକୁ ଡାଏଲ କଲେ ଜୋର୍‌ରେ ସାଇରନ ବାଜିବା ସହିତ ରେଡ୍ ଲାଇଟ୍ ଜଳି ଉଠିବ।




ହାତୀ ଉପଦ୍ରବରୁ ରକ୍ଷା ପାଇବା ପାଇଁ ଲଗାଯାଇଥିବା ସାଇରନ ଓ ସିଗନାଲ ବ୍ୟବସ୍ଥା।

- **ମୋବାଇଲ ଦ୍ୱାରା ଅପରେଟ୍ ହେବ**
- **୩ ମିନିଟ୍ ଯାଏ ବାଜିବ ସାଇରନ**
- **ଗାଡ଼ି ଚାଳକ, ନିକଟସ୍ଥ ଅଞ୍ଚଳବାସୀ ହେବେ ସତର୍କ**

ଏହା ୩ ମିନିଟ ପର୍ଯ୍ୟନ୍ତ ବାଜିବ। ଏହି ସାଇରନ ୨ କିଲୋମିଟର ପର୍ଯ୍ୟନ୍ତ ଶୁଣାଯିବ ଓ ଲାଇଟ୍ ମଧ୍ୟ ବହୁ ଦୂର ପର୍ଯ୍ୟନ୍ତ ଦେଖାଯିବ। ଏଥିସହିତ ରେଡ୍ ଲାଇଟ୍ ସହ ସିଗନାଲ କାର୍ଯ୍ୟକ୍ଷମ ହେବା ମାତ୍ରେ ବନ କର୍ମଚାରୀମାନଙ୍କୁ ମେସେଜ୍ ଯିବ। ଗୋଟିଏ ରେଡ୍‌ଲାଇଟ ଓ ସିଗନାଲ ବ୍ୟବସ୍ଥା ପାଇଁ ୫୦ରୁ ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ହାତୀଙ୍କୁ ନେଇ ସତର୍କ ରହିବା ପାଇଁ ଢେଙ୍କାନାଳ ଜିଲାରେ ମୋବାଇଲ ଦ୍ୱାରା ପରିଚାଳିତ ଏପରି ରେଡ୍‌ଲାଇଟ ଓ ସାଇରନ ବ୍ୟବସ୍ଥା ରାଜ୍ୟରେ ପ୍ରଥମ ବୋଲି ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି। ପ୍ରଥମ ପର୍ଯ୍ୟାୟ ପରେ ପରବର୍ତ୍ତୀ ସମୟରେ ଅନ୍ୟସ୍ଥାନଗୁଡ଼ିକରେ ଏହା ଲଗାଯିବା ଲକ୍ଷ୍ୟ ରଖାଯାଇଛି। ଢେଙ୍କାନାଳ ଜିଲାର ହିନ୍ଦୋଳ ରେଞ୍ଜ୍‌ରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ହାତୀ ରହୁଥିବା ବେଳେ ସଦର ରେଞ୍ଜ୍‌ରେ ୧୦୦ରୁ ଅଧିକ ରହିଛନ୍ତି। ଏହି ରେଡ୍‌ଲାଇଟ ଓ ସାଇରନ ବ୍ୟବସ୍ଥା ଯୋଗୁ ରାସ୍ତା ଆଖପାଖ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକୁ ମଧ୍ୟ ସତର୍କ ସୂଚନା ଦେଇହେବ ବୋଲି ଜିଲା ବନଖଣ୍ଡ ଅଧିକାରୀ କହିଛନ୍ତି।

# ଡୁମୁଡିବନ୍ଧରେ ମାଓବାଦୀ ପୋଷ୍ଟର




ମାଓବାଦୀ ପୋଷ୍ଟର

**ଡୁମୁଡିବନ୍ଧ,୨୧ା୯(ଦୀପକ କୁମାର ପରାସେଠ)**

କନ୍ଧମାଳ ଜିଲ୍ଲା ଡୁମୁଡିବନ୍ଧ ଅଞ୍ଚଳରେ ପ୍ରତିବର୍ଷ କୌଣସି ନା କୌଣସି ସ୍ଥାନରେ ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରୁଛନ୍ତି। ମାଓବାଦୀଙ୍କ ଶହୀଦ ସପ୍ତାହ କିମ୍ବା ପିଏଲଜିଏ ସପ୍ତାହ ପାଳନ ବେଳେ ପୋଷ୍ଟର, ବ୍ୟାନର ଆଦି ମାରୁଛନ୍ତି। ଗୁରୁବାର ଡୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ରିଡିପାଣିଠାରୁ ରାୟଗଡା ଜିଲ୍ଲାର ଅମ୍ବାଦଳାକୁ ସଂଯୋଗ କରୁଥିବା ରାସ୍ତାର ବରଗୁଡା ଛକଠାରେ କିଛି ହାତଲେଖା ମାଓବାଦୀ ପୋଷ୍ଟର ପଡିଥିବା ଦେଖାଯାଇଛି। ସେଥିରେ ସେପ୍ଟେମ୍ବର ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଗଣତାନ୍ତ୍ରିକ ବିପ୍ଲବ ସପ୍ତାହକୁ ପାଳନ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ସେହିପରି ଜନସାଧାରଣ ନୂଆ ଗଣତାନ୍ତ୍ରିକ ବିପ୍ଲବରେ ଯୋଗ ଯୋଗ ଦେବା, ୯୦% ଶୋଷିତ ଜନତାଙ୍କୁ ମୁକ୍ତ, ଜଳ, ଜମି, ଜଙ୍ଗଲର ଅଧିକାର ପାଇଁ ଶସସ୍ତ ବର୍ଗ ସଂଘର୍ଷ କରିବାକୁ ପୋଷ୍ଟରରେ ଲେଖାଯାଇଛି। ତଳେ ସିପିଆଇ ମାଓବାଦୀ (ବା.ଘୁ.ନା. ଡିଭିଜନ) ବୋଲି ଉଲ୍ଲେଖ ରହିଛି। ଯାହାକୁ ନେଇ ରିଡିପାଣି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଆସାମରୁ ଆଉଜଣଙ୍କୁ ଧରିଲା ଏସ୍‌ଟିଏଫ୍

## ପାକିସ୍ତାନୀ ଗୋଇନ୍ଦା ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲା

**ଭୁବନେଶ୍ୱର,୨୧ା୯ (ସୂର୍ଯ୍ୟକାନ୍ତ ବେହେରା)**

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍‌ସ (ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତଦନ୍ତ ଜାରି ରଖିଛି। ଗୁରୁବାର ଆଉ ଜଣେ ଅଭିଯୁକ୍ତଙ୍କୁ ଆସାମରୁ ଗିରଫ କରିଛି। ତାଙ୍କ ନାମ ଇକ୍‌ବାଲ ହୁସେନ। ଗିରଫ ପରେ ଏସ୍‌ଟିଏଫ୍ ଟିମ୍ ଅଭିଯୁକ୍ତ ଇକ୍‌ବାଲ୍‌କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣୁଛି। ଏନେଇ ଏସ୍‌ଟିଏଫ୍ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିବାବେଳେ ଶୁକ୍ରବାର ଖବରଦାତା ସମ୍ମିଳନୀ କରାଯାଇ ଅଧିକ ତଥ୍ୟ ଦିଆଯିବ ବୋଲି କୁହାଯାଇଛି। ପାକିସ୍ତାନ ଏଜେଣ୍ଟଙ୍କୁ ଗୁପ୍ତ ତଥ୍ୟ ପଠାଇବା ସହ ମାଙ୍ଗାଲୁରୁ ଅଟୋ ବୋମା ବିସ୍ଫୋରଣରେ ଇକ୍‌ବାଲର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

ସୂଚନାନୁସାରେ, ଇକ୍‌ବାଲ ଘର ଆସାମର ନଗାଁଓ ଜିଲ୍ଲାର ଗେଣ୍ଡୁଆ ପୋଥାର ଗାଁରେ। ସେ ଦୀର୍ଘଦିନ ଧରି ବେଙ୍ଗାଲୁରୁରେ ରହୁଥିଲେ। କିଛିଦିନ ତଳେ ଘରକୁ ଫେରିଥିବା ସୂଚନା ପାଇବା ପରେ ଏସଟିଏଫ ଟିମ ସ୍ଥାନୀୟ ପୋଲିସ ସହାୟତାରେ ତାଙ୍କୁ ଧରିଛି। ସେହିପରି ସେ ପାକିସ୍ତାନର ଗୋଇନ୍ଦା ଏଜେଣ୍ଟ ଅବଦୁଲ ହଲିମ୍‌ଙ୍କ ସହ ୨ ବର୍ଷ ହେବ ରୀତିମତ ସମ୍ପର୍କରେ ରହି ଗୁପ୍ତ ତଥ୍ୟ ଯୋଗାଉଥିଲେ।

ପ୍ରଥମ ପୃଷ୍ଠାରୁ...

## କାନାଡା ନାଗରିକଙ୍କୁ...



ଲରେନ୍ସ ବିଷ୍ଣୋଇ | ସୁଖ୍‌ଦୁଲ ସିଂ

ସାମୟିକ ଭାବେ ଭିଜା କଟକଣା ଜାରି କରାଯାଇଛି। ସେଠାରେ ଥିବା ଭାରତୀୟ ଦୂତାବାସ କର୍ମଚାରୀମାନଙ୍କ ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ଏପରି ପଦକ୍ଷେପ ନିଆଯାଇଛି। ସେହିପରି ଭାରତରେ ଥିବା କାନାଡୀୟ କୂଟନୀତିଜ୍ଞମାନଙ୍କ ସଂଖ୍ୟା ହ୍ରାସ ପାଇଁ ମଧ୍ୟ ନୂଆଦିଲ୍ଲୀ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଇତିମଧ୍ୟରେ କାନାଡାରୁ ୨୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ଭାରତ ଅଟାୱାକୁ କହିଛି।

ନିଷିଦ୍ଧ ଘୋଷିତ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଖଲିସ୍ତାନ ଟାଇଗର ଫୋର୍ସ (କେଟିଏଫ୍) ନେତା ହରଦୀପ ସିଂ ନିଜାର(୪୫)ଙ୍କୁ ଧରାଇଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୂର୍ବରୁ ଭାରତ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ଏହି ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଧରାପଡ଼ିବା ପୂର୍ବରୁ ଜୁନ୍ ୧୮ରେ କାନାଡାର ବ୍ରିଟିଶ୍ କଲମ୍ବିଆସ୍ଥିତ ଏକ ଗୁରୁଦ୍ୱାର ବାହାରେ ତାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା ପଛରେ ଭାରତ ସରକାରଙ୍କ ହାତ ଥିବା ଜଷ୍ଟିନ୍ ଟ୍ରୁଡୋ ସରକାର ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦୁଇଦେଶର ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିବାରୁ ମଙ୍ଗଳବାର କାନାଡା ଓ ଭାରତ ପରସ୍ପରର କୂଟନୀତିଜ୍ଞଙ୍କୁ ବହିଷ୍କାର କରିଥିଲେ। ଏହାର ଦିନକ ପରେ ଖଲିସ୍ତାନୀ ଆତଙ୍କବାଦୀ ସୁଖ୍‌ଦୁଲ ସିଂ ଗୋଷ୍ଠୀ ହିଂସାରେ ନିହତ ହୋଇଛନ୍ତି। ସୁଖ୍‌ଦୁଲ ଭାରତର ୱାଣ୍ଟେଡ୍ ତାଲିକାରେ ଥିଲେ। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୋଷ୍ଟ ୱାଣ୍ଟେଡ୍ ତାଲିକାର ୪୩ ଜଣଙ୍କ ମଧ୍ୟରୁ ୩୩ ନମ୍ବର ସ୍ଥାନରେ ତାଙ୍କ ନାମ ରହିଥିଲା। କାନାଡାରେ ଥିବା ତାଙ୍କ ବେନାମୀ ସମ୍ପତ୍ତି ସମ୍ପର୍କରେ ସେଠାକାର ସରକାରଙ୍କୁ ଏନ୍‌ଆଇଏ ବିସ୍ତୃତ ତଥ୍ୟ ମାଗିଥିଲା। ପଞ୍ଜାବର ମୋଗା ଜିଲା ବାସିନ୍ଦା ସୁଖ୍‌ଦୁଲ ୨୦୧୭ରେ ଜାଲ୍ ଦସ୍ତାବିଜ ବଳରେ ପ୍ରସ୍ତୁତ ନକଲି ପାସ୍‌ପୋର୍ଟ ବ୍ୟବହାର କରି ଭାରତରୁ ଫେରାର ହୋଇଯାଇଥିଲେ। ମୋଗାରେ ସକ୍ରିୟ ଥିବା ଦବିନ୍ଦର ବମ୍ବିହା ଗ୍ୟାଙ୍ଗ୍ ସହ ସେ ଜଡ଼ିତ ଥିଲେ। ଭାରତୀୟ ରେକର୍ଡ ଅନୁସାରେ ତାଙ୍କ ବିରୋଧରେ ୭ଟି ମାମଲା ରହିଛି। ତାଙ୍କୁ 'ଏକ କାଟାଗୋରି'ର ଗ୍ୟାଙ୍ଗଷ୍ଟର ଭାବେ ବର୍ଗୀକୃତ କରାଯାଇଥିଲା। ଗୋଲ୍ଡି ବ୍ରାର୍ ଓ ଲରେନ୍ସ ବିଷ୍ଣୋଇଙ୍କ ବିରୋଧୀ ତଥା କାନାଡାରେ ଥିବା ଅର୍ଶଦୀପ ଦଲ୍ଲାଙ୍କ ସେ ଘନିଷ୍ଠ ସହଯୋଗୀ ଥିଲେ। କାନାଡାରେ ରହି ଖଲିସ୍ତାନ ଆନ୍ଦୋଳନ ଚଳାଇଥିବା ଆତଙ୍କବାଦୀ ସୁଖ୍‌ଦୁଲ ବୁଧବାର ରାତିରେ ଆନ୍ତଃ ଗ୍ୟାଙ୍ଗ୍ ହିଂସାରେ ନିହତ ହେବା ପଛରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ନିଜକୁ ଦାୟୀ କରିଛନ୍ତି। ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟା ମାମଲାର ଅଭିଯୁକ୍ତ ଲରେନ୍ସ ଡ୍ରଗ୍ସ ଚାଲାଣ ମାମଲାରେ ସମ୍ପ୍ରତି ଅହମ୍ମଦାବାଦ ଜେଲରେ ଅଛନ୍ତି। ତାଙ୍କ ପକ୍ଷରୁ ଲରେନ୍ସ ଗ୍ୟାଙ୍ଗ୍ ଏକ ଫେସ୍‌ବୁକ୍ ପୋଷ୍ଟରେ କହିଛି, ସୁଖ୍‌ଦୁଲ ସିଂ ଓରଫ୍ ସୁଖା ଦୁନେକେ ଗ୍ୟାଙ୍ଗଷ୍ଟର ଗୁର୍‌ଲାଲ ବ୍ରାର ଏବଂ ଭିକି ମିଡ୍ଡୁଖେରାଙ୍କ ହତ୍ୟାରେ ମୁଖ୍ୟ ଭୂମିକା ନେଇଥିଲେ। ଦୁନେକେ ଜଣେ ଡ୍ରଗ୍ ଆଡିକ୍ଟ ଥିଲେ, ଯିଏକି ନିଜ ପାପ ପାଇଁ ଦଣ୍ଡିତ ହୋଇଛନ୍ତି। ଶତ୍ରୁମାନେ ଭାରତ କିମ୍ବା ଅନ୍ୟ କୌଣସି ଦେଶରେ ତିଷ୍ଠି ପାରିବେ ନାହିଁ। ଇତିମଧ୍ୟରେ ଖଲିସ୍ତାନୀ ଆତଙ୍କବାଦୀ ସୁଖ୍‌ଦୁଲଙ୍କ ହତ୍ୟା ପରେ ଆହୁରି ଜଟିଳ ସ୍ଥିତି ଉପୁଜିଛି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି, ଭାରତୀୟ ବ୍ୟାପାରରେ କାନାଡୀୟ କୂଟନୀତିଜ୍ଞମାନଙ୍କ ହସ୍ତକ୍ଷେପକୁ ଭାରତ ବରଦାସ୍ତ କରିବ ନାହିଁ। ଭାରତରେ ଥିବା କାନାଡାର କୂଟନୀତିଜ୍ଞମାନଙ୍କ ସଂଖ୍ୟା ଆବଶ୍ୟକତାଠାରୁ ଅଧିକ ଥିବାରୁ ଏହାକୁ ହ୍ରାସ କରିବାକୁ ପରାମର୍ଶ ଦିଆଯାଇଛି। ଭାରତକୁ ଆସିବାକୁ ଚାହୁଁଥିବା କାନାଡୀୟମାନଙ୍କ ପାଇଁ ସବୁ ବର୍ଗର ଭିଜା ସେବାକୁ ମଧ୍ୟ ଅସ୍ଥାୟୀ ଭାବେ ନିଲମ୍ବନ କରାଯାଇଛି। ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି, ଯାହାର ନିୟମିତ ସମୀକ୍ଷା କରାଯିବ। ତେବେ ଯେଉଁମାନଙ୍କ ପାଖରେ ବୈଧ ଭିଜା ଏବଂ ଓଭରସିଜ୍ ସିଟିଜେନ୍‌ଶିପ୍ ଅଫ୍ ଇଣ୍ଡିଆ (ଓସିଆଇ) କାର୍ଡ ରହିଛି, ସେମାନେ ଭାରତକୁ ଆସିବାରେ ଅସୁବିଧା ନାହିଁ ବୋଲି ବାଗ୍‌ଚୀ ସ୍ପଷ୍ଟ କରିଛନ୍ତି।

## ଆଜିଠୁ ବିଧାନସଭା...

୨୪ ତାରିଖ ବିଧାନସଭା ଛୁଟି ରହିବ। ୨୫ରୁ ୨୭ ତାରିଖ ଯାଏ ସରକାରୀ କାର୍ଯ୍ୟଦିବସ ଥିବାବେଳେ ୨୮ ଓ ୩୦ ତାରିଖରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟର ଖର୍ଚ୍ଚ ଦାବି ଆଲୋଚନା ହେବ। ଅକ୍ଟୋବର ୧ ଓ ୨ ତାରିଖ ରବିବାର ଓ ଗାନ୍ଧୀ ଜୟନ୍ତୀ ପାଇଁ ବିଧାନସଭା ଛୁଟି ରହିବ। ଅକ୍ଟୋବର ୩ ତାରିଖରେ ପ୍ରଥମ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ଗୃହୀତ ହେବ। ଅକ୍ଟୋବର ୪ ତାରିଖରେ ବେସରକାରୀ କାର୍ଯ୍ୟଦିବସ ରହିଛି।

ଚଳିତ ଅଧିବେଶନ ସ୍ୱଳ୍ପ ସମୟ ପାଇଁ ବସୁଥିଲେ ମଧ୍ୟ ଏହା ସରଗରମ ହେବ। ଚାଷୀ, ବେକାରି, ଆଇନଶୃଙ୍ଖଳା, ଶିକ୍ଷକ ସମସ୍ୟା, ଦୁର୍ନୀତି ଆଦି ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ତେବେ ବିରୋଧୀଙ୍କୁ କାଉଣ୍ଟର କରିବା ପାଇଁ ମଧ୍ୟ ଶାସକ ଦଳ ପ୍ରସ୍ତୁତ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ବିଧାନସଭା ପରିସରରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ଉଭୟ ବିରୋଧୀ ଓ ଶାସକ ଚୂଡ଼ାନ୍ତ ରଣନୀତି ପ୍ରସ୍ତୁତ କରିବେ।

## ପ୍ରାର୍ଥୀପତ୍ର ଦାଖଲ...



ସକାଳ ୯ଟା ୩୦ ମିନିଟରେ ବାଚସ୍ପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରମିଳାଙ୍କୁ ବୁଧବାର ବିଜେଡି ବାଚସ୍ପତି ପ୍ରାର୍ଥୀ ଘୋଷଣା କରିଥିଲା। ଗୁରୁବାର ସେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ବିକ୍ରମ କେଶରୀ ଆରୁଖଙ୍କୁ ମନ୍ତ୍ରୀ କରାଯିବା ପରେ ଦୀର୍ଘ ଦିନ ଧରି ବାଚସ୍ପତି ପଦବୀ ଖାଲି ପଡ଼ିଥିଲା। ବିଧାନସଭାର ବାଚସ୍ପତି କାହାକୁ କରାଯିବ ସେନେଇ ଗତ କିଛିଦିନ ଧରି ଚର୍ଚ୍ଚା ଜୋର ଧରିଥିଲା। ବିଜେଡି ପ୍ରମିଳାଙ୍କୁ ବାଚସ୍ପତି ପ୍ରାର୍ଥୀ ଘୋଷଣା କରିବା ପରେ ସବୁ କଳ୍ପନାଜଳ୍ପନାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ପ୍ରମିଳା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ହେବା ଏକପ୍ରକାର ନିଶ୍ଚିତ ହୋଇଛି। ବିଜେଡିର ପଞ୍ଚମ ପାଳିରେ ରାଜସ୍ୱ ମନ୍ତ୍ରୀ ଥିବା ପ୍ରମିଳା ୬ ଥର ବିଧାୟିକା ହୋଇଛନ୍ତି। ବିଜେଡି ସରକାରରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି।

## ସୁଦାମ ମାରାଣ୍ଡିଙ୍କୁ ରାଜସ୍ୱ ବିଭାଗ ଅତିରିକ୍ତ ଦାୟିତ୍ୱ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ପଦରୁ ପ୍ରମିଳା ମଲ୍ଲିକ ଗୁରୁବାର ଇସ୍ତଫା ଦେଇ ବାଚସ୍ପତି ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଏହି ବିଭାଗର ଦାୟିତ୍ୱକୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଦିଆଯାଇଛି। ଅତିରିକ୍ତ ଭାବେ ସେ ଏହି ଦାୟିତ୍ୱ ତୁଲାଇବେ। ପୂର୍ବରୁ ମଧ୍ୟ ସୁଦାମ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କୁ ପୁଣିଥରେ ଏହି ବିଭାଗ ଦାୟିତ୍ୱ ପ୍ରଦାନ କରାଯାଇଛି। ଦାୟିତ୍ୱ ତୁଲାଇବାକୁ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

ରାଜ୍ୟ ମନ୍ତ୍ରିମଣ୍ଡଳରେ ଏବେ ରାଜସ୍ୱ ଓ ଉଚ୍ଚଶିକ୍ଷା ଭଳି ଦୁଇ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀପଦ ଖାଲି ପଡ଼ିଛି। ନିର୍ବାଚନକୁ ଆଉ ଅଳ୍ପ କିଛି ମାସ ଥିବାରୁ ଖୁବ୍‌ଶୀଘ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। କିଛିଦିନ ପୂର୍ବେ ରୋହିତ ପୂଜାରୀଙ୍କୁ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ପଦବୀରୁ ହଟାଇ ଦିଆଯାଇଥିଲା। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ବିଜେଡିରୁ ୨...

ଶାସନ ବ୍ୟବସ୍ଥା ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କୁ ସମାଲୋଚନା କରିଥିଲେ। ନବୀନଙ୍କ କାର୍ଯ୍ୟକଳାପ ଉପରେ ମଧ୍ୟ ସେ ଅଙ୍ଗୁଳି ଉଠାଇଥିଲେ। ନିକଟରେ ସମ୍ବାଦର ଜଣେ ପୂର୍ବତନ କର୍ମଚାରୀ ଋଣ ଠକେଇ ଅଭିଯୋଗକରି ଇଓଡବ୍ଲ୍ୟୁରେ ଏକ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଖବରକାଗଜ ସଂସ୍ଥା 'ସମ୍ବାଦ' ଉପରେ ଇଓଡବ୍ଲ୍ୟୁ ଚଢ଼ାଉ କରିଥିଲା। ଏପରି କି ସେପ୍ଟେମ୍ବର ୧୨ ତାରିଖରେ ସୌମ୍ୟଙ୍କୁ ବିଜେଡିର ଉପସଭାପତି ପଦରୁ ବହିଷ୍କାର କରାଯାଇଥିଲା। ସୌମ୍ୟରଞ୍ଜନ ୨୦୧୮ ମାର୍ଚ୍ଚରେ ଆନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଥିଲେ। ୨୦୨୦ରେ ବିଜେଡି ତାଙ୍କୁ ଦଳର ଉପସଭାପତି ପଦ ସହ ବିଭିନ୍ନ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଥିଲା। ପରେ ତାଙ୍କୁ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରୁ ହଟାଇ ଦିଆଯାଇଥିଲା। ପ୍ରକାଶ ଯେ, ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ଏବଂ ବୈଜ୍ଞାନିକ ପଦ୍ଧତିରେ ଉନ୍ନତ ମାନର ଚାଷ ପାଇଁ କୃଷି ଯନ୍ତ୍ରାଂଶ କିଣାରେ ରାଜ୍ୟ ସରକାର ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡ୍ ଅର୍ଥ ପ୍ରଦାନ କରୁଛନ୍ତି। ହେଲେ ରେମୁଣା ବିଧାୟକ ସୁଧାଂଶୁଙ୍କ ମାଲିକାନାରେ ଥିବା ନିଗମ ଆସୋସିଏଟ୍‌ସ ଜାଲିଆତି କରି ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲାର ବହୁ ସଂଖ୍ୟକ ଭୂମିହୀନ ଏସ୍‌ସିଏସ୍‌ଟି ବର୍ଗର ଚାଷୀଙ୍କ ନାମରେ ଜାଲିଆତି କରି ୨୦୧୭ରୁ ୨୦୨୦ ମଧ୍ୟରେ ବହୁ କୋଟି ଟଙ୍କାର ସବ୍‌ସିଡି ଅର୍ଥ ହଡ଼ପ୍ କରିଥିଲା। ଏନେଇ ୨୦୨୧ ଫେବୃୟାରୀ ୪ତାରିଖରେ ଲୋକାୟୁକ୍ତରେ ଏକ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ଏସମ୍ପର୍କିତ ଏକ ରିପୋର୍ଟ 'ଧରିତ୍ରୀ'ରେ ପ୍ରଥମେ ୨୦୨୧ ମାର୍ଚ୍ଚ ୧୧ରେ ଖବର ପ୍ରକାଶ ପାଇଥିଲା। ପରେ ଲୋକାୟୁକ୍ତ ୨୦୨୨ ମେ ୧୩ ଉକ୍ତ ଘଟଣାର ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ମାମଲା ଏବେ ବିଚାରାଧୀନ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଦୀର୍ଘ ଦିନରୁ ରହିଆସିଥିବା ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ସାହାଯ୍ୟ କରିବେ। ଯାତ୍ରା, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସୁଫଳ ମିଳିବ। କାର୍ଯ୍ୟକ୍ଷେତ୍ରରେ ସାଧାରଣ ଘଟଣାରେ ମନସ୍ତାପ କରିବାକୁ ପଡ଼ିବାର ଆଶଙ୍କା ରହିଛି। ପାରିବାରିକ, ରାଜନୈତିକ ଓ ପ୍ରଶାସନିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ** – ଆଜିର ପ୍ରତ୍ୟୁଷ ଯାତ୍ରା ଓ ସରକାରୀ ସ୍ତରରେ ଥିବା ପ୍ରତିବନ୍ଧକ ଦୂରେଇବା ସମ୍ବନ୍ଧରେ ଚିନ୍ତା କରିବେ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ରାଜନୀତି, ସଭାସମିତି ଓ ସଂଗଠନରେ ଅଟକି ରହିଥିବା କାମକୁ ଶେଷ କରିପାରିବେ। ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ।

**ମିଥୁନ** – ପାରିବାରିକ ସମସ୍ୟା ମଧ୍ୟରେ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। ସତର୍କତା ଅଭାବରୁ ବିନା କାରଣରେ ଶତ୍ରୁତା ମଧ୍ୟ ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇଯିବ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** – ଭୁଲ୍ ବୁଝାମଣା ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ଅନ୍ୟମାନଙ୍କ କାନ କୁହା କଥାକୁ ସତ୍ୟ ମନେକଲେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପାରିବାରିକ କଳହକୁ କେନ୍ଦ୍ରକରି ନିକଟ ସମ୍ପର୍କୀୟମାନଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହେବ। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ହିଁ ପଡ଼ିବେ।

**ସିଂହ** – ଗତକାଲି ପରି ଆଜି ମଧ୍ୟ ଅଫିସ୍‌ର ପରିସ୍ଥିତି ଠିକ୍ ରହି ନ ପାରେ। ଅଧୈର୍ଯ୍ୟ ପୂର୍ବକ ଏଣୁ ତେଣୁ କୌଣସି କଥା ଚିନ୍ତା ନ କରି ନିଜ କାମରେ ମନ ଦିଅନ୍ତୁ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** – ଅସ୍ୱାଭାବିକ ପରିସ୍ଥିତି ମଧ୍ୟରେ ଗତି କରିବା କାରଣରୁ ବିଚଳିତ ବୋଧ କରିବେ। ବନ୍ଧୁ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି। ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ ଓ ଆନୁଷ୍ଠାନିକ କାମରେ ନିଜକୁ ନିୟୋଜିତ କରିବେ। କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା** – ଆଜି ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରୟତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। କର୍ମକ୍ଷେତ୍ରରେ କେତେକ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ।

**ବିଛା** – ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ବନ୍ଧୁମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ** – କର୍ମକ୍ଷେତ୍ରରେ ନିଜର ମନ ଅନୁଯାୟୀ କାମ ନ ହେବା କାରଣରୁ ଅଶାନ୍ତ ରହିବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ, ସାହାଯ୍ୟ ସହଯୋଗ ପାଇବେ। ବକେୟା ଅର୍ଥ ଆଦାୟ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ।

**ମକର** – ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ସବୁ କାମ ବିଳମ୍ବିତ ସମୟରେ ହିଁ ସମ୍ପନ୍ନ ହେବ। ଶ୍ରବଣା ନକ୍ଷତ୍ର ଜାତ ବ୍ୟକ୍ତିମାନେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କୌଣସି ବ୍ୟକ୍ତିଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** – କୌଶଳ କରି କାମ ହାସଲରେ ସମର୍ଥ ହେବେ। ନମ୍ରତା ପ୍ରଦର୍ଶନ କଲେ ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବାର ଓ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ଚେଷ୍ଟା କରୁଥିବା କାମରେ, କଚେରି ମାମଲାରେ, ଜମିଜମା ବିବାଦରେ, ଉପକୃତ ହେବେ।

**ମୀନ** – କୌଣସି ଅସୁବିଧା ନ ହେଲେ ମଧ୍ୟ ସମସ୍ୟାଗୁଡ଼ିକୁ ସାମ୍ନା କରି ନ ପାରି ବିବ୍ରତ ବୋଧ କରିପାରନ୍ତି। ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ, ଫଳରେ ବାରମ୍ବାର ଅନ୍ୟମାନଙ୍କ ସାହାଯ୍ୟ ଆଶା କରିବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସଂପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

ଆଜି ଭାଦ୍ରବ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ଶୁକ୍ରବାର, ପ୍ରସ୍ତାବ, ଶ୍ରୀମନ୍ଦିରରେ କେକେଶୀ ବଧ ପ୍ରସ୍ତାବ, ଦୁର୍ଗାଶୟନ, ସେପ୍ଟେମ୍ବର ୨୨ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୩୮ମି. ଗତେ ଘ.୦୬.୨୭ମି. ମଧ୍ୟେ, ଘ.୦୭.୧୫ମି. ଗତେ ଘ.୦୮.୩୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦.୦୯ମି. ଗତେ ଘ.୧୧.୩୯ମି. ମଧ୍ୟେ ରାହୁକାଳ।

# ବରଗଡ଼ରେ କେନ୍ଦ୍ରୀୟ ଆୟକର ବିଭାଗର ଚଢ଼ାଉ

**ବରଗଡ଼/ସୋହେଲା,୨୧।୯ (ପ୍ରେମାନନ୍ଦ ଖମାରୀ/ ଅଶ୍ୱିନୀ ପାତ୍ର)**

ବରଗଡ଼ ଜିଲାର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ବ୍ୟବସାୟୀଙ୍କ ଘରେ ଗୁରୁବାର ସକାଳେ କେନ୍ଦ୍ରୀୟ ଆୟକର ବିଭାଗର ଚଢ଼ାଉ କରାଯାଇଛି। ସମ୍ପୃକ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବିପୁଳ ପରମାଣର ଆୟକର ଫାଙ୍କିଥିବା ସୂଚନା ପାଇ ବିଭାଗ ପକ୍ଷରୁ ଜିଲାର ବରଗଡ଼ ସହର ସମେତ ସୋହେଲା ଆଦି ସ୍ଥାନରେ ଏହି ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ସଶସ୍ତ୍ର ଯବାନମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ସୋହେଲା ରୋଡ୍ ସ୍ଥିତ ଅଏଲ୍ ମିଲ୍ ମାଲିକଙ୍କ ବାସଭବନ, ଫାର୍ମ ହାଉସ୍ ଏବଂ ତାଙ୍କ ଲିଙ୍କ୍‌ରେ ରହିଥିବା ବ୍ୟବସାୟୀଙ୍କ ଘର ଏବଂ ପ୍ରତିଷ୍ଠାନରେ ଏକକାଳୀନ ଚଢ଼ାଉ କରାଯାଇଛି। ବରଗଡ଼ ମହାନ୍ତିପଡ଼ା ଗଜାନନ କମ୍ପ୍ଲେକ୍ସ, ମାଁ ଶ୍ୟାମା ଏନକ୍ଲେଭ, ରିୟଲ ଇଷ୍ଟେଟ୍‌ରେ କାରବାର କରୁଥିବା ସ୍ଥାନୀୟ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ଘରେ ଚଢ଼ାଉ ହୋଇଛି। ସେହିପରି ସୋହେଲାର ଏକ ଔଷଧ ଦୋକାନରେ ମଧ୍ୟ ଆୟକର ବିଭାଗର ଟିମ୍ ଚଢ଼ାଉ କରିଛନ୍ତି। ସୋହେଲା ଥାନା ଲମ୍ବରୁପାଲି ଗ୍ରାମରୁ ଏହି ଟିମ୍ ଜଣେ ଯୁବକଙ୍କୁ ଉଠାଇ ଆଣି ପଚରାଉଚୁରା କରିଥିବା ଏବଂ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାଙ୍କ ସହିତ ସମ୍ପୃକ୍ତ ଯୁବକଙ୍କ ସମ୍ପର୍କ ରହିଥିବା ସାଧାରଣରେ ଆଲୋଚନା ହେଉଛି। ସମ୍ପୃକ୍ତ ବ୍ୟବସାୟୀ ଏବଂ ତାଙ୍କ ପ୍ରତିଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କ ମୋବାଇଲ, ଲାପ୍‌ଟପ୍ ଏବଂ ଅନ୍ୟ କାଗଜପତ୍ର ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ଚଢ଼ାଉ ଜାରି ରହିଥିବାରୁ ସବିଶେଷ ସୂଚନା ମିଳିପାରିନାହିଁ।



ବିଧାନସଭା ପରିସରରେ ପୋଲିସ ଡିଜି ସୁନୀଲ ବଂଶଲ, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି। (ଫଟୋ–ମନୋରଞ୍ଜନ)

# ତ୍ରିସ୍ତରୀୟ ସୁରକ୍ଷାବଳୟରେ ବିଧାନସଭା

**ଭୁବନେଶ୍ୱର,୨୧।୯ (ସତ୍ୟଜିତ୍ ରାଉତ)**

## ଆଜିଠୁ ମୌସୁମୀ ଅଧିବେଶନ

ବିଧାନସଭାରେ ଶୁକ୍ରବାରଠାରୁ ଆରମ୍ଭ ହେଉଥିବା ମୌସୁମୀ ଅଧିବେଶନ ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବଳୟରେ ବିଧାନସଭା ରହିଛି। ଗୁରୁବାର ପୂର୍ବାହ୍ନରେ ପୋଲିସ ଡିଜି ସୁନୀଲ ବଂଶଲ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ତାଙ୍କ ସହ ଉପସ୍ଥିତ ଥିଲେ। ଏଥିସହ ଦାୟିତ୍ୱରେ ଥିବା ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଡିଜିପି ଆଲୋଚନା କରିଥିଲେ। ଭୁବନେଶ୍ୱର ଡିସିପି ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସୁରକ୍ଷା ବ୍ୟବସ୍ଥା ରହିଛି। ପ୍ରାୟ ୩୦ ପ୍ଲାଟୁନ ଫୋର୍ସ ଓ ୧୨୫ ଅଫିସରଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ମୁତୟନ ହୋଇଛନ୍ତି। ଧାରଣାସ୍ଥଳ ଅର୍ଥାତ୍ ମହାତ୍ମା ଗାନ୍ଧୀ ମାର୍ଗକୁ ସିସିଟିଭି ନଜରରେ ରଖାଯାଇଛି। କୌଣସି ଜରୁରିକାଳୀନ ପରିସ୍ଥିତି ପାଇଁ ସ୍ପେଶାଲ ଟାକ୍ଟିକାଲ ୟୁନିଟ୍ ଏବଂ କମିଶନରେଟ୍ ପୋଲିସର କାଉଣ୍ଟର ଟେରରିଷ୍ଟ ସ୍କ୍ୱାଡ୍ (ସିଟିଏସ୍)କୁ ସଜାଗ ରଖାଯାଇଛି। ବିଧାନସଭା ଭିତର, ପରିସର ଏବଂ ପିଏମ୍‌ଜି ଛକ ଆଦି ସମ୍ପୂର୍ଣ୍ଣ ସ୍ଥାନକୁ ସିଲ୍ କରାଯାଇଛି। ପଦଯାତ୍ରା, ଧାରଣା, ବିକ୍ଷୋଭ ଓ ସୁରକ୍ଷାକୁ ନଜରରେ ରଖି ୫ଟି କଣ୍ଟ୍ରୋଲ ରୁମ୍ ମଧ୍ୟ ଖୋଲାଯାଇଛି। ୯ଟି କୁଇକ୍ ରିଆକ୍ସନ୍ ଟିମ୍ ଏବଂ ୨ଟି ମୋବାଇଲ କୁଇକ୍ ରିଆକ୍ସନ୍ ଟିମ୍ ମୁତୟନ କରାଯାଇଛି। ସେହିଭଳି ଆତ୍ମାହୂତି ଏବଂ ଆତ୍ମହତ୍ୟା ଉଦ୍ୟମ ଘଟଣାକୁ ପ୍ରତିହତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ମୁତୟନ କରାଯାଇଛି। ବିଧାନସଭା ଚତୁର୍ପାର୍ଶ୍ୱର ସର୍ବସାଧାରଣ ସ୍ଥାନକୁ ଜନସାଧାରଣଙ୍କ ଯାତାୟାତ ପାଇଁ ନିଷେଧ କରାଯାଇଛି। ଡିଜିପି ବଂଶଲ କହିଛନ୍ତି, ଏହି ଅଧିବେଶନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅଧିବେଶନ ସୁରୁଖୁରୁରେ ସମ୍ପର୍ଣ୍ଣ ହେବ ବୋଲି ଆମର ଆଶା ରହିଛି। ଆମ ଦାୟିତ୍ୱ ଅନୁଯାୟୀ ସମସ୍ତ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି। ପୋଲିସ କମିଶନର ପ୍ରିୟଦର୍ଶୀ କହିଛନ୍ତି, ବିଧାନସଭାର ସୁରକ୍ଷା, ଅଧିବେଶନ ସମୟରେ ଆଇନ ଶୃଙ୍ଖଳା ସ୍ଥିତି ଓ ଟ୍ରାଫିକ୍ ଦିଗକୁ ଦୃଷ୍ଟିରେ ରଖି ସମସ୍ତ ପଦକ୍ଷେପ ନିଆଯାଇଛି। ବିଧାନସଭା ଚାଲିଥିବା ସମୟରେ ଅନେକ ଧାରଣା ଓ ଆନ୍ଦୋଳନ ଚାଲିଥାଏ। ତେଣୁ ଧାରଣାସ୍ଥଳରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯେଉଁଠି ବ୍ୟାରିକେଟ୍ ଲଗାଯିବା କଥା, ତାହା ଲଗାଯାଇଛି। ବିଧାନସଭା ଅଧିବେଶନକୁ ସୁରୁଖୁରୁରେ ଚଲାଇବାକୁ କମିଶନରେଟ୍ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା କମିଶନର କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ଗଲା ୫ ଜୀବନ

**ଭବାନୀପାଟଣା/ଦେବଗଡ଼/ଆସିକା, ୨୧।୯(ଉତ୍ତମ କୁମାର ଦାଶ/ଶଶାଙ୍କ ଶେଖର ଝାଙ୍କର/ସୁରେନ୍ଦ୍ର ନାଥ ସାହୁ)**

କଳାହାଣ୍ଡି, ଦେବଗଡ଼ ଓ ଗଞ୍ଜାମ ଜିଲାରେ ଗୁରୁବାର ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଗୋପୀନାଥପୁର ଗ୍ରାମର କୁନା ମାଝି (୨୧) ଓ ବୈକୁଣ୍ଠ ଗୌଡ଼ (୧୯)। ଅନ୍ୟ ୨ଜଣ ହେଲେ ଦେବଗଡ଼ ଜିଲା ବାରକୋଟ ଥାନା ବଲାଣି ଗ୍ରାମର ଚିନ୍ତାମଣି ସାହୁ ଓ ଅନ୍ୟ ଜଣଙ୍କ ପରିଚୟ ଖବର ଲେଖାହେବା ସୁଦ୍ଧା (ସନ୍ଧ୍ୟା ୬ଟା) ମିଳିପାରି ନାହିଁ। ସେହିପରି ଗଞ୍ଜାମ ଜିଲା ଆସିକା ସହର ଉପକଣ୍ଠ ବଡ଼ନଦୀ ବ୍ରିଜ ଉପରେ ହୋଇଥିବା ଦୁର୍ଘଟଣାରେ ଧରାକେଟ ଥାନା ଅନ୍ତର୍ଗତ କୁଶୁରବା ଗ୍ରାମର ପୂଜାଶ୍ରିତା(୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା' ଗୀତାଞ୍ଜଳି ମୋହିନୀ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ସଦର ଥାନା ଗୋପୀନାଥପୁର ଗ୍ରାମର କୁନା ଓ ବୈକୁଣ୍ଠ କୌଣସି କାମରେ ବୁଧବାର ରାତିରେ ଭବାନୀପାଟଣା ଯାଇ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ରାସ୍ତାରେ ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲା। ଗୁରୁବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇ ଥିବା ଟ୍ରକ ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ସୂଚନା ମିଳିଛି। ଏ ନେଇ ଭବାନୀପାଟଣା ସଦର ଥାନାରେ ଏକ ମାମଲା (ନଂ.୩୫୯/୨୩) ରୁଜୁ ହୋଇଛି। ସେହିପରି ଗୁରୁବାର ଅପରାହ୍ନ ୨ଟାରେ ଚିନ୍ତାମଣି ଓ ସୋନୁ ବାଇକ୍ (ନଂ. ଓଆର୧୪ଟି-୪୭୮୭) ଯୋଗେ କାଦୋପଡ଼ା ଆଡ଼କୁ ଯାଉଥିଲେ। ୨୩ ନମ୍ବର ଜାତୀୟ ରାଜପଥର ମରଡଙ୍ଗ ଛକଠାରେ ବଣାଇଁ ପଟୁ ବାରକୋଟ ଅଭିମୁଖେ ଆସୁଥିବା ଏକ ବାଇକ୍ (ନଂ. ଓଡି୦୨ ବିଜେ ୯୯୫୩ )ସମ୍ମୁଖପଟୁ ଧକ୍କା ଦେଇଥିଲା। ଫଳରେ ଉକ୍ତ ବାଇକ୍‌ରେ ଆସୁଥିବା ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁରୁତର ଚିନ୍ତାମଣି ଓ ସୋନୁଙ୍କୁ ବାରକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଚିନ୍ତାମଣିଙ୍କୁ ମୃତ ଘୋଷଣା କରିବା ସହ ଗୁରୁତର ସୋନୁଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

ସେହିପରି ଆସିକାରେ ବଡ଼ନଦୀ ବ୍ରିଜ ଉପର ଦେଇ ଯାଉଥିବା ଏକ ସ୍କୁଟିକୁ ପାର୍ଶ୍ୱରୁ ହାଇୱା ଧକ୍କା ଦେଇଥିଲା। ସ୍କୁଟିରେ ବାପା ବିନାୟକ ମୋହିନୀଙ୍କ ସହ ଗୀତାଞ୍ଜଳି ଓ ତାଙ୍କ ଝିଅ ପୂଜାଶ୍ରିତାଙ୍କୁ ଧରି ଯାଉଥିବା ବେଳେ ଉଭୟ ଛିଟିକି ତଳେ ପଡି ଯାଇଥିଲେ। ହାଇୱାର ପଛଚକା ପୂଜାଶ୍ରିତାଙ୍କ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୀତାଞ୍ଜଳି ମୋହିନୀଙ୍କ ଦୁଇ ଗୋଡ ଉପରେ ହାଇୱା ମାଡ଼ିଯାଇଥିବାରୁ ତାଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବାପା କୌଣସି ପ୍ରକାରେ ବର୍ତ୍ତି ଯାଇଛନ୍ତି। ଏ ସମ୍ପର୍କରେ ଗୀତାଞ୍ଜଳିଙ୍କ ଦେଢ଼ଶୁର ରାଜେନ୍ଦ୍ର ମହାନ୍ତି ଆସିକା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ୫୬୯/୨୩ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇ ଥିବା ହାଇୱାକୁ ଜବତ କରିଛି। ଚାଳକ ଜଣଙ୍କ ଫେରାର ଥିବା ଆସିକା ଥାନା ଅଧିକାରୀ ସ୍ୱରୂପ କିଶାନ ସୂଚନା ଦେଇଛନ୍ତି।

# ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀଙ୍କୁ ଇଓଡବ୍ଲ୍ୟୁର ପଚରାଉଚରା

**ଭୁବନେଶ୍ୱର,୨୧।୯ (ସତ୍ୟଜିତ୍ ରାଉତ)**

## ଇଷ୍ଟର୍ନ ମିଡିଆ ନାଁରେ ଋଣ ଦୁର୍ନୀତି ମାମଲା

ଇଷ୍ଟର୍ନ ମିଡିଆ ଲିମିଟେଡ୍ ସଂସ୍ଥା ଦ୍ୱାରା ପରିଚାଳିତ ଦୈନିକ ଖବରକାଗଜ ସମ୍ବାଦରେ କର୍ମଚାରୀଙ୍କ ନାମରେ ଜାଲିଆତି କରି ବ୍ୟାଙ୍କରୁ ଋଣ ଉଠାଣ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ବୁଧବାର ୫ଜଣ ଅଭିଯୋଗକାରୀଙ୍କୁ ଇଓଡବ୍ଲ୍ୟୁ ପକ୍ଷରୁ ପଚରାଉଚରା କରାଯାଇଥିବାବେଳେ ଗୁରୁବାର ଭୁବନେଶ୍ୱର ଆଇଆର୍‌ସି ଭିଲେଜ୍‌ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର ୩ ଅଧିକାରୀଙ୍କୁ ୨ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଇଓଡବ୍ଲ୍ୟୁ ପଚରାଉଚରା କରିଛି। ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରୁ ଆରମ୍ଭ ହୋଇଥିବା ଏହି ପଚରାଉଚରାରେ ଇଓଡବ୍ଲ୍ୟୁ ଋଣ ଦୁର୍ନୀତି ମାମଲାରେ ବିଭିନ୍ନ ଦିଗକୁ ନେଇ ପଚରାଉଚରା କରି ବହୁ ତଥ୍ୟ ପାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଅପରାହ୍ନରେ ଇଓଡବ୍ଲ୍ୟୁ ପକ୍ଷରୁ ପୁଣି ଥରେ ଭୁବନେଶ୍ୱର ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଇଷ୍ଟର୍ନ ମିଡିଆର ମୁଖ୍ୟ କାର୍ଯ୍ୟାଳୟରେ ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ଏହି ଯାଞ୍ଚରେ ଇଓଡବ୍ଲ୍ୟୁର ୨ଟି ଟିମ୍‌ରେ ୬ଜଣ ଅଧିକାରୀ ସାମିଲ ଥିଲେ। ସୋମବାର ମଧ୍ୟ ଇଓଡବ୍ଲ୍ୟୁ ଟିମ୍ ଚଢ଼ାଉ କରି ଯାଞ୍ଚ କରିବା ସହ ସେଠାରୁ ଅଭିଯୋଗ ସମ୍ବନ୍ଧୀୟ ଏକାଧିକ ଦସ୍ତାବିଜ୍ ଜବତ କରିଥିଲା। ଉଲ୍ଲେଖଯୋଗ୍ୟ, ଇଷ୍ଟର୍ନ ମିଡିଆ ଲିମିଟେଡ୍‌ର ପୂର୍ବତନ କର୍ମଚାରୀ ଅସୀମ ମହାପାତ୍ର ଏହି ବ୍ୟାଙ୍କ ଋଣ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ମହାପାତ୍ରଙ୍କ ଅଭିଯୋଗକୁ ଭିତ୍ତିକରି ଇଓଡବ୍ଲ୍ୟୁ ଗତ ୧୬ ତାରିଖରେ ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ମାନବ ସମ୍ବଳ ଅଧିକାରୀ ବୈଜୟନ୍ତୀ କରଙ୍କ ସମେତ ଅନ୍ୟ କେତେଜଣଙ୍କ ନାମରେ ଏକ ମାମଲା (ନଂ.୨୪/୨୦୨୩) ରୁଜୁ କରିଛି।






ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା । ଏଠାରେ ହିଁ ଲାଭ ହୁଏ ବହୁତ୍ୱର ଆନନ୍ଦ । ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ । **–ଶ୍ରୀଅରବିନ୍ଦ**





# କର୍କଟ ଚିକିତ୍ସା ପାଇଁ ସୁଯୋଗ

ସୋନାଲି ଜନ୍‌ସନ୍

ୟୁନିଭର୍ସାଲ ହେଲ୍‌ଥ କଭରେଜ (ୟୁଏଚ୍‌ସି) ଏକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା । ଏଥିରେ ବିନା ଆର୍ଥିକ କଷ୍ଟରେ ବିଶ୍ୱରେ ରୋଗ ନିବାରଣ, ପ୍ରଭାବଶାଳୀ ଚିକିତ୍ସା, ପୁନଃ ଥଇଥାନ ଏବଂ ଉପଶମକ ସେବା ଯୋଗାଇଦିଆଯାଏ । ୟୁଏଚ୍‌ସି ଉପରେ ଅନୁଷ୍ଠିତ ଜାତିସଂଘର ଦ୍ୱିତୀୟ ମିଳିତ ଉଚ୍ଚସ୍ତରୀୟ ବୈଠକରେ ବିଶ୍ୱର ବିଭିନ୍ନ ସରକାର ୟୁଏଚ୍‌ସିର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଉପରେ ଏକ ନୂତନ ପ୍ରତିବଦ୍ଧତା ପ୍ରକାଶ କରିବେ ବୋଲି ଆଶା କରାଯାଉଛି । ବ୍ୟାପକ କ୍ୟାନ୍‌ସର ବା କର୍କଟ ସେବାଗୁଡ଼ିକୁ ଯଦି ୟୁଏଚ୍‌ସିରେ ଅନ୍ତର୍ଭୁକ୍ତ କରା ନ ଯାଏ, ତେବେ କୌଣସି ପ୍ରସ୍ତାବ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ । ଏକ ଆକଳନ ଅନୁଯାୟୀ, ପ୍ରତିବର୍ଷ କ୍ୟାନ୍‌ସରରେ ୧ କୋଟି ଲୋକଙ୍କ ମୃତ୍ୟୁ ହେଉଛି । ଏହି ରୋଗ ବଢ଼ିବା ସହ ଏହାର ଗମ୍ଭୀରତା ପ୍ରକାଶ ପାଉଛି । ଏହାର ଅର୍ଥନୈତିକ ପରିଣାମ ମଧ୍ୟ ଅଛି । ୨୦୩୦ ସୁଦ୍ଧା ସାରା ବିଶ୍ୱରେ କର୍କଟ ଚିକିତ୍ସା ଖର୍ଚ୍ଚ ୪୫୮ ବିଲିୟନ ଡଲାରରେ ପହଞ୍ଚିବ । ଏବେ ଅନେକ ଦେଶରେ କର୍କଟର ଚିକିତ୍ସା ପାଇଁ ରୋଗୀଙ୍କୁ ସେମାନଙ୍କ ପକେଟ୍‌ରୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି । ଏହି ବୋଝ ବହୁ ସମୟରେ ଆର୍ଥିକ ବିପର୍ଯ୍ୟୟର କାରଣ ହେଉଛି । ଏସବୁ ଦୃଷ୍ଟିରୁ କମ୍ ଖର୍ଚ୍ଚରେ ରୋଗ ନିବାରଣ ଲାଗି ନିବେଶ ଏବଂ ଆରମ୍ଭରୁ ରୋଗ ଚିହ୍ନଟ କୌଶଳ ଅର୍ଥନୈତିକ ଦିଗରୁ ଗୁରୁତ୍ୱପୂର୍ଣ୍ଣ । ଚିକିତ୍ସା ଅପେକ୍ଷା ପ୍ରତିଷେଧକ ବହୁତ ଶସ୍ତା । କର୍କଟ ରୋଗକୁ ରୋକାଯାଇପାରୁ ନ ଥିବାବେଳେ ସେ କ୍ଷେତ୍ରରେ ପ୍ରାରମ୍ଭିକ ଚିହ୍ନଟ ଯୋଗୁ ଚିକିତ୍ସା ବହୁ କମ୍ ମୂଲ୍ୟରେ ସଫଳ ହେବାର ଅଧିକ ସମ୍ଭାବନା । ଯେତେବେଳେ କର୍କଟ ରୋଗ ବଢ଼ିଚାଲେ ସେତେବେଳେ ଅସ୍ତ୍ରୋପଚାର, ବିକିରଣ ଏବଂ କେମୋଥେରାପି ଉପଲବ୍ଧ ହେବା ଉଚିତ ଏବଂ ସମସ୍ତଙ୍କ ପାଇଁ ଏହା ଶସ୍ତା ଓ ସୁଲଭ ହେବା ଦରକାର । ସାମଗ୍ରିକ ଭାବେ ଅଣସଂକ୍ରମିତ ରୋଗ ପାଇଁ ଶସ୍ତା ତଥା ପ୍ରଭାବଶାଳୀ ସେବାରେ ୧ ଡଲାର ନିବେଶ କଲେ ସେଥିରୁ ୭ ଡଲାର ପର୍ଯ୍ୟନ୍ତ ଲାଭ ମିଳିପାରିବ ।

ରୋଗ ପ୍ରତିଷେଧକ ଏବଂ ଚିକିତ୍ସା ଯେମିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସେମିତି ଉପଶମକ ସେବା ମଧ୍ୟ ମହତ୍ତ୍ୱପୂର୍ଣ୍ଣ ; ଯାହା ରୋଗୀ, ସେମାନଙ୍କ ପରିବାର ଏବଂ ଯତ୍ନ ନେଉଥିବା ବ୍ୟକ୍ତିଙ୍କର ଅନାବଶ୍ୟକ ଯନ୍ତ୍ରଣା ଦୂର କରିଥାଏ ଏବଂ ଆଗକୁ ସୁସ୍ଥ ଭାବେ ବଞ୍ଚିବାର ଏକ ଯୋଜନା ଯୋଗାଇ ଦେଇଥାଏ । କୋଭିଡ୍ ମହାମାରୀରେ ଉପଶମକ ସେବାରେ ଅତ୍ୟଧିକ ବ୍ୟାଘାତ ଘଟିଥିଲା । ଫଳରେ ବିଶ୍ୱବ୍ୟାପୀ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଏଣୁ ଚିକିତ୍ସା ଓ ଉପଶମକ ସେବା କ୍ଷେତ୍ରରେ ପୁଞ୍ଜି ବିନିଯୋଗ ଜରୁରୀ । ସମାନତା, ସାମାଜିକ ନ୍ୟାୟ ଓ ସ୍ୱାସ୍ଥ୍ୟ ସହ ଜଡ଼ିତ ସାମାଜିକ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ବ୍ୟାପକ କର୍କଟ ଚିକିତ୍ସା ଜରୁରୀ । ତେବେ ବୈଶ୍ୱିକ ସେବା ହାସଲ କରିବା ଲାଗି ଅଧିକ ରାଜନୈତିକ ଇଚ୍ଛାଶକ୍ତି ଦରକାର । ପାକିସ୍ତାନରେ ଶୌକତ ଖାନମ କ୍ୟାନ୍‌ସର ହସ୍ପିଟାଲ ନେଟ୍‌ୱର୍କ ବିଶ୍ୱସ୍ତରୀୟ କର୍କଟ ଚିକିତ୍ସା ପ୍ରଦାନ କରୁଛି । ଦି କିଙ୍ଗ ହୁସେନ କ୍ୟାନ୍‌ସର ସେଣ୍ଟର ଜୋର୍ଡାନରେ କର୍କଟ ଚିକିତ୍ସା ଏବଂ ବୈଜ୍ଞାନିକ ଗବେଷଣା ଦିଗରେ ଯଥେଷ୍ଟ ବିସ୍ତାର କରିଛି ଏବଂ ସିରିଆ ଓ ଲେବାନନର ରୋଗୀଙ୍କୁ ଚିକିତ୍ସା ଯୋଗାଇବା ପାଇଁ ସେଣ୍ଟ ଜୁଡେ ଚିଲ୍‌ଡ୍ରେନ୍ସ ରିସର୍ଚ୍ଚ ହସ୍ପିଟାଲ ଭଳି ଅନ୍ତର୍ଜାତୀୟ ସହଭାଗୀଙ୍କ ସହ କାର୍ଯ୍ୟ କରୁଛି ।




କିନ୍ତୁ ୟୁଏଚ୍‌ସି ଯୋଜନାରେ କର୍କଟ ଚିକିତ୍ସାକୁ ଅନ୍ତର୍ଭୁକ୍ତ କରିବାରେ ଦେଶଗୁଡ଼ିକ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ଉଦାହରଣ ସ୍ୱରୂପ, କେନିଆରେ ବିଭିନ୍ନ କର୍କଟ ନିୟନ୍ତ୍ରଣ ସଙ୍ଗଠନଗୁଡ଼ିକର ସମ୍ମିଳିତ ପ୍ରୟାସ ସେବା ଉପଲବ୍ଧତାକୁ ସମ୍ପ୍ରସାରିତ କରି ଆର୍ଥିକ ପ୍ରତିବନ୍ଧକକୁ ହଟାଇ ଦେଇଛି । କିନ୍ତୁ ଗ୍ରାମୀଣ ଲୋକଙ୍କ ପାଖରେ ପହଞ୍ଚିବା କଷ୍ଟସାଧ୍ୟ ହୋଇଛି । ଇଣ୍ଡୋନେସିଆରେ ଏକ ବିକେନ୍ଦ୍ରିକୃତ ସ୍ୱାସ୍ଥ୍ୟ ବ୍ୟବସ୍ଥା ସ୍ୱାସ୍ଥ୍ୟ ସମାନତା ବୃଦ୍ଧି କରିଛି । ଏପରିକି ଥାଇଲାଣ୍ଡ ମଧ୍ୟ କର୍କଟ ନିୟନ୍ତ୍ରଣର ୬ଟି କ୍ଷେତ୍ର ଯଥା କର୍କଟ ସୂଚନା, ପ୍ରାଥମିକ ନିରାକରଣ, ଶୀଘ୍ର ଚିହ୍ନଟ, ଚିକିତ୍ସା, ଉପଶମକାରୀ ସେବା ଏବଂ କର୍କଟ ନିୟନ୍ତ୍ରଣ ଗବେଷଣାକୁ ୟୁଏଚ୍‌ସି ଯୋଜନାରେ ସାମିଲ କରିଛି । ଏହାବ୍ୟତୀତ ଉପଯୋଗୀ ସେବାଗୁଡ଼ିକର ଉପଯୋଗକୁ ନିଶ୍ଚିତ କରିବା ଲାଗି ଆବଶ୍ୟକ ଜନସଚେତନତା ପଦକ୍ଷେପରେ ଉନ୍ନତି ଆଣିପାରିଛି । ଥାଇ ମଡେଲ ୟୁଏଚ୍‌ସି ଯୋଜନାଗୁଡ଼ିକର ସମ୍ଭାବ୍ୟ ଜନସ୍ୱାସ୍ଥ୍ୟ ଉପକାରିତାକୁ ସାମ୍ନାକୁ ଆଣିଛି, ଯେଉଁଥିରେ ବ୍ୟାପକ କର୍କଟ ଚିକିତ୍ସା ଅନ୍ତର୍ଭୁକ୍ତ । ସେହି ସମ୍ଭାବନାକୁ ଚିହ୍ନଟ କରି ଅନ୍ତର୍ଜାତୀୟ କର୍କଟ ନିୟନ୍ତ୍ରଣ ସଂଘ ବିଶ୍ୱରେ ଜାତୀୟ କର୍କଟ ନିୟନ୍ତ୍ରଣ ରଣନୀତିର ବିକାଶ ଓ ତାହାକୁ କାର୍ଯ୍ୟକାରୀ କରିବା ଲାଗି ବିଭିନ୍ନ ସରକାର ଓ ଅଂଶୀଦାରଙ୍କ ସହିତ ଲଗାତର କାମ କରୁଛି । ଏହା ବ୍ୟତୀତ ସେମାନଙ୍କୁ ଜାତୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରୁଛି । ଏହି ସଂଘରେ ୧୭୦ରୁ ଅଧିକ ଦେଶ ତଥା ବିଭିନ୍ନ କ୍ଷେତ୍ରରୁ ୧୧୫୦ରୁ ଅଧିକ ସଦସ୍ୟ ରହିଛନ୍ତି ।

ଯେଭଳି ଯୋଜନା ବିନା ଏକ ଲକ୍ଷ୍ୟ କେବଳ ଆଶାରେ ରହିଯାଏ, ସେହିଭଳି ଉତ୍ସର୍ଗୀକୃତ ଉତ୍ସ ବିନା ଏକ ଯୋଜନା ମୂଲ୍ୟହୀନ ହୋଇଥାଏ । ଯେପର୍ଯ୍ୟନ୍ତ ଅତ୍ୟାବଶ୍ୟକ କର୍କଟ ସେବାଗୁଡ଼ିକ ମୌଳିକ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ ନ ହୋଇଛି, ସେ ପର୍ଯ୍ୟନ୍ତ ସେବା ଚାହୁଁଥିବା ଅନେକଙ୍କ ପାଇଁ ସେଗୁଡ଼ିକ ମହଙ୍ଗା ଓ ଅପହଞ୍ଚ ହୋଇ ରହିବ । ଯେଉଁଠି ବୀମା ଅଛି, ସେଠାରେ ନିଜ ଖର୍ଚ୍ଚର ସୀମା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରୋଗ ନିର୍ଣ୍ଣୟ ପରେ ବହୁ ସଂଖ୍ୟକ ପରୀକ୍ଷା ଏବଂ ପ୍ରକ୍ରିୟା ଆବଶ୍ୟକ ପଡୁଥିବାରୁ କର୍କଟ ରୋଗୀମାନେ ବୀମାରୁ ଟଙ୍କା କାଟିବା ଆରମ୍ଭ କରିଦେଇଅନ୍ତି । କିନ୍ତୁ ଚିକିତ୍ସା ବହୁ ସମୟରେ ଅନେକ ମାସ କିମ୍ବା ବର୍ଷ ଧରିଚାଲେ ଏବଂ ଏଥିରେ ଅନେକ ଥର ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼େ । ଏହା ସହ ଏଥିରେ ଅନେକ ପରୀକ୍ଷା, ଅସ୍ତ୍ରୋପଚାର, ବିକିରଣ ଚିକିତ୍ସା, ଔଷଧ ଏବଂ ଅନ୍ୟାନ୍ୟ ସେବା ବି ରହିଛି ।

ଏକ ପ୍ରଭାବଶାଳୀ ଜାତୀୟ କର୍କଟ ନିୟନ୍ତ୍ରଣ ରଣନୀତି ନିଶ୍ଚିତ ଭାବରେ କମ୍ ଖର୍ଚ୍ଚ ବିଶିଷ୍ଟ ସେବାର ସୂକ୍ଷ୍ମ ବିଚାରକୁ ପ୍ରତିଫଳିତ କରିବା ଉଚିତ ଯାହା ଅଗ୍ରିମ ଖର୍ଚ୍ଚ, ଦୀର୍ଘସ୍ଥାୟୀ ସଞ୍ଚୟ, ଉନ୍ନତ ମାନର ଜୀବନ ଏବଂ ଉତ୍ପାଦନ ବୃଦ୍ଧିକୁ ବି ସାମିଲ କରେ । ଅସୁସ୍ଥତା ଦୂର କରିବା ପ୍ରତିବଦ୍ଧତା ପ୍ରକାଶ କରିବା ସହ ରଣନୀତିରେ ପ୍ରତ୍ୟେକ ବ୍ୟକ୍ତିର ସାମଗ୍ରିକ ଅଭିଜ୍ଞତାକୁ ସାମିଲ କରିବା ଉଚିତ । ପ୍ରାରମ୍ଭିକ ରୋଗ ଚିହ୍ନଟ ଏବଂ ଚିକିତ୍ସାରେ ଥିବା ଆର୍ଥିକ ଓ ସାଂସ୍କୃତିକ ପ୍ରତିବନ୍ଧକକୁ ଭାଙ୍ଗିବା ପାଇଁ ଏକ ଦୃଢ଼ ସଂକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ । ମିଳିତ ଜାତିସଂଘର ଉଚ୍ଚସ୍ତରୀୟ ବୈଠକ ବିଶ୍ୱ ୟୁଏଚ୍‌ସି କାର୍ଯ୍ୟସୂଚୀରେ କର୍କଟ ସେବାକୁ ଆଗକୁ ବଢ଼ାଇବା ପାଇଁ ଏକ ଅପୂର୍ବ ସୁଯୋଗ ଆଣିଦେଇଛି । ଏହି କାରଣରୁ ବୈଠକର ଚିଠା ପ୍ରସ୍ତାବରେ କର୍କଟ ବିଷୟରେ ଉଲ୍ଲେଖ କରାଯାଇଥିବା ସ୍ୱାଗତଯୋଗ୍ୟ ଖବର । କିନ୍ତୁ ସରକାରଗୁଡ଼ିକ ବଡ଼ ପ୍ରତିଶ୍ରୁତି ଏବଂ ମୌଖିକ ପ୍ରତିବଦ୍ଧତାରେ ଅଟକିଯିବା ଉଚିତ ନୁହେଁ । ୟୁଏଚ୍‌ସିକୁ କାର୍ଯ୍ୟକାରୀ କରିବା ପାଇଁ ଠୋସ୍ ପଦକ୍ଷେପ ନେବା ଦରକାର । ଏଥିରେ ଗୁଣାତ୍ମକ କର୍କଟ ସେବା ଏବଂ ବିଭିନ୍ନ ଅଞ୍ଚଳଗୁଡ଼ିକରେ ଲୋକଙ୍କର ବିବିଧ ଆବଶ୍ୟକତାକୁ ବିଚାରକୁ ନେବା ଆବଶ୍ୟକ । ବୈଶ୍ୱିକ ସ୍ୱାସ୍ଥ୍ୟ ଅସମାନତାରେ କ୍ୟାନ୍‌ସର ସେବା ଯେଭଳି ହଜି ନ ଯାଏ, ତାହା ମଧ୍ୟ ନିଶ୍ଚିତ କରିବାକୁ ପଡ଼ିବ ।

**ହେଡ୍ ଅଫ୍ ନଲେଜ୍ ଆଣ୍ଡ ଆଡ୍‌ଭୋକେସି,**
**ଅନ୍ତଃରାଷ୍ଟ୍ରୀୟ କ୍ୟାନ୍‌ସର ନିୟନ୍ତ୍ରଣ ସଂଘ**

## ଏଇ ଭାରତରେ

ତ୍ରିପୁରାରେ ବାଲ୍ୟବିବାହ ବନ୍ଦ କରିବା ସହ ପଢ଼ା ଛାଡୁଥିବା ଝିଅମାନଙ୍କୁ ପୁଣି ସ୍କୁଲକୁ ଫେରାଇ ଆଣିବା ଲାଗି ଆଇଏଏସ୍ ଅଧିକାରୀ ସାଜୁ ବହିଦଙ୍କ ପ୍ରୟାସ ପ୍ରଶଂସନୀୟ । ସେ ଦକ୍ଷିଣ ତ୍ରିପୁରା ଜିଲାର ଜିଲାପାଳ ଅଛନ୍ତି । ପ୍ରତି ୧୦ ଜଣରେ ଜଣେ ଝିଅ ୧୮ ବର୍ଷ ବୟସ ପୂର୍ବରୁ ତ୍ରିପୁରାରେ ବିବାହ କରୁଥିବାରୁ ସେଠାରେ ଏଭଳି ଏକ ପ୍ରଥାକୁ ରୋକିବା ଲାଗି ସେ ଜିଲାର ୧୫୮ଟି ସ୍କୁଲରେ ସ୍କୁଲ କ୍ଲବ ସହିତ ମଞ୍ଚ ଗଠନ କରାଯାଇଛି । ଏହାର ନାମ ରଖିଥିଲେ 'ବାଳିକା ମଞ୍ଚ' ଓ ଏହା ମାଧ୍ୟମରେ ବହିଦ କାର୍ଯ୍ୟ ସଂଚାଳନ କରୁଛନ୍ତି । ଏହି ମଞ୍ଚ ୨୦୨୦ରେ ଜିଲାର ପୂର୍ବତନ ଜିଲାପାଳ ଦେବପ୍ରିୟ ବର୍ଦ୍ଧନଙ୍କ ଦ୍ୱାରା ଗଠନ କରାଯାଇଥିଲା । କୋଭିଡ୍‌ରେ ଏହା ବନ୍ଦ ରହିଥିଲା ଓ ପରେ ବହିଦ ତାକୁ ପୁନର୍ଗଠନ କରିଛନ୍ତି । ସ୍କୁଲରେ ଗଠିତ ବାଳିକା ମଞ୍ଚର ଅଧ୍ୟକ୍ଷା ରହିଛନ୍ତି ଜଣେ ଶିକ୍ଷୟିତ୍ରୀ ଓ ଜଣେ ଛାତ୍ରୀ ସଂଯୋଜକ ଭାବେ କାର୍ଯ୍ୟ କରୁଛନ୍ତି । ୬-୧୨ ଶ୍ରେଣୀର ଝିଅମାନେ କ୍ଲବର ସଦସ୍ୟ ଅଛନ୍ତି । ବାଲ୍ୟବିବାହ ସମ୍ପର୍କରେ ଖବର ପାଇବା କ୍ଷଣି ଏହି ମଞ୍ଚ ଜିଲାପାଳଙ୍କୁ ଅବଗତ କରୁଛି । ପରେ ଜିଲାପାଳ ସ୍ଥାନୀୟ ଅଧିକାରୀମାନଙ୍କ ସହାୟତାରେ ତାହାକୁ ରୋକିପାରୁଛନ୍ତି । ଗତ ବର୍ଷ ୯୦ଟି ବାଲ୍ୟବିବାହକୁ ରୋକାଯାଇଛି । ତେବେ ଏବେ ସୁଦ୍ଧା ଜିଲାରେ ମୋଟ ୯୦% ବାଲ୍ୟବିବାହ ବନ୍ଦ କରାଯାଇପାରିଛି । ଏହା ବ୍ୟତୀତ ଯେଉଁ ଛାତ୍ରୀ ସପ୍ତାହରୁ ଅଧିକ ସମୟ ସ୍କୁଲକୁ ଆସୁନାହାନ୍ତି ସେମାନଙ୍କ ଘରେ ଏହି ମଞ୍ଚ ପହଞ୍ଚି ବାସ୍ତବତା ଅନୁଧ୍ୟାନ କରୁଛନ୍ତି ଓ ପିଲାକୁ ବୁଝାଇ ପୁଣି ସ୍କୁଲକୁ ଆଣିବାରେ ସକ୍ଷମ ହେଉଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୨୨ ସେପ୍ଟେମ୍ବର ୧୯୯୮

- ପ୍ରସ୍ତାବିତ ଉତ୍ତରାଞ୍ଚଳ ରାଜ୍ୟରେ ହରିଦ୍ୱାର ଜିଲାକୁ ସାମିଲ ନ କରିବା ପାଇଁ ଉତ୍ତର ପ୍ରଦେଶ ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ।
- ବହୁ ବିତର୍କିତ ବିହାର ପୁନର୍ଗଠନ ବିଲ ରାଜ୍ୟ ବିଧାନସଭାରେ ୧୮୧-୧୦୭ ଭୋଟ ବ୍ୟବଧାନରେ କାଟ୍ ଖାଇଯାଇଛି ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | 9 | | | 7 | | |
| 4 | | | | | 7 | | 1 | |
| | | | | 6 | | | | 4 |
| 6 | | | | | 1 | | | 5 |
| | 7 | | 4 | | | | 8 | 2 |
| 3 | | | | 5 | | 4 | | |
| | 8 | 7 | | | | | 5 | |
| | | | | | | | 6 | |
| | | | | 2 | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 8 | 2 | 3 | 7 | 6 | 9 | 5 |
| 9 | 2 | 7 | 5 | 4 | 6 | 8 | 1 | 3 |
| 6 | 3 | 5 | 9 | 8 | 1 | 7 | 2 | 4 |
| 4 | 8 | 9 | 7 | 1 | 3 | 2 | 5 | 6 |
| 2 | 1 | 6 | 4 | 5 | 9 | 3 | 7 | 8 |
| 5 | 7 | 3 | 6 | 2 | 8 | 9 | 4 | 1 |
| 8 | 6 | 2 | 1 | 9 | 5 | 4 | 3 | 7 |
| 3 | 9 | 1 | 8 | 7 | 4 | 5 | 6 | 2 |
| 7 | 5 | 4 | 3 | 6 | 2 | 1 | 8 | 9 |

ଗତକାଲିର ଉତ୍ତର



# ଏକ ଅଧୁରା ବିଲ୍

ଭାଲଚନ୍ଦ୍ର ଷଡ଼ଙ୍ଗୀ

କେନ୍ଦ୍ର ସରକାରଙ୍କ ଦ୍ୱାରା ତରବରିଆ ଭାବେ ଡକାଯାଇଥିବା ସଂସଦର ବିଶେଷ ଅଧିବେଶନରେ ବହୁଚର୍ଚ୍ଚିତ ମହିଳା ସଂରକ୍ଷଣ ବିଲ୍('ନାରୀଶକ୍ତି ବନ୍ଦନା ଅଧିନିୟମ - ୨୦୨୩' ନାମରେ ନାମିତ) କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ସିଂ ମେଘୱାଲ ସଂସଦରେ ଉପସ୍ଥାପନ କରିବା ପରେ ତାହା ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଗୃହୀତ ହୋଇଯାଇଛି । ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇବା ପରେ ଏହା ଆଇନରେ ପରିଣତ ହେବ । ତେବେ ମହିଳା ସଂରକ୍ଷଣ ବିଲ୍‌କୁ ଆଣିବା ପରି ଯେଉଁ ପବିତ୍ର କାର୍ଯ୍ୟଟି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଦାବି କରିଛନ୍ତି, ତାହା କୌଣସି ନୂଆ ନୁହେଁ । ତାଙ୍କ ପୂର୍ବରୁ ଅନ୍ୟ ପ୍ରଧାନମନ୍ତ୍ରୀମାନେ ମଧ୍ୟ ଏ ଦିଗରେ ଅନେକ ପ୍ରୟାସ କରିଛନ୍ତି । ୧୯୯୬ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଦେବଗୌଡ଼ାଙ୍କ ମିଳିତ ସାମ୍ମୁଖ୍ୟ ସରକାର ହିଁ ସର୍ବପ୍ରଥମେ ମହିଳା ସଂରକ୍ଷଣ ବିଲ୍‌କୁ ଉପସ୍ଥାପନ କରିଥିଲେ । ତେବେ ବିଲ୍‌ରେ ଓବିସି ମହିଳାଙ୍କ ପାଇଁ କୋଟାର ପ୍ରସଙ୍ଗକୁ ନେଇ ସରକାରଙ୍କ ମେଣ୍ଟଭୁକ୍ତ ଦଳମାନଙ୍କ ମଧ୍ୟରେ ସହମତି ହୋଇ ନ ପାରିବାରୁ ଏହା ପାସ୍ ହୋଇପାରି ନ ଥିଲା । ପରେ ୧୯୯୮ ଓ ୨୦୦୪ରେ ବାଜପେୟୀଙ୍କ ସରକାର ସମୟରେ ଏହି ବିଲ୍ ଆଗତ ହୋଇଥିଲେ ମଧ୍ୟ ଉତ୍ତର ଭାରତର ଓବିସି ନେତାମାନଙ୍କ ଦୃଢ଼ ବିରୋଧ ଯୋଗୁ ଗୃହୀତ ହୋଇପାରି ନ ଥିଲା । ପରେ ମନମୋହନ ସିଂଙ୍କ ନେତୃତ୍ୱାଧୀନ ଉପା ସରକାର ସମୟରେ ୨୦୧୦ରେ ମହିଳା ସଂରକ୍ଷଣ ବିଲ୍ ରାଜ୍ୟ ସଭାରେ ପାସ୍ ହୋଇଥିଲେ ମଧ୍ୟ ଓବିସି କୋଟା ପ୍ରସଙ୍ଗକୁ ନେଇ ଅନୁରୂପ ବିରୋଧ ଲାଗି ତାହା ଲୋକ ସଭାରେ ଗୃହୀତ ହୋଇପାରି ନ ଥିଲା । ଅତଏବ ମହିଳା ସଂରକ୍ଷଣ ବିଲ୍ ପାଇଁ କେବଳ ବର୍ତ୍ତମାନର ସରକାର ହିଁ ଶ୍ରେୟ ନେବା ଠିକ୍ ନୁହେଁ । ବରଂ ଆଜି ଏହା ଆଇନର ରୂପ ନେବା ଦୀର୍ଘ ୨୭ ବର୍ଷର ଉଦ୍ୟମର ପରିଣାମ ବୋଲି କୁହାଯାଇପାରେ ।

ଯଦିଓ କେନ୍ଦ୍ର ସରକାର ବର୍ତ୍ତମାନର ବିଲ୍‌ଟିକୁ ଐତିହାସିକ ବୋଲି କହିଛନ୍ତି, କିନ୍ତୁ ତାହା ଉପା ସରକାରଙ୍କ ଦ୍ୱାରା ଅଣାଯାଇଥିବା 'ମହିଳା ସଂରକ୍ଷଣ ବିଲ୍-୨୦୦୮'ର ଏକ ସଂଶୋଧିତ ରୂପ ମାତ୍ର । ତୁଳନାତ୍ମକ ଭାବେ ଦେଖିଲେ ବର୍ତ୍ତମାନର ବିଲ୍ ତୁଳନାରେ ପୂର୍ବର ବିଲ୍‌ଟି ହିଁ ଅଧିକ ପ୍ରଗତିଶୀଳ ଥିଲା । ପୂର୍ବ ବିଲ୍‌ରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ କୌଣସି ସର୍ତ୍ତ ରଖାଯାଇ ନ ଥିବା ବେଳେ ବର୍ତ୍ତମାନର ବିଲ୍‌ରେ ତାକୁ ଅନେକଗୁଡ଼ିଏ ଅନାବଶ୍ୟକ ସର୍ତ୍ତ ମଧ୍ୟରେ ବାନ୍ଧି ଦିଆଯାଇଛି । ମହିଳା ସଂରକ୍ଷଣର କାର୍ଯ୍ୟକାରିତାକୁ ଜନଗଣନା ଓ ନିର୍ବାଚନମଣ୍ଡଳୀ ପରିସୀମା ସଂଶୋଧନ ପ୍ରକ୍ରିୟା ସହ ଯୋଡ଼ି ଦିଆଯାଇଛି । ବିଲ୍‌ରେ ଲେଖାଯାଇଛି ଯେ ଏହା ଆଇନରେ ପରିଣତ ହେବା ପରେ ଯେଉଁ ପ୍ରଥମ ଜନଗଣନା ହେବ ତା'ର ତଥ୍ୟ ପ୍ରକାଶ ପାଇବା ପରେ ଏବଂ ତା'ର ଆଧାରରେ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ ବା ଡିଲିମିଟେସନ୍ ପରେ ଯାଇ ହିଁ ଏହା କାର୍ଯ୍ୟକାରୀ ହେବ । ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ସହ ଜନଗଣନା କିମ୍ବା ଡିଲିମିଟେସନ୍ ପ୍ରକ୍ରିୟାର କ'ଣ ସମ୍ପର୍କ ବୁଝିହେଉ ନାହିଁ । କାରଣ ୨୦୨୧ରେ ସମ୍ପୂର୍ଣ୍ଣ ହେବାକୁ ଥିବା ଜନଗଣନା କାର୍ଯ୍ୟକ୍ରମ ଏଯାଏ ଆରମ୍ଭ ହୋଇନାହିଁ । କେନ୍ଦ୍ର ସରକାର ବିଭିନ୍ନ ଆଳରେ ଏହି ଜନଗଣନାର କାର୍ଯ୍ୟକ୍ରମକୁ ଏଯାଏ ଛଅଥର ସ୍ଥଗିତ ରଖିଲେଣି । ଯେହେତୁ ଜନଗଣନା ସହିତ ସରକାର ବିବାଦୀୟ ଜାତୀୟ ଜନସଂଖ୍ୟା ପଞ୍ଜୀକରଣ (ଏନ୍‌ପିଆର୍) କରି ଦେଶର ଅନେକ ଲୋକଙ୍କୁ ନାଗରିକତାରୁ ବଞ୍ଚିତ କରିବାକୁ ଚାହୁଁଛନ୍ତି, ତେଣୁ ତାକୁ ସେତେବେଳେ ବିରୋଧ ହୋଇଥିଲା । ଏହା ସହିତ ଜାତିଗତ ଜନଗଣନା କରିବାର ଯେଉଁ ଚାପ ରହିଛି, ତାକୁ ଏଡ଼େଇବା ପାଇଁ ବି ଜନଗଣନା କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଚାଲିଛନ୍ତି ବୋଲି କୁହାଯାଉଛି । ଅତଏବ ଏହି ପ୍ରକ୍ରିୟାଟି କେବେ ଆରମ୍ଭ ହେବ ଓ କେବେ ସମାପ୍ତି ହେବ ତା'ର କୌଣସି ନିଶ୍ଚିତତା ନାହିଁ ।



ସରକାରଙ୍କ ଯଦି ଆନ୍ତରିକତା ଥାଆନ୍ତା, ତା'ହେଲେ ମହିଳାଙ୍କ ପାଇଁ ସଂରକ୍ଷଣକୁ ବିନା କୌଣସି ସର୍ତ୍ତରେ ତୁରନ୍ତ ଲାଗୁ କରି ପାରିଥା'ନ୍ତେ । ଆଗାମୀ କିଛି ମାସ ମଧ୍ୟରେ ହେବାକୁ ଥିବା ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ଓ ୨୦୨୪ ଲୋକ ସଭା ନିର୍ବାଚନରେ ଏହାକୁ ଆରମ୍ଭ କରାଯାଇ ପାରନ୍ତା । କିନ୍ତୁ ବିଲ୍‌ରେ ଥିବା ସର୍ତ୍ତ ଅନୁଯାୟୀ କମ୍ ସେ କମ୍ ଆସନ୍ତା ୨୦୨୯ ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ । ଏଠାରେ ପ୍ରଶ୍ନ ଉଠେ, ଯଦି ମହିଳାଙ୍କ ପାଇଁ ସଂରକ୍ଷଣକୁ ଏଭଳି ଆହୁରି ସାତ ଆଠ ବର୍ଷ ପରେ ଲାଗୁ କରିବାର ଥିଲା, ତା'ହେଲେ ଗତ ସାଢ଼େ ନଅ ବର୍ଷ ଧରି ସରକାର ଏନେଇ ନୀରବତା ଅବଲମ୍ବନ କରିଥିଲେ କାହିଁକି ? ବର୍ତ୍ତମାନ ତରବରିଆ ଭାବେ ସଂସଦର ବିଶେଷ ଅଧିବେଶନ ଡାକି ଏହି ବିଲ୍‌ଟିକୁ ଆଣିଲେ କାହିଁକି ? ରାଜନୈତିକ ଫାଇଦା ପାଇଁ ତରବରିଆ ଭାବେ ଅଣାଯାଇଥିବା ବର୍ତ୍ତମାନର ମହିଳା ସଂରକ୍ଷଣ ବିଲ୍‌ଟିରେ ଅନେକ ଦୁର୍ବଳତା ରହିଛି । ଏଥିରେ ମାତ୍ର ୧୫ ବର୍ଷ ପାଇଁ ହିଁ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି । କ'ଣ ୧୫ ବର୍ଷ ପରେ ଦେଶରେ ନାରୀ ପୁରୁଷ ସମାନତା ଆସିଯିବ ନା ସଂସଦ ଓ ବିଧାନସଭାରେ ମହିଳା ସଦସ୍ୟାଙ୍କ ହାର ସ୍ୱତଃ ୩୩% ହୋଇଯିବ ? ପୁଣି ୨୦୧୦ର ବିଲ୍‌ରେ ଚକ୍ରାକାରରେ ଦେଶର ସବୁ ନିର୍ବାଚନମଣ୍ଡଳୀ ମହିଳାଙ୍କ ପାଇଁ ସଂରକ୍ଷିତ ହେବ ବୋଲି କୁହାଯାଇଥିବା ବେଳେ ବର୍ତ୍ତମାନର ବିଲ୍‌ରେ ସେ ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ । ପୁରୁଣା ବିଲ୍‌ରେ ପ୍ରତି ରାଜ୍ୟର ମୋଟ ଲୋକ ସଭା ନିର୍ବାଚନମଣ୍ଡଳୀର ଏକ ତୃତୀୟାଂଶ ସଂରକ୍ଷିତ ହେବ ବୋଲି କୁହାଯାଇଥିବା ବେଳେ ଚଳିତ ବିଲ୍‌ରେ କେବଳ ଜାତୀୟ ସ୍ତରରେ ଏକ ତୃତୀୟାଂଶ ଆସନର ସଂରକ୍ଷଣର କଥା କୁହାଯାଇଛି । ସେପରି ହେଲେ ସଂରକ୍ଷଣ ଏକପାଖିଆ ହେବାର ସମ୍ଭାବନା ରହିଛି । ସବୁ ରାଜ୍ୟର ୩୩% ଆସନ ସଂରକ୍ଷିତ ନ ହୋଇ ହୁଏତ କେଉଁ ରାଜ୍ୟରେ ୩୩%ରୁ ବେଶି ତ କେଉଁ ରାଜ୍ୟରେ ବହୁତ କମ୍ ହେବାର ସମ୍ଭାବନା ରହିଛି । ଉଦ୍‌ବେଗଜନକ କଥା ହେଲା, ବିଲ୍‌ରେ ଦେଶର ରାଜ୍ୟ ସଭା ଓ ବିଧାନ ପରିଷଦଗୁଡ଼ିକୁ ମହିଳା ସଂରକ୍ଷଣ ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି । ଏହାର ଅର୍ଥ ହେଲା, ମହିଳାଙ୍କୁ ସଂରକ୍ଷଣ ଦେବାରେ ସରକାର ଏକ ଅଧା ଅଧୁରା ଉଦ୍ୟମ କରିଛନ୍ତି ।

ବର୍ତ୍ତମାନ ଲୋକ ସଭାରେ ୭୮ ଜଣ (୧୪%) ଓ ରାଜ୍ୟ ସଭାରେ ୩୨ ଜଣ (୧୧%) ମହିଳା ସାଂସଦ ରହିଥିବା ବେଳେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମାତ୍ର ୭% ମହିଳା ମନ୍ତ୍ରୀ ରହିଛନ୍ତି । ଦେଶର ବିଧାନସଭାରେ ମହିଳା ବିଧାୟକଙ୍କ ସଂଖ୍ୟା ୧୦%ରୁ ବି କମ୍ ରହିଛି । ଅନ୍ୟପଟେ ଫ୍ରାନ୍ସ, ସ୍ପେନ୍, ମେକ୍ସିକୋ, ନିକାରାଗୁଆ, ନ୍ୟୁଜିଲାଣ୍ଡ, ୟୁଏଇ, କ୍ୟୁବା, ରାୱାଣ୍ଡା ଏପରି କି ଆମର ପଡ଼ୋଶୀ ନେପାଳ ପରି ବିଶ୍ୱର ଅନେକଗୁଡ଼ିଏ ଦେଶରେ ୫୦%ରୁ ଅଧିକ ମହିଳା ସାଂସଦ ଅଛନ୍ତି । ଏଭଳି ପରିସ୍ଥିତିରେ ମହିଳାଙ୍କ ପାଇଁ ୫୦% ବଦଳରେ ୩୩% ସ୍ଥାନ ସଂରକ୍ଷଣ କରିବାର ସରକାରୀ ଯୁକ୍ତିଟି ବୁଝିହେଉ ନାହିଁ ।

**ମୋ:୯୪୩୭୧୬୭୩୯୧**



# ଆତଙ୍କବାଦୀ ଆକ୍ରମଣ ଓ କଶ୍ମୀର

ସୌଭାଗ୍ୟ ରଞ୍ଜନ ମହାନ୍ତି

ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲାର ଗଡୋଲ ଅଞ୍ଚଳରେ ଆତଙ୍କବାଦୀଙ୍କ ଆକ୍ରମଣରେ ସେନାର ୪ ଯବାନ ଶହୀଦ ହେବା ଘଟଣା ଜମ୍ମୁ-କଶ୍ମୀର ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟା ପ୍ରତି କେବଳ ଏକ ନୂତନ ଚାଲେଞ୍ଜ ଭାବେ ଉଭା ହୋଇନାହିଁ, ଶାନ୍ତି ପ୍ରକ୍ରିୟା ଉପରେ ଏକ କଳାଦାଗ ସୃଷ୍ଟି କରିପାରିଛି ବୋଲି କୁହାଯାଇପାରିବ । କହିବା ବାହୁଲ୍ୟ ଯେ, ୨୦୧୯ ଅଗଷ୍ଟ ୫ ତାରିଖ ଦିନ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଏବଂ ରାଜ୍ୟ ମାନ୍ୟତା ପ୍ରତ୍ୟାହାର କରି ଜମ୍ମୁ-କଶ୍ମୀର ଓ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଗଠନ ପରେ ଅର୍ଥାତ୍ ଦୀର୍ଘ ସାଢେ ୩ବର୍ଷରେ ଉପତ୍ୟକାରେ ଏହା ହେଉଛି ସବୁଠାରୁ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ । ଉଲ୍ଲେଖଯୋଗ୍ୟ ଯେ, ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ କରାଇବା ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ସହକାରେ ବିଚାର ବିମର୍ଷ କରୁଥିବା ସମୟରେ ଏବଂ ତୃଣମୂଳ ସ୍ତରରେ ଗଣତନ୍ତ୍ର ପୁନଃ ପ୍ରତିଷ୍ଠା ଆସନ୍ତା ଅକ୍ଟୋବର ମାସରେ ଗ୍ରାମପଞ୍ଚାୟତ ଏବଂ ସ୍ୱାୟତ୍ତ ଶାସନ ସଂସ୍ଥାରେ ନିର୍ବାଚନ କରିବା ଲାଗି ସରକାରୀ କାର୍ଯ୍ୟସୂଚୀ ଘୋଷଣା କରିଥିବାବେଳେ ସୀମାପାର ଆତଙ୍କବାଦୀ ବଡ଼ ଧରଣର ଆକ୍ରମଣ ଏହାକୁ ଭଣ୍ଡୁର କରିବା ପାଇଁ ଏକ ଷଡ଼ଯନ୍ତ୍ର ବ୍ୟତୀତ ଅନ୍ୟ କିଛି ନୁହେଁ । ଅନନ୍ତନାଗ ଜିଲାର ଗଡୋଲ ତଥା ପୀର ପାୱାର ଅଞ୍ଚଳରେ ଆତଙ୍କବାଦୀଙ୍କ ଆକ୍ରମଣରେ କଲୋନେଲ ମନପ୍ରୀତ୍ ସିଂହ, ମେଜର ଆଶିଷ ଧୋନଚାକ ଏବଂ ପୋଲିସ ଡିଏସ୍‌ପି ହୁମାୟନ ଭଟ୍ଟ ଏନ୍‌କାଉଣ୍ଟରରେ ଶହୀଦ ହୋଇଥିବାବେଳେ ଗୁଳିମାଡ଼ରେ ଗୁରୁତର ଆହତ ଅନ୍ୟଜଣେ ଯବାନ ହସ୍‌ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଏହି ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନର ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ହାତ ଥିବା ରିପୋର୍ଟ ପ୍ରକାଶ ପାଇଛି । ଏହି ଆକ୍ରମଣ ଘଟଣା ଜମ୍ମୁ-କଶ୍ମୀର ପୀର ଫଂଜାଲ ଅଞ୍ଚଳ ଏବେ ଆତଙ୍କବାଦୀଙ୍କ ନୂଆ ଆଡ୍‌ଡା ସ୍ଥଳୀରେ ପରିଣତ ହୋଇଛି ବୋଲି କୁହାଯାଇପାରେ ।

ଉଲ୍ଲେଖଯୋଗ୍ୟ ଯେ, ପୀର ଫଂଜାଲ ଅଞ୍ଚଳରେ ୨୦୨୧ ଜାନୁୟାରୀଠାରୁ ୨୦୨୩ ମେ' ୩୦ ମଧ୍ୟରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୪ଜଣ ସୁରକ୍ଷାକର୍ମୀ ଶହୀଦ ହୋଇଥିବାବେଳେ ୭୫ଜଣ ସାଧାରଣ ନାଗରିକ ନିହତ ହୋଇଛନ୍ତି । କିନ୍ତୁ ସହସଂଗଠିତ ଆତଙ୍କବାଦୀ ଆକ୍ରମଣ ଏବଂ କେନ୍ଦ୍ର ଓ ରାଜ୍ୟ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି, ଏଥିରେ ସନ୍ଦେହ ନାହିଁ । ଏହା ନିଶ୍ଚିତ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଏବଂ ରାଜ୍ୟ ମାନ୍ୟତା ପ୍ରତ୍ୟାହାର ପରେ ଆତଙ୍କବାଦୀ ଆତଙ୍କବାଦର ନୂଆ ନୂଆ କୌଶଳ ଅବଲମ୍ବନ କରିଥିଲେ ମଧ୍ୟ ୪ ଯବାନ ଶହୀଦ ହେବା ପ୍ରଥମ ଘଟଣା । ଗତ ୪୦ ମାସ ରାଜ୍ୟରେ କାଁ ଭାଁ ଆକ୍ରମଣ ବ୍ୟତୀତ ବଡ଼ ଧରଣର ଆତଙ୍କବାଦୀ ହିଂସାକାଣ୍ଡ ଘଟି ନ ଥିଲା । ପରିସ୍ଥିତି ଏବଂ ପରିବେଶ ଏକ ପ୍ରକାର ଶାନ୍ତ ରହିଆସିଥିଲା । ଆତଙ୍କବାଦୀଙ୍କ ହିଂସାକାଣ୍ଡ ମଧ୍ୟ ଆଶାତୀତ ଭାବେ ହ୍ରାସ ପାଇଥିଲା । ଏକ ରିପୋର୍ଟରୁ ଜଣାଯାଇଛି ଯେ, ଚଳିତବର୍ଷ ଆରମ୍ଭରୁ ଜୁଲାଇ ୩୧ ତାରିଖ ସୁଦ୍ଧା ୩୦ଟି ଆତଙ୍କବାଦୀ ହିଂସାକାଣ୍ଡ ସଂଗଠିତ ହୋଇଥିବାବେଳେ ୨୦୨୨ରେ ଏହି ସମୟ ମଧ୍ୟରେ ୧୨୫ଟି ହିଂସାକାଣ୍ଡ ଘଟଣା ଘଟିଥିଲା । ଏହା ସତ୍ତ୍ୱେ ଦେଶର ଭୂସ୍ୱର୍ଗ ଭାବେ ପରିଚିତ କଶ୍ମୀର ଉପତ୍ୟକାକୁ ଗତବର୍ଷ ୧କୋଟି ୮୮ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆସିଥିବା ସରକାରୀ ରିପୋର୍ଟରୁ ଜଣାଯାଇଛି । ଏଥିରେ ବୋଧହୁଏ କେହି ଦ୍ୱିମତ ହେବେ ନାହିଁ ଯେ, ପାକିସ୍ତାନରେ ରାଜନୈତିକ ଅସ୍ଥିରତା, ଉତ୍କଟ ଦାରିଦ୍ର୍ୟ, ଆକାଶଛୁଆଁ ଦରଦାମ ଏବଂ ଲୋକେ ଭୋକ ଉପାସରେ ରହୁଥିବାବେଳେ ଭାରତରେ ଶାସନରେ ସ୍ଥିରତା, ବିଭିନ୍ନ କ୍ଷେତ୍ରରେ ପ୍ରଗତି, ଚନ୍ଦ୍ର ଅଭିଯାନରେ ଐତିହାସିକ ସଫଳତା ଏବଂ ବିଶ୍ୱ ଦରବାରରେ ପ୍ରତିଷ୍ଠାକୁ ସହ୍ୟ କରିପାରି ଆତଙ୍କବାଦୀଙ୍କୁ ଆୟୁଧ କରି ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ ।

ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି 'ପାକ୍ ଅଧିକୃତ କଶ୍ମୀର' (ପୋକ୍)ର ଜନସାଧାରଣ ଭାରତରେ ମିଶିବା ପାଇଁ ଇସ୍‌ଲାମବାଦ ବିରୋଧରେ ବିଦ୍ରୋହ ଘୋଷଣା କରିଥିବା ସମୟରେ କଶ୍ମୀର-ଲସ୍କର-ଇ-ତୋଇବା ହିଂସାକାଣ୍ଡ ଭିଆଇଛି । କେବଳ ଏତିକି ନୁହେଁ, କଶ୍ମୀରର ପ୍ରକୃତ ନିୟନ୍ତ୍ରଣରେଖା ସୀମାନ୍ତ ଅଞ୍ଚଳରେ ଏବେ ବହୁ ଆତଙ୍କବାଦୀ ତାଲିମ ଶିବିର ପ୍ରତିଷ୍ଠା ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି । ଏହା ଯଦି ସତ୍ୟ ହୋଇଥାଏ, ତେବେ ଆତଙ୍କବାଦୀଙ୍କ ଅନୁପ୍ରବେଶ ପ୍ରତି ସତର୍କ ରହିବା ଜରୁରୀ ।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**
**ମୋ-୯୪୩୭୯୯୪୩୭୯**

## ପାଠକ ଶ୍ରେଷ୍ଠ ବିଚାରକ

### ସୋସିଆଲ ମିଡିଆ ଉପରେ କଟକଣା ରହୁ

ମହାଶୟ,

ପିଲାମାନଙ୍କର ସୋସିଆଲ ମିଡିଆ ବ୍ୟବହାର କରିବାର ବୟସ ସୀମା ରହିବା ଦରକାର । କାରଣ ପାଠ ପଢ଼ିବା ବୟସରେ ସେମାନେ ଅଧିକ ସମୟ ମୋବାଇଲ ବ୍ୟବହାର କରୁଛନ୍ତି ଏବଂ ସୋସିଆଲ ମିଡିଆ ଚଳାଉଛନ୍ତି । ନିର୍ଦ୍ଦିଷ୍ଟ ବୟସସୀମା ଏବଂ ଜରୁରୀ ସୂଚନା ପ୍ରଦାନ କରିବାକୁ ନିୟମ ରହିବା ଦରକାର । ସୋସିଆଲ ମିଡିଆରେ ଆସୁଥିବା ଆପତ୍ତିଜନକ ଭିଡିଓ, ଫଟୋ ଆଦି ବିଷୟବସ୍ତୁଗୁଡ଼ିକ ଉପରେ ବି କଟକଣା ଲଗାଯାଉ । ପିଲାମାନେ ସାମାଜିକ ଗଣମାଧ୍ୟମରେ ଅଳ୍ପ ସମୟ ମଧ୍ୟରେ ନିଜକୁ ପରିଚିତ କରିବା ପାଇଁ ଅନେକ ଉପାୟ ବାହାର କରୁଛନ୍ତି ; ଯେଉଁଥିରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେବଳ ସୋସିଆଲ ମିଡିଆ ନୁହେଁ, ଇଣ୍ଟରନେଟ ବ୍ୟବହାର କରିବାରେ ମଧ୍ୟ କଠୋର ନିୟମ ଲାଗୁ କରାଯାଉ । କର୍ଣ୍ଣାଟକ ହାଇକୋର୍ଟ ଏହି ଦିଗରେ ପଦକ୍ଷେପ ନେବା ପାଇଁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ବୟସ ସୀମା ୨୧ ବର୍ଷ ରଖିବାକୁ କୋର୍ଟ କହିଛନ୍ତି । ଏହି ଦିଗରେ ଏବେଠାରୁ ପଦକ୍ଷେପ ନ ନେଲେ ଆଗକୁ ବିଭିନ୍ନ ପ୍ରକାର ସମସ୍ୟାମାନ ସୃଷ୍ଟି ହୋଇପାରେ ।

**– ଚନ୍ଦନ ପ୍ରସାଦ ଦାଶ, ଭୁବନେଶ୍ୱର**

## ଚିରନ୍ତନୀ

ଜଳିଉଠୁ ଜଳେ ସ୍ଥଳେ ଉଜ୍ଜ୍ୱଳାଇ
ସକଳ ମେଦିନୀ
ତୀକ୍ଷ୍ଣ ତାର ରଶ୍ମିଲାଗି ହସି ଉଠୁ
ତିମିର ଯାମିନୀ ।

–(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜାନୁୟାରୀରେ ପାକିସ୍ତାନ ନିର୍ବାଚନ

ଇସ୍‌ଲାମାବାଦ,୨୧।୯

ଆସନ୍ତାବର୍ଷ ଜାନୁୟାରୀ ଶେଷ ସପ୍ତାହରେ ପାକିସ୍ତାନରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପାକିସ୍ତାନ ନିର୍ବାଚନ କମିଶନ ଗୁରୁବାର ଘୋଷଣା କରିଛନ୍ତି। ପାକିସ୍ତାନରେ ବର୍ତ୍ତମାନ ଅର୍ଥନୈତିକ ଅସ୍ଥିରତା ଲାଗି ରହିଥିବାବେଳେ ଠିକଣା ସମୟରେ ନିର୍ବାଚନ କରାଇବାକୁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଚାପ ପ୍ରୟୋଗ କରି ଆସୁଥିଲେ ବୋଲି କମିଶନ କହିଛନ୍ତି। ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ସମୀକ୍ଷା ଏବଂ ଏହାର ତାଲିକା ସେପ୍ଟେମ୍ବର ୨୭ତାରିଖରେ ପ୍ରକାଶ ପାଇବ। ଏହାପରେ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ଅଭିଯୋଗ ଦାଖଲ କରିପାରିବେ। ଅଭିଯୋଗଗୁଡ଼ିକର ଶୁଣାଣି ପରେ ନଭେମ୍ବର ୩୦ରେ ଶେଷ ତାଲିକା ପ୍ରକାଶ ପାଇବ। ଏହା ନିର୍ବାଚନସୂଚୀ ଅନୁସାରେ ଅନୁଷ୍ଠିତ ହେବ। ସୀମା ପୁନଃ ନିର୍ଦ୍ଧାରଣ ପରେ ୫୪ ଦିନିଆ ନିର୍ବାଚନ କାର୍ଯ୍ୟକ୍ରମ ଘୋଷଣା କରାଯିବ ଏବଂ ଦେଶର ସାଧାରଣ ନିର୍ବାଚନ ୨୦୨୪ ଜାନୁୟାରୀ ଶେଷ ସପ୍ତାହରେ ଅନୁଷ୍ଠିତ ହେବ ବୋଲି କମିଶନ କହିଛନ୍ତି।

### ମଣିପୁରରେ ତଲାସି ଅଭିଯାନ, ବିପୁଳ ଅସ୍ତ୍ରଶସ୍ତ୍ର ଜବତ

ଇମ୍ଫାଲ,୨୧।୯

ହିଂସା ପ୍ରଭାବିତ ମଣିପୁରର ବିଭିନ୍ନ ଜିଲାରେ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେଶନ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଥିବା ପୋଲିସ କହିଛି। ଏଥିସହ ୧୨୭ଟି ଚେକ୍ ପୋଷ୍ଟ ନିର୍ମାଣ କରାଯିବା ସହ ଆଇନ ଅମାନ୍ୟ ଅଭିଯୋଗରେ ୮୭୩ ଜଣଙ୍କୁ ଅଟକ ରଖାଯାଇଛି। ସୁରକ୍ଷାକର୍ମୀମାନେ ହିଂସା ପ୍ରଭାବିତ ପଶ୍ଚିମ ଇମ୍ଫାଲ, ଥଉବାଲ୍, ବିଷ୍ଣୁପୁର, କଙ୍ଗପୋକପି ଏବଂ ଚୁରାଚନ୍ଦ୍ରପୁର ଜିଲାରେ ସର୍ଚ୍ଚ ଅପରେଶନ କରିଥିଲେ। ଏତିକିବେଳେ ୨ଟି ଦେଶୀ ବନ୍ଧୁକ, ୫୦ଟି ଗୁଳି ସହ ୮ଟି ବୋମା ଜବତ ହୋଇଥିବା ପୋଲିସ କହିଛି। ଆସାମ ରାଇଫଲ୍ସ ଓ ରାଜ୍ୟ ପୋଲିସ ଯବାନଙ୍କ ମିଳିତ ଟିମ୍ କଙ୍ଗପୋକପି ଜିଲାର ଏକ ଗାଁରେ ଚଢ଼ାଉ କରିଥିଲେ। ଏତିକିବେଳେ ୪ଟି ମୋର୍ଟାର ବୋମା ଉଦ୍ଧାର ହୋଇଥିଲା।



ଆସନ୍ତା ୨୯ ପର୍ଯ୍ୟନ୍ତ କାବେରୀ ନଦୀରୁ ୫,୦୦୦ କ୍ୟୁସେକ୍ ଜଳ ତାମିଲନାଡୁକୁ ଛାଡ଼ିବା ପାଇଁ କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ (ସିଡବ୍ଲ୍ୟୁଏମ୍ଏ) ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ପ୍ରତିବାଦରେ ବେଙ୍ଗାଲୁରୁରେ ଗୁରୁବାର କର୍ନାଟକ ରକ୍ଷଣ ବେଦିକେ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୫,୦୦୦ କ୍ୟୁସେକ୍ ଜଳ ଛାଡ଼ିବ କର୍ନାଟକ


**କାବେରୀ ଜଳ ବିବାଦ**

**ହସ୍ତକ୍ଷେପ କଲେନି ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ,୨୧।୯(ପି.ଟି.)

କାବେରୀ ଜଳ ବିବାଦ ପ୍ରସଙ୍ଗରେ କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ (ସିଡବ୍ଲ୍ୟୁଏମ୍ଏ)ଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଉପରେ ଗୁରୁବାର ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ଏଥିସହ ତାମିଲନାଡୁକୁ ୧୫ ଦିନ ପର୍ଯ୍ୟନ୍ତ ଦୈନିକ ୫ ହଜାର କ୍ୟୁସେକ୍ ଜଳ ଛାଡ଼ିବା ପାଇଁ କର୍ନାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କାବେରୀ ଜଳ ନିୟନ୍ତ୍ରଣ କମିଟି (ସିଡବ୍ଲ୍ୟୁଆର୍‌ସି) ସେପ୍ଟେମ୍ବର ୧୨ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲା, ଯାହାକୁ ସିଡବ୍ଲ୍ୟୁଏମ୍ଏ ବଳବତ୍ତର ରଖିଥିଲେ। ତାମିଲନାଡୁକୁ ୧୫ ଦିନ ଧରି ଦୈନିକ ୫,୦୦୦ କ୍ୟୁସେକ୍ ଜଳ ଛାଡ଼ିବା ପାଇଁ କର୍ନାଟକକୁ ନିର୍ଦ୍ଦେଶ ଦେଇଥିଲେ। କର୍ନାଟକ ସରକାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।



ଗୁରୁବାର ଜଷ୍ଟିସ୍ ବି.ଆର୍. ଗଭାଇ, ପି.ଏସ୍. ନରସିଂହ ଏବଂ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି କହିଥିଲେ, ଅନାବୃଷ୍ଟି ହେତୁ ତାମିଲନାଡୁ ମରୁଡ଼ି ସ୍ଥିତିର ସମ୍ମୁଖୀନ ହେଉଛି। ସିଡବ୍ଲ୍ୟୁଏମ୍ଏ ଏବଂ ସିଡବ୍ଲ୍ୟୁଆର୍‌ସିରେ ଜଳସମ୍ପଦ ପରିଚାଳନା ତଥା କୃଷିକ୍ଷେତ୍ରର ଅନେକ ବିଶେଷଜ୍ଞ ରହିଛନ୍ତି। ସିଡବ୍ଲ୍ୟୁଆର୍‌ସି ଚଳିତବର୍ଷ ଜଳହ୍ରାସ ଓ ଗତ ୧୫ ଦିନରେ କାବେରୀ ଅବବାହିକାରେ ବଢ଼ିଥିବା ସଙ୍କଟର ସ୍ଥିତି ସହ ଆଉ କେତେକ କାରଣ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ, ଯାହାକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ପ୍ରତି ୧୫ ଦିନରେ କର୍ତ୍ତୃପକ୍ଷ ସ୍ଥିତି ଉପରେ ସମୀକ୍ଷା କରୁଛନ୍ତି। ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ୍ ରୋହତୋଗୀ ଯୁକ୍ତି ବାଢ଼ିଥିଲେ ଯେ ରାଜ୍ୟକୁ ୬୪୦୦ କ୍ୟୁସେକ୍ ପାଣି ଛଡ଼ାଯିବା ଆବଶ୍ୟକ ଥିବାବେଳେ ଏହାକୁ ସିଡବ୍ଲ୍ୟୁଏମ୍ଏ ଏବଂ ସିଡବ୍ଲ୍ୟୁଆର୍‌ସି ୫ହଜାର କ୍ୟୁସେକ୍‌କୁ ଖସାଇ ଦେଇଛନ୍ତି।

### ସଂସଦରେ ନାରୀଶକ୍ତି ବନ୍ଦନ ଅଧିନିୟମ ଗୃହୀତ

ନୂଆଦିଲ୍ଲୀ,୨୧।୯

ଐତିହାସିକ ମହିଳା ସଂରକ୍ଷଣ ବିଲ୍ (ନାରୀଶକ୍ତି ବନ୍ଦନ ଅଧିନିୟମ,୨୦୨୩) ଲୋକ ସଭାରେ ଗୃହୀତ ହେବାର ଦିନକ ପରେ ଗୁରୁବାର ରାଜ୍ୟ ସଭାରେ ସର୍ବସମ୍ମତି କ୍ରମେ ପାରିତ ହୋଇଛି। ଉଚ୍ଚସଦନରେ ଉପସ୍ଥିତ ଥିବା ସମସ୍ତ ୨୧୫ ସଦସ୍ୟ ଏହାକୁ ସମର୍ଥନ କରିଥିବାବେଳେ ବିରୋଧରେ ଗୋଟିଏ ବି ଭୋଟ୍ ପଡ଼ିନାହିଁ। ଉଭୟ ଗୃହରେ ବିଧେୟକ ଗୃହୀତ ହୋଇ ସାରିଥିବାରୁ ଆଇନରେ ପରିଣତ କରିବା ପାଇଁ ଅନୁମୋଦନ ଲାଗି ରାଷ୍ଟ୍ରପତିଙ୍କ ପାଖକୁ ପଠାଯିବ। ସଂସଦ ସ୍ୱତନ୍ତ୍ର ଅଧିବେଶନର ଚତୁର୍ଥ ଦିନରେ ସରକାରଙ୍କ ପକ୍ଷରୁ ରାଜ୍ୟ ସଭାରେ ୧୨୮ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରାଯାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ଜନଗଣନା ଓ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ ହେବା ଯାଏ ଅପେକ୍ଷା ନ କରି ଏହାକୁ କାର୍ଯ୍ୟକାରୀ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ। କେତେଜଣ ସଦସ୍ୟ ବିଲ୍ ଆଗତ କରାଇବା ସମୟ ଉପରେ ପ୍ରଶ୍ନ ଉଠାଇଥିଲେ। ଅନ୍ୟପକ୍ଷେ ଲୋକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିଲ୍ ପାରିତ ହେବା ଉପରେ ବକ୍ତବ୍ୟ ରଖି ଏହାକୁ ଭାରତର ସଂସଦୀୟ ଯାତ୍ରାରେ ଏକ ସୁବର୍ଣ୍ଣ ମୁହୂର୍ତ୍ତ ଭାବେ ଅଭିହିତ କରିଛନ୍ତି। ନିମ୍ନ ସଦସନରେ ବୁଧବାର ଦୀର୍ଘ ୭ ଘଣ୍ଟା ଧରି ବିତର୍କ ଚାଲିବା ପରେ ବିଲ୍ ଗୃହୀତ ହୋଇଥିଲା। ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବା ପାଇଁ ଉଦ୍ଦିଷ୍ଟ ନାରୀଶକ୍ତି ବନ୍ଦନ ଅଧିନିମୟ ସପକ୍ଷରେ ୪୫୪ ଓ ବିପକ୍ଷରେ ମାତ୍ର ୨ ଏମ୍‌ପି ଭୋଟ ଦେଇଥିଲେ।

### ଅଲ୍-ଓମେନ୍ ପ୍ୟାନେଲରେ ୧୩ ଉପାଧ୍ୟକ୍ଷା

ନୂଆଦିଲ୍ଲୀ,୨୧।୯

ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ଗୁରୁବାର ଏକ ଐତିହାସିକ ପଦକ୍ଷେପ କ୍ରମେ ଅଲ୍-ଓମେନ୍ ପ୍ୟାନେଲର ପୁନର୍ଗଠନ କରିଛନ୍ତି। ମହିଳା ସଂରକ୍ଷଣ ବିଧେୟକ (ନାରୀଶକ୍ତି ବନ୍ଦନ ଅଧିନିୟମ,୨୦୨୩)କୁ ଦୃଷ୍ଟିରେ ରଖି ଏଥିରେ ୧୩ ମହିଳାଙ୍କୁ ଉପାଧ୍ୟକ୍ଷା ରଖାଯାଇଛି। ଏହି ମହିଳାମାନେ ରାଜ୍ୟ ସଭାର ସଦସ୍ୟ ଅଛନ୍ତି। ସେମାନେ ହେଲେ ପି.ଟି. ଉଷା, ଜୟା ବଚ୍ଚନ, ସରୋଜା ପାଣ୍ଡେ, ସୁଲତା ଦେଓ, ଡ. ଫୌଜିଆ ଖାନ୍, ଏସ୍. ଫାଙ୍ଗ୍‌କୋନ କୋନ୍ୟାକ, ରଜନୀ ଅଶୋକରାଓ ପାଟିଲ, ଡୋଲା ସେନ, ଇନ୍ଦୁବାଲା ଗୋସ୍ୱାମୀ, ଡ. କାନିମୋଝି ଏନ୍‌ଭିଏନ୍ ସୋମୁ, କବିତା ପଟିଦାର, ମହୁଆ ମାଜି, କଳ୍ପନା ସୈନି। ଗୃହର ଅଧ୍ୟକ୍ଷ ଆସନରେ ଏମାନଙ୍କ ଉପସ୍ଥିତି ବିଶ୍ୱକୁ ଏକ ଶକ୍ତିଶାଳୀ ସନ୍ଦେଶ ପ୍ରେରଣ କରିବ। ଏମାନେ ଏହି ବୃହତ୍ ପରିବର୍ତ୍ତନରେ ବଡ଼ ଭୂମିକା ନେବାର ପ୍ରତୀକ ସାଜିଥିବା ଅଧ୍ୟକ୍ଷ ଧନକର କହିଛନ୍ତି।

### ବିମାନର ଡୋର୍ ଖୋଲିବାକୁ ଉଦ୍ୟମ

ଅଗରତାଲା,୨୧।୯

ହାଇଦ୍ରାବାଦରୁ ଆସାମର ଗୁଆହାଟୀ ଦେଇ ତ୍ରିପୁରାର ଅଗରତାଲା ଅଭିମୁଖେ ଯାତ୍ରା କରୁଥିବା ଏକ ଇଣ୍ଡିଗୋ ବିମାନରେ ଗୁରୁବାର ଜଣେ ଯୁବକ ଡୋର୍ ଖୋଲିବାକୁ ଉଦ୍ୟମ କରିଛନ୍ତି। ଅଗରତାଲାର ବିଶ୍ୱନାଥ ଦେବନାଥ ନାମକ ଯୁବକଙ୍କ ଏଭଳି କାଣ୍ଡକୁ ନେଇ ଯାତ୍ରୀମାନେ ଆତଙ୍କିତ ହୋଇ ପଡ଼ିଛନ୍ତି। ବିମାନଟି ଅବତରଣ କରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ବିଶ୍ୱନାଥ ଡୋର୍ ନିକଟକୁ ଦୌଡ଼ି ଆସି ଖୋଲିବାକୁ ଉଦ୍ୟମ କରିଥିଲେ। ଏତିକିବେଳେ ଜଣେ ଏୟାରହୋଷ୍ଟେସ୍ ଓ ବିମାନରେ ଥିବା ଅନ୍ୟ ଯାତ୍ରୀମାନେ ତାଙ୍କୁ ବାରଣ କରିଥିଲେ। ହେଲେ ବିଶ୍ୱନାଥ ଏୟାରହୋଷ୍ଟେସଙ୍କୁ ଦୁର୍ବ୍ୟବହାର କରିବା ସହ ପୁନର୍ବାର ଦ୍ୱାର ଖୋଲିବାକୁ ଉଦ୍ୟମ କରିଥିଲେ। ଏହାପରେ ଉତ୍ତ୍ୟକ୍ତ ଯାତ୍ରୀମାନେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ତ୍ରିପୁରା ପୋଲିସ ତାଙ୍କୁ ଗିରଫ କରିଛି।



ନୂଆଦିଲ୍ଲୀର ଆନନ୍ଦବିହାର ରେଳ ଷ୍ଟେଶନରେ କୁଲିମାନଙ୍କ ସହ ଆଲୋଚନାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲାଲ ଶାର୍ଟ ପିନ୍ଧି ମୁଣ୍ଡରେ ଲଗେଜ୍ ବୋହିଛନ୍ତି।

## କୋଭିଡ୍ ସ୍ଥିତି ବିଷୟରେ ଜଣାଇବ କାଶ

ନୂଆଦିଲ୍ଲୀ,୨୧।୯

ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୋଭିଡ୍ ପ୍ରଭାବ ଦୀର୍ଘଦିନ ଧରି ରହୁଛି। ବୈଜ୍ଞାନିକ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୋଭିଡ୍ କିପରି ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଦୀର୍ଘ ଦିନ ଧରି ପ୍ରଭାବ ପକାଉଛି ସେନେଇ ଆଲୋଚନା କରିବା ସହ ଏଥିପାଇଁ ଲୋକଙ୍କୁ ସଚେତନ ମଧ୍ୟ କରିଛନ୍ତି। ବର୍ତ୍ତମାନ କୋଭିଡ୍‌ର ବିଏ.୨.୮୬ ଓ ଇଜି.୫ ଭାରିଆଣ୍ଟ ଅଧିକ ସଂକ୍ରମିତ କରୁଛି। ଏହି ଭାରିଆଣ୍ଟଗୁଡ଼ିକ ଓମିକ୍ରନର ଉପଭାରିଆଣ୍ଟ। ଏହି ଦୁଇ ଭାରିଆଣ୍ଟ ଅନ୍ୟ ଭାରିଆଣ୍ଟ ଅପେକ୍ଷା ଲୋକଙ୍କୁ ଅଧିକ ସଂକ୍ରମିତ କରୁଛି। ଯଦିଓ କୋଭିଡ୍-୧୯ ସଂକ୍ରମିତ ଲୋକଙ୍କ ମଧ୍ୟରେ ସାଧାରଣ ରୋଗ ଲକ୍ଷଣ ଦେଖାଯାଉଛି ଏବଂ ସେମାନେ ସପ୍ତାହ ମଧ୍ୟରେ ସୁସ୍ଥ ହେଉଛନ୍ତି, ତେବେ ସେଭେର ଆକ୍ୟୁଟ୍ ରେସ୍ପିରେଟରୀ ସିଣ୍ଡ୍ରମ୍ (ଏସ୍‌ଏଆର୍‌ଏସ୍-୨) ଭାରିଆଣ୍ଟ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଏବେ ବି ପ୍ରଭାବ ପକାଇବାରେ



ଲାଗିଛି। କିଛି ସଂକ୍ରମିତ ଲୋକଙ୍କ ମଧ୍ୟରେ ଦୁର୍ବଳତା ସହ ନିମୋନିଆ ଲକ୍ଷଣ ଦେଖାଯାଉଥିବା ଜଣାପଡ଼ିଛି। ସଂକ୍ରମିତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ଲାଗି ରେଡିଓଗ୍ରାଫି, ଅଲଟ୍ରାସାଉଣ୍ଡ ଓ ସିଟି ସ୍କାନର ସହାୟତା ନିଆଯାଉଛି, ତେବେ କୋଭିଡ୍ ରୋଗୀଙ୍କ ମଧ୍ୟରେ ଏବେ ଚର୍ମରୋଗ ଓ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଉଥିବା ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ତେଣୁ ପୂର୍ବରୁ ଦୁରାରୋଗରେ ପୀଡ଼ିତ ରୋଗୀମାନେ ଯଦି କୋଭିଡ୍ ସଂକ୍ରମିତ ହୁଅନ୍ତି, ତେବେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ପାଇଁ ନୂଆ ଉପକରଣର ଆବଶ୍ୟକତା ରହିଛି। ଫଳରେ ସେମାନଙ୍କୁ ପ୍ରାଥମିକ ସ୍ତରରେ ଘରେ ରଖି ଚିକିତ୍ସା କରାଯାଇପାରିବ। କାଶ ଶବ୍ଦ କୋଭିଡ୍‌ର ପ୍ରାରମ୍ଭିକ ସ୍ଥିତିକୁ ଚିହ୍ନଟ କରୁଥିବା ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଏହି ପ୍ରକ୍ରିୟା ଦ୍ୱାରା ଦୁରାରୋଗ ପୀଡ଼ିତମାନଙ୍କ ସଂକ୍ରମଣ ବିଷୟରେ ସହଜରେ ଜାଣିହେବ। ନୂଆ ଅଧ୍ୟୟନ ଲାଗି ଗବେଷକମାନେ ଏସ୍‌ଏଆର୍‌ଏସ୍-କୋଭିଡ୍-୨ ସଂକ୍ରମିତ ୭୦ରୋଗୀଙ୍କ କାଶିବା ଶବ୍ଦକୁ ମୋବାଇଲରେ ରେକର୍ଡିଂ କରିଥିଲେ। ସଂକ୍ରମିତମାନେ ହସ୍ପିଟାଲରେ ଭର୍ତ୍ତି ହେବାର ୨୪ ଘଣ୍ଟା ମଧ୍ୟରେ ଏହି ରେକର୍ଡିଂ କରାଯାଇଥିଲା। ଏଥିରୁ ଏକଥା ଜଣାପଡ଼ିଥିଲା ସଂକ୍ରମିତଙ୍କ ମଧ୍ୟରୁ କାହାର ଶ୍ୱାସକ୍ରିୟା ଅଧିକ ପ୍ରଭାବିତ ହୋଇଛି, କାହାକୁ ଜରୁରିକାଳୀନ ସ୍ଥିତିରେ ଅମ୍ଳଜାନର ଆବଶ୍ୟକତା ରହିଛି। କୋଭିଡ୍ ରୋଗୀଙ୍କ ସଂକ୍ରମଣ ପ୍ରାଥମିକ, ମଧ୍ୟମ ଅଥବା ଅଧିକ ସଙ୍ଗିନ ସ୍ଥିତିରେ ରହିଛି, ସେନେଇ ମଧ୍ୟ ଏହି ନୂଆ ଅଧ୍ୟୟନରୁ ଜଣାପଡ଼ିଥିଲା। ୨୦୨୦ ଏପ୍ରିଲରୁ ୨୦୨୧ ମେ ମଧ୍ୟରେ ସଂଗୃହୀତ ଡାଟାକୁ ଆଧାର କରି ଏହି ସର୍ଭେ କରାଯାଇଥିଲା।



## ସଂକ୍ଷେପରେ

### ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ବିଷମ କଟକ,୨୧।୯ (ବିଭୂତି ଭୂଷଣ ନାୟକ)

ଚଳିତ ବର୍ଷ ଦୁର୍ଗାପୂଜା ନିମନ୍ତେ ଗୁରୁବାର ବିଷମକଟକସ୍ଥିତ ଆଇଓବି ବ୍ୟାଙ୍କ ପଡିଆ ପରିସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜା ଆସନ୍ତା ଅକ୍ଟୋବର ୧୬ରୁ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହେବାକୁ ଥିବା ବେଳେ ଗୁରୁବାର ଶୁଭ ମୁହୂର୍ତ୍ତରେ ପୂଜକ ରାମ ଚନ୍ଦ୍ର ରଥ ଏବଂ କେଶବ ରଥଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କରି ଶୁଭଖଣ୍ଟି ସ୍ଥାପନ କରାଯାଇଛି। ଏହି ଅବସରରେ ପୂଜା କମିଟିର ସମସ୍ତ ସଦସ୍ୟ ଏମ୍. ଦିଲୀପ କୁମାର, ଅନୀଲ କୁମାର ଦାସ, କାହ୍ନୁ ସେଠୀ, ଅନିଲ ସାହୁ, ସନ୍ତୋଷ କୁମାର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ମା'ଙ୍କ ମୃଣ୍ମୟୀ ପ୍ରତିମା କିପରି ଭକ୍ତଙ୍କୁ ଆକର୍ଷିତ କରିବ ଓ ମିନିଷ୍ଟଡିୟମରେ ପ୍ରାୟ ୪୦ ରୁ ୫୦ ଫୁଟ ଉଚ୍ଚର ରାବଣ ପ୍ରତିମୂର୍ତ୍ତି କରାଯାଇ ରାବଣପୋଡ଼ି ଆୟୋଜନ କରାଯିବ। ଭକ୍ତମାନେ କିପରି ଶାନ୍ତିଶୃଙ୍ଖଳାର ସହ ପୂଜା ଉପଭୋଗ କରିବେ ସେ ଆଲୋଚନା କରାଯାଇଥିଲା। ଏହା ସାଙ୍ଗକୁ ସୁନ୍ଦର ତୋରଣ ଏବଂ ଆଲୋକ ମାଳାରେ ପୂଜା ପେଣ୍ଡାଲକୁ ସୁସଜ୍ଜିତ କରାଯିବାର ବ୍ୟବସ୍ଥା କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପୂଜା ଅବସରରେ ମନୋରଞ୍ଜନ କାର୍ଯ୍ୟକ୍ରମର କାର୍ଯ୍ୟ ସାରଣୀ ମଧ୍ୟ ପ୍ରସ୍ତୁତ କରାଯାଇଛି।

# ରାୟଗଡ଼ାରେ ବଢ଼ୁଛି ଲୁଟ୍, ଚୋରି: ପୋଲିସ ନିଷ୍କ୍ରିୟ

ରାୟଗଡ଼ା,୨୧।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ଦିନକୁ ଦିନ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଲୁଟେରାମାନେ ସୁଯୋଗ ଉଣ୍ଡି ବସିଛନ୍ତି। ବ୍ୟାଙ୍କରୁ କିଏ ଟଙ୍କା ଉଠାଇ ନେବା ବେଳେ ତାଙ୍କୁ ପିଛା କରିବା ସହ ନିଛାଟିଆ ସ୍ଥାନ ଦେଖି ଟଙ୍କା ଲୁଟିନେବାରେ ସଫଳ ହେଉଛନ୍ତି। ସେହିପରି ସହରରେ ଯେଉଁଦିନ ଘର ମାଲିକ କୌଣସି କାମରେ ଘରେ ତାଲା ପକାଇ ବାହାରକୁ ଗଲେ, ଖବରପାଇ ଲୁଟେରା ତାଲା ଭାଙ୍ଗି ସର୍ବସ୍ୱ ଲୁଟି ନେଉଛନ୍ତି। ବାରମ୍ବାର ଏଭଳି ଅଭିଯୋଗ ଆସୁଥିଲେ ମଧ୍ୟ ପୋଲିସ ଲୁଟେରାଙ୍କ ଟେର୍ ପାଉ ନ ଥିବା ଅଭିଯୋଗ ହେଉଛି। ରାୟଗଡ଼ା ସହରର ଏଫ୍‌ସିଆଇ ଗୋଦାମ ପଛ ପଟୁ ଗୁରୁବାର ଜଣେ ଜଳଛାୟା ମିଶନ ସୁପରଭାଇଜରଙ୍କଠାରୁ ଦୁର୍ବୃତ୍ତମାନେ ୨ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। କୋଲନରା ବ୍ଲକ କୈଳାସପୁର ପଞ୍ଚାୟତ ଅନ୍ତର୍ଗତ ଗାଞ୍ଜରମେଟା ଗ୍ରାମର ପ୍ରତାପ ମାଣ୍ଡାଙ୍ଗି ଏ ନେଇ ରାୟଗଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଛାନ୍‌ଭିନ୍ ଚଳାଇଥିବା ଆଇଆଇସି କେବେକେବେ କହଁର କହିଛନ୍ତି।

ଜଳଛାୟା ମିଶନ ସୁପରଭାଇଜର ପ୍ରତାପ ମାଣ୍ଡାଙ୍ଗି ଜେକେପୁରସ୍ଥିତ ଏସ୍‌ବିଆଇ ଶାଖାରୁ ୨ ଲକ୍ଷ ୬୦ ହଜାର ଟଙ୍କା ଉଠାଇ ଶ୍ରମିକଙ୍କ ମଜୁରି ଦେବା ପାଇଁ ରାୟଗଡ଼ା ଆସୁଥିଲେ। ସେ ବାଇକରେ ଆସିବା ବେଳେ କୁମୁଟିପେଣ୍ଟ ଗାଁ ନିକଟରେ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଲିଫ୍ଟ ମାଗିଥିଲେ। ପ୍ରତାପ ଲିଫ୍ଟ ଦେବା ପରେ ଉଭୟେ ମିଶି ରାୟଗଡ଼ା ସହର ଆସିଥିଲେ। ତେବେ ଏଫ୍‌ସିଆଇ ଛକଠାରେ ପ୍ରତାପ ତାଙ୍କୁ ଓହ୍ଲାଇବା ପାଇଁ କହିବାରୁ ଏଫ୍‌ସିଆଇ ଗୋଦାମ ପଛ ପଟେ ଛାଡିବା ପାଇଁ ଅନୁରୋଧ କରିଥିଲେ। ଏଫ୍‌ସିଆଇ ପଛପଟେ ଛାଡିବା ବେଳେ ପୂର୍ବରୁ ଉପସ୍ଥିତ ଥିବା ଅନ୍ୟ ୨ଜଣ ସହଯୋଗୀଙ୍କ ସହିତ ମିଶି ଏହି ଅଜଣା ବ୍ୟକ୍ତି ତାଙ୍କଠାରୁ ଟଙ୍କା ବ୍ୟାଗ ଛଡାଇ ନେଇଯାଇଥିବା ପ୍ରତାପ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଅଭିଯୋଗର ସତ୍ୟତାକୁ ନେଇ ପୋଲିସ ଯାଞ୍ଚ କରୁଛି। ଏଥିସହ ସେହି ଅଞ୍ଚଳର ସିସିଟିଭି କ୍ୟାମେରା ଯାଞ୍ଚ କରାଯାଉଛି।





ଅଭିଯୋଗ କରିବାକୁ ଆସିଥିବା କର୍ମଚାରୀ।

ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

ସେହିପରି ଗତ ୭ ତାରିଖରେ ରାଣୀଗୁଡ଼ା ଅଞ୍ଚଳର ଡିଏଫ୍‌ଓ ଅଫିସ ୯ମ ଲେନ୍‌ରେ ଘରେ କେହି ନ ଥିବା ବେଳେ ଦୁର୍ବୃତ୍ତ କଳାକନା ବୁଲାଇଥିବା ଜଣାପଡ଼ିଛି। ଏହି ଚୋରିରେ ପ୍ରାୟ ୧୫ହଜାର ଟଙ୍କା ଓ ୨ଟି ଲାପ୍‌ଟପ୍ ଚୋରି ହୋଇଥିବା ଘର ମାଲିକ ତଥା ଅବସରପ୍ରାପ୍ତ ଅଧ୍ୟାପକ ଚନ୍ଦ୍ରଶେଖର ପାତ୍ର ଅଭିଯୋଗ କରିଛନ୍ତି।

- ଜଳଛାୟା ମିଶନ ସୁପରଭାଇଜରଙ୍କଠାରୁ ୨ ଲକ୍ଷ ୬୦ ହଜାର ଲୁଟ୍
- ଲୁଟେରାଙ୍କ ଟାର୍ଗେଟରେ ତାଲା ପଡ଼ିଥିବା ଘର
- ଦୁର୍ବୃତ୍ତଙ୍କ ଟେର୍ ପାଉନି ପୋଲିସ

ଚନ୍ଦ୍ରଶେଖର ଓ ତାଙ୍କ ସ୍ତ୍ରୀ ଅବସରପ୍ରାପ୍ତ ଅଧ୍ୟାପିକା ରେବା ପାତ୍ର ଗତ ୭ ତାରିଖ ରାତିରେ ଭୁବନେଶ୍ୱର ଯାଇ ସେଠାରୁ ଏୟାରପୋର୍ଟରେ ମୁମ୍ବାଇ ଯାଇଥିଲେ। ତେବେ ସେହିଦିନ ରାତିରେ ଦୁର୍ବୃତ୍ତ ଘର ଗ୍ରୀଲ୍ ଓ କାଠ କବାଟର ତାଲା ଭାଙ୍ଗି ଲୁଟ୍ କରିଥିଲେ। ତା' ପରଦିନ ସକାଳୁ ତାଙ୍କ ଘରେ କାମ କରୁଥିବା ମହିଳା ଜଣକ ଘରୁ ଚୋରି ହୋଇଥିବା ନେଇ ମାଲିକ ଚନ୍ଦ୍ରଶେଖରଙ୍କୁ ଫୋନ୍‌ରେ ଜଣାଇଥିଲେ। ଏ ନେଇ ଚନ୍ଦ୍ରଶେଖରଙ୍କ ଘର ଉପର ମହଲାରେ ଭଡ଼ାରେ ରହୁଥିବା ଯୁବକ ଥାନାରେ ଏତଲା ଦେବା ପରେ ପୋଲିସ ଟିମ୍ ଆସି ଛାନ୍‌ଭିନ୍ କରିଥିଲେ। ଚନ୍ଦ୍ରଶେଖରଙ୍କ ବେଡ୍ ରୁମ୍‌ରୁ ୨ଟି ଲାପ୍‌ଟପ୍ ସହ କିଛି ସୁନାଗହଣା, ପୂଜାଘରୁ ଏକ ପେଡ଼ିରୁ କିଛି ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ପୋଲିସକୁ କୌଣସି ସଫଳତା ମିଳି ନ ଥିବା ଜଣାପଡ଼ିଛି। ଚନ୍ଦ୍ରଶେଖର ଓ ତାଙ୍କ ସ୍ତ୍ରୀ ୧୪ତାରିଖରେ ରାୟଗଡ଼ାରେ ପହଞ୍ଚିବା ପରେ ୧୫ ତାରିଖରେ ପୁଣି ଥାନାକୁ ଯାଇ ଏତଲା ଦେଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇ ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକଶ କରିଛନ୍ତି। ରାୟଗଡ଼ା ସହରରେ ଦିନକୁ ଦିନ ଚୋରି, ଲୁଟ ଓ ଛିନ୍‌ତାଇ ବଢ଼ି ଚାଲିଥିଲେ ମଧ୍ୟ ପୋଲିସ ଏ ସବୁ ରୋକିବା ଦିଗରେ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଏବେ ପରିସ୍ଥିତି ଏଭଳି ହେଲାଣି ଯେ, ଘର ତାଲା ଦେଇ ବାହାରକୁ ଯିବାକୁ ଜନସାଧାରଣ ଭୟଭୀତ ହେଲେଣି। କାରଣ ଗୋଟିଏ ରାତି ଯଦି ଘରେ ତାଲା ପଡ଼ିଲା ତା' ପରଦିନ ତାଲା ଭାଙ୍ଗି ଦୁର୍ବୃତ୍ତ ସର୍ବସ୍ୱ ଲୁଟି ନେଉଛନ୍ତି। ସହରରେ ବ୍ୟାପକ ସିସି କ୍ୟାମେରା ଲାଗିଥିଲେ ମଧ୍ୟ ରାୟଗଡ଼ା ପୋଲିସ କାହିଁକି ଚୋରି ରୋକିପାରୁନି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ୨ ଦିନରେ ଭାଙ୍ଗିଲା ୪୦ ଘର



କୋରାପୁଟ, ୨୧।୯ (ଅମିତାଭ ବେହେରା)

କୋରାପୁଟ ଜିଲାରେ ହୋଇଥିବା ଲଗାଣ ବର୍ଷାରେ ୨ଦିନରେ ଜିଲାର ୬ ବ୍ଲକରେ ୪୦ ଘର ଭାଙ୍ଗିଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ଗୁରୁବାର ସୂଚନା ମିଳିଛି। ଜିଲାର କୋରାପୁଟ ତହସିଲ ଅଞ୍ଚଳର ୫, ଦଶମନ୍ତପୁରରେ ୯, ମାଛକୁଣ୍ଡରେ ସର୍ବାଧିକ ୧୨, ସେମିଳିଗୁଡ଼ାରେ ୬, ନନ୍ଦପୁରରେ ୫ ଏବଂ ଜୟପୁର ତହସିଲରେ ୩ଟି ଘର ଭାଙ୍ଗିଥିବା ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ବୁଧବାର ଜିଲାରେ ବର୍ଷାରେ ୧୪ ଘର ଭାଙ୍ଗିଯାଇଥିବାବେଳେ ଗୁରୁବାର ପୁଣି ୨୬ ଘର ଭାଙ୍ଗିଥିବା ଜଣାପଡିଛି।

# ଏନ୍‌ସିସି ଡେପୁଟି ଡାଇରେକ୍ଟରଙ୍କ ରାୟଗଡ଼ା ଗସ୍ତ



୨ୟ ବାଳିକା ବାଟାଲିୟନ ପରିଦର୍ଶନ ସମୟରେ ଏନ୍‌ସିସି ଡେପୁଟି ଡାଇରେକ୍ଟର କମୋଡର ଜେ. ସୁରେଶ।

ରାୟଗଡା, ୨୧।୯( ଭାଗ୍ୟଶ୍ରୀ ମିଶ୍ର )

ଏନ୍‌ସିସି ଡେପୁଟି ଡାଇରେକ୍ଟର କମୋଡର ଜେ. ସୁରେଶ ରାୟଗଡା ଦିନିକିଆ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ରାୟଗଡ଼ା ପୌର କାର୍ଯ୍ୟାଳୟ ନିକଟରେ ଥିବା ୨ୟ ବାଳିକା ବାଟାଲିୟନ ପରିଦର୍ଶନକରି ଏନ୍‌ସିସି ଅଫିସରମାନଙ୍କୁ କାର୍ଯ୍ୟ କରିବାର କୌଶଳ ବିଷୟରେ ପରାମର୍ଶ ଦେଇଛନ୍ତି। ଏହାସହ ବାଳିକାମାନଙ୍କୁ ସଶକ୍ତୀକରଣ କରିବାର ଗୁରୁଦାୟିତ୍ୱ ସେମାନଙ୍କୁ ମିଳିଛି ତାହା ସେମାନେ ଭଲ ଭାବରେ ପାଳନ କରନ୍ତୁ ବୋଲି କହିଛନ୍ତି। ପ୍ରତ୍ୟେକ ବାଳିକା ଏନ୍‌ସିସି ଶିଖିବା ପରେ ଆତ୍ମବିଶ୍ୱାସ

**ଏନ୍‌ସିସି ଦ୍ୱାରା ବାଳିକାଙ୍କୁ ସଶକ୍ତୀକରଣ କରିବା ଲକ୍ଷ୍ୟ**

ସହ କାହାଠାରୁ କମ୍ ନୁହଁ ବୋଲି ଭାବିବା ଦରକାର ବୋଲି ସେ କହିଛନ୍ତି। ଏହା ପରେ ମହିଳା ମହାବିଦ୍ୟାଳୟ ପରିଦର୍ଶନ କରି ସେଠାରେ ଥିବା ଏନ୍‌ସିସି କ୍ୟାଡରଙ୍କ କିପରି ପ୍ରଦର୍ଶନ ରହିଛି ସେ ସମ୍ପର୍କରେ ପଚାରି ବୁଝିଛନ୍ତି। ଆଗାମୀ ଦିନରେ ଆବଶ୍ୟକ ଅନୁଯାୟୀ ଏନ୍‌ସିସି ଭିତ୍ତିଭୂମିର ବିକାଶ କରାଯିବ ବୋଲି ସେ କହିଛନ୍ତି। ଏଠାରୁ ସେ ନବରଙ୍ଗପୁର, ଜୟପୁର ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ର ଗଠନରେ ଏନ୍‌ସିସିର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହାଦ୍ୱାରା ସାହସ, ଅନୁଶାସନ, ନେତୃତ୍ୱ ଶିଖିବାକୁ ମିଳିଥାଏ ବୋଲି ଅତିଥିମାନେ କହିଛନ୍ତି। ମହିଳା ମହାବିଦ୍ୟାଳୟରେ କମାଣ୍ଡିଂ ଅଫିସର ଅଫ ୨ ବାଟାଲିୟନ ଏନ୍‌ସିସିର ଭି. ଶ୍ରୀ ନିବାସ, ଡାଇରେକ୍ଟର ଅଫିସ ଅଫ୍ ଓଡ଼ିଶାର ଏଡିଜି ଅଫିସର ସଂକେତ ଦେଓ, ଗଭର୍ଣ୍ଣିଂ ବଡ଼ି ସଭାପତି ଡ. ଡି.କେ. ମହାନ୍ତି, ମହିଳା ମହା ବିଦ୍ୟାଳୟର ଅଧକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକ, କ୍ୟାପଟେନ ରୀତାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଅପହରଣ, ବଳାତ୍କାର ମାମଲାରେ ଜଣେ ଗିରଫ

ଜୟପୁର, ୨୧।୯(ପବନ ପାଣିଗ୍ରାହୀ)

ନାବାଳିକାକୁ ଅପହରଣ ଓ ବଳାତ୍କାର ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଜୟପୁର ଟାଉନ ପୋଲିସ ଗିରଫ କରିଛି। ସେ ହେଲେ ଅଭିଯୁକ୍ତ ଢେପଗୁଡ଼ାର ସୁମିତ ବାଘ (୨୨)। ପୋଲିସ ସୂଚନାନୁଯାଇ ଜଣେ ନାବାଳିକା ନିଖୋଜ ଥିବା ନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ନାବାଳିକାଙ୍କୁ ବୋରିଗୁମ୍ମାରୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## କୁକୁଡ଼ା ଚୋରି କରି ଯୁବକ ଗିରଫ

ଜୟପୁର, ୨୧।୯(ପବନ ପାଣିଗ୍ରାହୀ)

କୁକୁଡ଼ା ଚୋରି ଅଭିଯୋଗରେ ଜୟପୁର ଟାଉନ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଖ୍ରୀଷ୍ଟିଆନପେଟାର କେଶବ ସୁନା (୨୨)। ପୋଲିସ ସୂଚନାନୁଯାୟୀ ଜୟପୁର ନିଆ ସାହି ୫ ଲାଇନର କୁନ୍ତଳା ନାୟକ ତାଙ୍କ ଘରୁ ୨ଟି ଗଞ୍ଜା ଓ କୁକୁଡା ଚୋରି ହୋଇଥିବା ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଗିରଫ କରିଛି। ଚୋରି ହୋଇଥିବା ଏକ ଗଞ୍ଜାକୁ ଜବତ କରାଯାଇଥିବା ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ସୁଚନା ଦେଇଛନ୍ତି।

# ୨ ପ୍ରତିଯୋଗୀ ଅପ୍‌ସରା, ଗାୟତ୍ରୀ ସମ୍ବର୍ଦ୍ଧିତ



ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକଙ୍କ ସହ ପଦକ ବିଜେତା ଦୁଇ ଛାତ୍ରୀ।

ଗୁଡ଼ାରି,୨୧।୯ (ପ୍ରମୋଦ କୁମାର ପତି)

କଥାରେ ଅଛି ବଣ ମଲ୍ଲୀ ବଣରେ ଫୁଟି ମଉଳି ଯାଏ। କିନ୍ତୁ ଏହି ଉକ୍ତିକୁ ଭୁଲ ପ୍ରମାଣିତ କରିଛନ୍ତି ଗୁଡ଼ାରି ବ୍ଲକର କଦମା ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଅପସରା ଶବର। ପୁରୀ ଜିଲା ହାଇସ୍କୁଲରେ ଗତ ୧୬ରୁ ୧୮ ତାରିଖରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଅପସରା ବ୍ରୋଞ୍ଜ ପଦକ ହାସଲ କରି ସମଗ୍ର ରାୟଗଡା ଜିଲା ପାଇଁ ଗୌରବ ଆଣିଛନ୍ତି। ଅପସରା ଗୁଡ଼ାରି ବ୍ଲକର ସର୍ଗିଗୁଡା ଗ୍ରାମ ବାସିନ୍ଦା। ସେହିପରି କଦମା ବିଦ୍ୟାଳୟର ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଗାୟତ୍ରୀ ଶବର ମଧ୍ୟ ଏହି ବକ୍ସିଂ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଦ୍ୟାଳୟ ପରିସରରେ ଉଭୟଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରଧାନ ଶିକ୍ଷକ ନବକୃଷ୍ଣ

**ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତା**

ଗମାଙ୍ଗ ଉଭୟ ଛାତ୍ରୀଙ୍କୁ ସ୍ୱାଗତ କରିବା ସହ ବିଦ୍ୟାଳୟର କ୍ରୀଡା ଶିକ୍ଷକ ନାସୁ ହରି କ୍ରିଷ୍ଣାଙ୍କୁ ସ୍ୱାଗତ କରି ଏହି କୃତିତ୍ୱ ପାଇଁ ପ୍ରଶଂସା କରିଥିଲେ। ଭବିଷ୍ୟତରେ ନିଜ ପ୍ରତିଭାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି କୃତିତ୍ୱ ହାସଲ କରିଥିବାରୁ ଅପସରାଙ୍କୁ ନିଜ ସାଙ୍ଗ ସାଥି ଓ ପରିବାର ପକ୍ଷରୁ ଅଭିନନ୍ଦନର ସୁଅ ଛୁଟୁଛି। ଗୁଡ଼ାରି ତହସିଲଦାର ଭାରତୀ ଦେବୀ ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ନିଜେ ସ୍କୁଲକୁ ଯାଇ ବ୍ୟକ୍ତିଗତ ଭାବେ ପ୍ରଶଂସା କରିବେ ବୋଲି କହିଛନ୍ତି।

## ଗୁଡ଼ାରିରେ ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଗୁଡ଼ାରି,୨୧।୯ (ପ୍ରମୋଦ କୁମାର ପତି)

ଗୁଡ଼ାରି ଟାଉନ ଦୁର୍ଗାପୂଜା କମିଟି ପକ୍ଷରୁ ଗୁରୁବାର ସ୍ଥାନୀୟ ଦୁର୍ଗାପୂଜା ଗୋଷ୍ଠୀ କେନ୍ଦ୍ର ପରିସରରେ ୧୪ତମ ଦୁର୍ଗାପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ହୋଇଛି। କମିଟି ସଭାପତି ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ



ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଥର ପାଇଁ କେଦାର ସାହୁ ସପତ୍ନୀକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇବେ। ରାଜପୁରୋହିତ ରାମ ପ୍ରସାଦ ରଥଶର୍ମାଙ୍କ ଭାଇ ଗୌରୀ ଶଙ୍କର ରଥ ପୁରୋହିତ ଭାବେ ପୂଜା କାର୍ଯ୍ୟ ସମ୍ପାଦିତ କରିଥିଲେ। ଆସନ୍ତା ଶନିବାର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ପାଇଁ ମାଟି ପୂଜା କରାଯିବ। ଚଳିତ ବର୍ଷ ଦୁର୍ଗାପୂଜାରେ ଭିନ୍ନ ଧରଣର ମେଢ଼ ଏବଂ ସନ୍ଧ୍ୟାରେ ପ୍ରବଚନ ସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି କହିଛନ୍ତି। ଶୁଭଖୁଣ୍ଟି ସ୍ଥାପନ ସମୟରେ ଏମ ପ୍ରସାଦ, ଚନ୍ଦ୍ର ପଣ୍ଡା, କୁନା ବେହେରା, ଶିବ ସାହୁଙ୍କ ସମେତ ବହୁ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଆଜିଠୁ ସରପଞ୍ଚଙ୍କ କଲମ ଛାଡ଼ ଆନ୍ଦୋଳନ

ରାୟଗଡ଼ା,୨୧।୯(ଭାଗ୍ୟଶ୍ରୀ ମିଶ୍ର )

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଣଦେଖା କରାଯିବା ସହ ଅସାମ୍ବିଧାନିକ ଭାବେ କ୍ଷୁଣ୍ଣ କରାଯାଉଥିବା ପ୍ରତିବାଦରେ ସରପଞ୍ଚ ମହାସଂଘ ଡାକରାରେ ୨୨ତାରିଖରୁ କଲମ ଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରାୟଗଡା ଜିଲା ସରପଞ୍ଚ ମହାସଂଘ ସଭାପତି ତାମାରାଓ ବିଡିକାଙ୍କ ନେତୃତ୍ୱରେ ରାୟଗଡ଼ା ବ୍ଲକ୍ ପଞ୍ଚାୟତ ସରପଞ୍ଚ ସଂଘ ପକ୍ଷରୁ ଗୁରୁବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀନାରାୟଣ ସାବତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାରଠାରୁ ସେମାନେ କଲମ ଛାଡ ଓ ସରକାରୀ କାର୍ଯ୍ୟରେ ଅସହଯୋଗ କରିବାକୁ କହିଛନ୍ତି। ରାୟଗଡା ବ୍ଲକ୍‌ର ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଡିଏସସି ଟୋକେନ ହସ୍ତାନ୍ତର ନିମନ୍ତେ ଦାବି



ସରପଞ୍ଚମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।


କରାଯାଇଛି।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ରାୟଗଡା ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାୟଗଡା ସରପଞ୍ଚ ମହାସଂଘ ପକ୍ଷରୁ ୧୨ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସରପଞ୍ଚ ମହାସଂଘ ପକ୍ଷରୁ ୧୫ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗତ ସେପ୍ଟେମ୍ବର ୧୫ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗୀୟ ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ନେଇ ମନ୍ତ୍ରୀ ପଣ୍ଡା ଆସନ୍ତା ସେପ୍ଟେମ୍ବର ୨୨ ସୁଦ୍ଧା ଆଲୋଚନା ଏବଂ ନିଷ୍ପତ୍ତି କରାଯିବା ଉପରେ ପ୍ରତିଶ୍ରୁତି ଦେଇଥିଲେ।

**ବିଡିଓଙ୍କୁ ଦାବିପତ୍ର ଦେଲେ ସରପଞ୍ଚ ମହାସଂଘ**

ଆଜି ଯାଏଁ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ରାଜ୍ୟ ମହାସଂଘ ଡାକରାରେ ୨୨ ତାରିଖରୁ କଲମ ଛାଡ ଆନ୍ଦୋଳନ ସହ ସରକାରୀ କାର୍ଯ୍ୟରେ ଅସହଯୋଗ ପାଇଁ ଆହ୍ୱାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ମହାସଂଘ ସମ୍ପାଦକ ତଥା ମିରାବାଲି ପଞ୍ଚାୟତ ସରପଞ୍ଚ ଅଶୋକ ପୁଲାକା, ବଡଇରକୁବାଡି ସରପଞ୍ଚ କାମେଶ୍ୱର ତାଡିଙ୍ଗି, ଜେମାଦେଇପେଣ୍ଠ ସରପଞ୍ଚ ମିତା ପୁଆଲା, କେରଡା ସରପଞ୍ଚ ବିଜୟଲକ୍ଷ୍ମୀ ହିମିରିକା, ପିତାମହଲ ସରପଞ୍ଚ ଟୁଟୁ ତାଡିଙ୍ଗି, ପିପଲଗୁଡା ସରପଞ୍ଚ ରେଣୁକା ମାଣ୍ଡାଙ୍ଗିଙ୍କ ସମେତ ଅନ୍ୟ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।

# ଓଲଟିଲା ଟ୍ରକ୍, ରାଜ୍ୟ ରାଜପଥରେ ଯାତାୟାତ ଠପ୍



ଓଲଟି ପଡ଼ିଥିବା ମାଲବୋଝେଇ ଟ୍ରକ୍।

ବିଷମ କଟକ,୨୧।୯ (ବିଭୂତି ଭୂଷଣ ନାୟକ)

ରାୟଗଡା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଚାଟିକଣା ନିକଟସ୍ଥ ପୁରଗାଯୋଡି ନିକଟରେ ଥିବା ୩୨୬ ରାଜ୍ୟ ରାଜପଥ ଉପରେ ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟାରେ ଭରସାମ୍ୟ ହରାଇ ଏକ ମାଲ ବୋଝେଇ ଟ୍ରକ୍ ଓଲଟି ପଡିଛି। ଦୁର୍ଘଟଣାରେ ଡ୍ରାଇଭର ସାମାନ୍ୟ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଦୀର୍ଘ ୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ହେଲା ରାୟଗଡାରୁ ଭବାନୀପାଟଣାକୁ ଯୋଗାଯୋଗ କରୁଥିବା ରାଜପଥରେ ଯାତାୟାତ ଠପ୍ ହୋଇଯାଇଛି। ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଛି। ଏହି ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ରହିଥିବା ଓ ଦ୍ରୁତ ଗତିରେ ଗାଡି ଚଳାଇବା କାରଣରୁ ଏହି ଟ୍ରକ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଲୋକେ ବିଷମକଟକ ପୋଲିସକୁ ଖବର ଦେଇଥିଲେ। ଖବରପାଇ ବିଷମକଟକ ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରେ ଓଲଟି ପଡିଥିବା ଟ୍ରକକୁ ବାହାର କରିବା କାର୍ଯ୍ୟରେ ଲାଗିପଡିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତା ଉପରୁ ଗାଡି ହଟି ନ ଥିବାବେଳେ ଯାତାୟାତ ସ୍ୱାଭାବିକ ହୋଇ ନ ଥିବା ସୂଚନା ରହିଛି। ରାତି ସୁଦ୍ଧା ଯାତାୟାତ ସ୍ୱାଭାବିକ କରିବା ପାଇଁ ଚେଷ୍ଟା ଚାଲିଛି ବୋଲି ଥାନା ଅଧିକାରୀ ପ୍ରାଣ୍କା ଓଝା ସୂଚନା ଦେଇଛନ୍ତି।

# ଗଜଲକ୍ଷ୍ମୀ, ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ

ଗୁଣପୁର,୨୧।୯ (ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀ ଏବଂ ମା' ଦୁର୍ଗାଙ୍କ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଫିସ ସମ୍ମୁଖରେ ଜାଗୃତି ସାଂସ୍କୃତିକ ଆସୋସିଏଶନ ପକ୍ଷରୁ ଅକ୍ଟୋବର ୨୮ରୁ ୯ ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ମା' ଗଜଲକ୍ଷ୍ମୀ ପୂଜା ଉତ୍ସବ ଚଳିତ ବର୍ଷ ୬ଷ୍ଠ ବର୍ଷରେ ପଦାର୍ପଣ କରିଛି ଏଥିଲାଗି ପୂଜା ମଣ୍ଡପରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ରାଧାକୃଷ୍ଣ ପଣ୍ଡା ପୂଜା କାର୍ଯ୍ୟ ସଂପାଦନା କରିଥିବା ବେଳେ ପୂଜକ ଭାବେ ନବୀନ ରଥ, ପ୍ରକାଶ ରଥ ଏବଂ ଗୁପ୍ତେଶ୍ୱର ଆଚାର୍ଯ୍ୟ ପୂଜା କାର୍ଯ୍ୟ ତୁଲାଇଥିଲେ। ଆସୋସିଏଶନର ସଭାପତି ମନୋରଞ୍ଜନ ରଥ, କାର୍ଯ୍ୟକାରୀ ସଭାପତି ସମେଶ୍ୱର ସାମଲ, ଉପ ସଭାପତି କମଳାକାନ୍ତ ଖୁଣ୍ଟିଆ, ସମ୍ପାଦକ ଶିବ ପ୍ରସାଦ ମହାପାତ୍ର, ମୁଖ୍ୟ ଉପଦେଷ୍ଟା ରାଜେନ୍ଦ୍ର ପ୍ରସାଦ ସାହୁକାରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଟାଟା ପାୱାର ତଥା ବିଦ୍ୟୁତ କାର୍ଯ୍ୟାଳୟଠାରେ ଦୁର୍ଗା ପୂଜା ପାଇଁ ମଧ୍ୟ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ରଘୁନାଥ ଦାସ ଏବଂ ପୂଜକ ଭାବେ ଗଣେଷ ଷଡଙ୍ଗି ଉପସ୍ଥିତ ରହି ପୂଜା କାର୍ଯ୍ୟ ସଂପାଦନା କରିଥିଲେ। ଏସଡିଓ ପୂର୍ଣ୍ଣ ପାଢୀ, କନିଷ୍ଠ ଯନ୍ତ୍ରୀ ଅରୁଣ ଷଡଙ୍ଗୀ, ଅଭିଜିତ ସମାନ୍ତ, କର୍ମଚାରୀ ଅଜିତ ପଣ୍ଡା, ମୁନା ପାଢୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ଲାଗି ପୂଜାର୍ଚ୍ଚନା ଚାଲିଛି।

# ସଚେତନତା ଅଭାବରୁ ସରକାରୀ ଯୋଜନାର ଲାଭ ପାଉନାହାନ୍ତି ଚାଷୀ

ରାୟଗଡ଼ା,୨୧।୯(ଭାଗ୍ୟଶ୍ରୀ ମିଶ୍ର)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କୁ କାଳିଆ ଯୋଜନା ସହାୟତା ଦେଇ ଭେଟି ଦେଇଛନ୍ତି। ଓଡ଼ିଶା ଦିବସରେ ଗୋଟିଏ କିସ୍ତି ଦିଆଯାଇଥିବାବେଳେ ବୁଧବାର ଏହାର ଦ୍ୱିତୀୟ କିସ୍ତି ଡିବିଟି ମାଧ୍ୟମରେ ପ୍ରତ୍ୟେକ ଚାଷୀଙ୍କୁ ୨୦୦୦ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ରବି ଫସଲ ପାଇଁ ଏହି ସହାୟତା ପ୍ରଦାନ କରାଯାଇଛି। ତେବେ ରାୟଗଡା ଜିଲାରେ ରବି ଫସଲରେ କାଳିଆ ଯୋଜନାରେ ମୋଟ ୮୩,୬୮୮ ଚାଷୀଙ୍କୁ ସହାୟତା ମିଳିଛି। ସେଥିରୁ କ୍ଷୁଦ୍ର ଚାଷୀ କ୍ଷୁଦ୍ର ଏବଂ ନାମ ମାତ୍ର ଚାଷୀ ୮୨, ୦୩୨ ରହିଥିବା ବେଳେ ଭୂମିହୀନ ଚାଷୀଙ୍କ ସଂଖ୍ୟା ୧୬୫୬ ରହିଛି।

ରାୟଗଡା ଏକ ଆଦିବାସୀ ବହୁଳ ଅଞ୍ଚଳ। ଜିଲାରେ ଚାଷୀଙ୍କ ସରକାର ଅନେକ ଯୋଜନା କରୁଥିବାବେଳେ ସଚେତନତା ଅଭାବରୁ ଚାଷୀମାନେ ଯୋଜନା ସମ୍ପର୍କରେ ଜାଣିପାରୁନାହନ୍ତି। ଫଳରେ ଭୂମିହୀନ ଚାଷୀମାନେ ସାହୁକାରଠାରୁ ଧାର କରଜ କରି ଚାଷ କରିଥାନ୍ତି। ଜିଲାରେ ମୋଟ ୪,୮୬୫୮୪ ଚାଷୀଥିବାବେଳେ କ୍ଷୁଦ୍ର ଚାଷୀ ୭୧୪୦୧, ନାମମାତ୍ର ଚାଷୀ ୧ଲକ୍ଷ ୩୩ ହଜାର ୬୫୩ ରହିଛନ୍ତି। ସେହିଭଳି ଭୂମିହୀନ ଚାଷୀ ୩ ଲକ୍ଷ ୮୧ ହଜାର ୫୩୦ ରହିଥିବା ଜଣାପଡିଛି। ଜିଲାରେ ଏତେ ଅଧିକ ଚାଷୀ ରହିଥିଲେ ସୁଦ୍ଧା ସେହି ପରିମାଣର

- ୪,୮୬୫୮୪ ଚାଷୀଙ୍କ ଭିତରୁ ୮୩,୬୮୮ କାଳିଆ ଯୋଜନା ହିତାଧିକାରୀ
- ଆବେଦନ କରିନାହାନ୍ତି ଅନେକ ଚାଷୀ

ହିତାଧିକାରୀ କାଳିଆ ଯୋଜନା ପାଇଁ ଆବେଦନ କରି ନ ଥିବାରୁ ସରକାରୀ ଯୋଜନାର ଲାଭ ଉଠାଇ ପାରି ନ ଥିବା ଅଭିଯୋଗ ହୋଇଛି।

ଜିଲା କୃଷି ବିଭାଗ ଯୋଜନାଗୁଡିକୁ ଠିକ୍ ଭାବରେ ଚାଷୀଙ୍କ ପାଖରେ ପହଞ୍ଚାଇଲେ ଆଗାମୀ ଦିନରେ ଚାଷୀ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ କହିଛନ୍ତି। ରାୟଗଡା ବ୍ଲକ ମୀରାବାଲି ଗ୍ରାମର ଜଣେ ଚାଷୀ ବାସୁଦେବ ତିଲାକା କହିଛନ୍ତି, ବେଳେ ବେଳେ ବ୍ୟାଙ୍କରୁ ଋଣ ନେଇ ଚାଷ କାର୍ଯ୍ୟ କରେ, ଅନ୍ୟ କେତେବେଳେ ସାହୁକାରଠାରୁ ହାତ ଉଧାରି ଆଣିଥାଏ। କାଳିଆ ଯୋଜନା ବିଷୟରେ ମୁଁ ଜାଣି ନାହିଁ ବୋଲି ସେ କହିଛନ୍ତି। ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନଙ୍କୁ ପଚାରିବାରୁ ଚାଷୀଙ୍କୁ ସଚେତନତା କରା ଯାଉଛି। କେତେଜଣ ଚାଷୀ ଜାଣିପାରୁ ନାହାନ୍ତି ସେମାନେ ନିକଟସ୍ଥ କୃଷି କାର୍ଯ୍ୟାଳୟକୁ ଆସି ଯୋଗାଯୋଗ କରିଲେ ପ୍ରତ୍ୟେକ ଖବର ଜାଣିପାରିବେ ବୋଲି ସେ କହିଛନ୍ତି। ଚାଷୀ କାଳିଆ ଯୋଜନା ପାଇଁ ଆବେଦନ କଲେ ବିଭାଗୀୟ ଅଧିକାରୀ ପ୍ରଥମେ ଗ୍ରାମାଞ୍ଚଳରେ ଭେରିଫିକେଶନ କରିଥାନ୍ତି। ଏହା ପରେ ଜିଲାସ୍ତରରେ ଯାଞ୍ଚ ପରେ ଜିଲାପାଳଙ୍କ ଅନୁମୋଦନ ପରେ ରାଜ୍ୟସ୍ତରକୁ ଯାଇଥାଏ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଜିଲା ପରିଷଦ ଅଧ୍ୟକ୍ଷାଙ୍କ ହସ୍ତକ୍ଷେପ ପରେ ରୋଗୀଙ୍କ ବେଡ୍‌ରେ ପଡ଼ିଲା ଚାଦର

ଦଶମନ୍ତପୁର, ୨୧।୯(ଅରବିନ୍ଦ ନାୟକ)

ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକାଙ୍କ ହସ୍ତକ୍ଷେପ ପରେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ବେଡ୍‌ରେ ଏବେ ଚାଦର ପଡ଼ିଛି। ରୋଗୀଙ୍କୁ କୌଣସି ପ୍ରକାର ଜରୁରିକାଳୀନ ସହାୟତା ଆବଶ୍ୟକ ପଡ଼ିଲେ ଯୋଗାଯୋଗ କରିବାକୁ ଜିଲା ପରିଷଦ ଅଧ୍ୟକ୍ଷା କହିଛନ୍ତି। ସୂଚନାନୁଯାୟୀ, ଗତ ୧୬ ତାରିଖରେ ଝାଡ଼ାବାନ୍ତିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫ ଜଣ



ଆକ୍ରାନ୍ତ ହୋଇଥିବା ଖବରପାଇ ଜିଲା ପରିଷଦ ଅଧ୍ୟକ୍ଷା ଡାକ୍ତରଖାନାରେ ପହଞ୍ଚିଥିଲେ। ରୋଗୀଙ୍କ ବେଡ୍‌ରେ ଚାଦର ପଡ଼ି ନ ଥିବା ଦେଖି କାର୍ଯ୍ୟରତ ୨ ଡାକ୍ତର ଦିଗ୍‌ବିଜୟ ସିଂ ଏବଂ ଜି. ପ୍ରିୟଙ୍କାଙ୍କୁ ଏହାର କାରଣ ପଚରିବା ସହ ଯୁକ୍ତିତର୍କ ହୋଇଥିଲା। ଘଟଣା ସମ୍ପର୍କରେ ସିଡିଏମ୍‌ଓଙ୍କୁ ଜଣାଇଥିଲେ। ଏହାପରେ ରୋଗୀଙ୍କ ବେଡ୍‌ରେ ଚାଦର ପଡ଼ିଛି କି ନାହିଁ ତାହାର ତଦନ୍ତ ପାଇଁ ଜିଲା ପରିଷଦ ଅଧ୍ୟକ୍ଷା ଡାକ୍ତରଖାନା ଆସିଥିଲେ। ଚାଦର ପଡ଼ିଥିବା ଦେଖି ସେ ସ୍ୱାସ୍ଥ୍ୟ ବିଭାଗକୁ ଧନ୍ୟବାଦ ଦେଇଛନ୍ତି।

### ନାବାଳିକା ଅପହରଣ, ବଳାତ୍କାର ମାମଲାରେ ଜଣେ ଗିରଫ

ଜୟପୁର, ୨୧।୯(ପବନ ପାଣିଗ୍ରାହୀ)

ନାବାଳିକାକୁ ଅପହରଣ ଓ ବଳାତ୍କାର ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଜୟପୁର ଟାଉନ ପୋଲିସ ଗିରଫ କରିଛି। ସେ ହେଲେ ଅଭିଯୁକ୍ତ ଢେପଗୁଡ଼ାର ସୁମିତ ବାଘ (୨୨)। ପୋଲିସ ସୂଚନାନୁଯାଇ ଜଣେ ନାବାଳିକା ନିଖୋଜ ଥିବା ନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ନାବାଳିକାଙ୍କୁ ବୋରିଗୁମ୍ମାରୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ନାବାଳିକାଙ୍କୁ ଉଦ୍ଧାର ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

### କୁକୁଡ଼ା ଚୋର ଗିରଫ

ଜୟପୁର, ୨୧।୯(ପବନ ପାଣିଗ୍ରାହୀ)

କୁକୁଡ଼ା ଚୋରି ଅଭିଯୋଗରେ ଜୟପୁର ଟାଉନ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଖ୍ରୀଷ୍ଟିଆନପେଟାର କେଶବ ସୁନା (୨୨)। ପୋଲିସ ସୂଚନାନୁଯାୟୀ ଜୟପୁର ନିଆ ସାହି ୫ ଲାଇନର କୁନ୍ତଳା ନାୟକ ତାଙ୍କ ଘରୁ ୨ଟି ଗଞ୍ଜା ଓ କୁକୁଡ଼ା ଚୋରି ହୋଇଥିବା ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଗିରଫ କରିଛି। ଚୋରି ହୋଇଥିବା ଏକ ଗଞ୍ଜାକୁ ଜବତ କରାଯାଇଥିବା ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ସୁଚନା ଦେଇଛନ୍ତି।

# ଭୁଶୁଡ଼ିଲା କଲ୍‌ଭର୍ଟ, ୨ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ



ଭାଙ୍ଗିଯାଇଥିବା କଲଭର୍ଟ।

ଦଶମନ୍ତପୁର, ୨୧।୯(ଅରବିନ୍ଦ ନାୟକ)

**ଲଗାଣ ବର୍ଷାରେ ପାହାଡ ଉପରୁ ଖସୁଛି ପଥର**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପରଜାବେଡ଼ାପଦର ପଞ୍ଚାୟତ ଅଧୀନ ରହିଆମ୍ବ ଗ୍ରାମରେ ଥିବା କଲଭର୍ଟ ଲଘୁଚାପଜନିତ ବର୍ଷାରେ ଭୁଶୁଡି ପଡ଼ିଛି। ଫଳରେ ୨ଟି ଗାଁ ଏବେ ବାହ୍ୟଜଗତରୁ ବିଚ୍ଛିନ୍ନ।

ତୋଟାଗୁଡ଼ା ଆର୍‌ଡି ଛକରୁ ରହିଆମ୍ବ ଗାଁଟି ପ୍ରାୟ ୨ କି.ମି. ଦୂର। ଏହି ରାସ୍ତାରେ ପଞ୍ଚାୟତର ରହିଆମ୍ବ ଏବଂ ଟାମକ ସିଲ ଗ୍ରାମବାସୀ ନିର୍ଭର କରିଥାନ୍ତି। ଗତ କାଲିର ଲଗାଣ ବର୍ଷାରେ କଲଭର୍ଟ ଭୁଶୁଡି ପଡ଼ିବାରୁ ୨ ଖଣ୍ଡ ଗ୍ରାମବାସୀ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି। ଉକ୍ତ ରାସ୍ତାଦେଇ ପିଲାମାନେ ଅଙ୍ଗନୱାଡି ଯାଉଥିଲେ। କଲଭର୍ଟ ଭୁଶୁଡିବା କାରଣରୁ ପିଲାମାନେ ଆଉ ପଢ଼ିବାକୁ ଯାଇପାରୁନାହାନ୍ତି। ଗ୍ରାମବାସୀଙ୍କ ଯାତାୟାତରେ ମଧ ଅସୁବିଧା ହେଉଛି। ଗାଁକୁ ବର୍ତ୍ତମାନ ଆମ୍ବୁଲାନ୍ସ ସେବା ପହଞ୍ଚିବା କଷ୍ଟକର ବୋଲି ଗ୍ରାମର ରଞ୍ଜନ ଜାନି, ବଳଭଦ୍ର ନାୟକ, ଅମି ଜାନି, ମଙ୍ଗୁ କମାର, ସୁକାନ୍ତ ଜାନି, ଦୁର୍ଯ୍ୟ କମାର, ଧବଲୁ ସାଉଁନ୍ତା, ରଘୁ ଜାନିଙ୍କ ସମେତ ଅନ୍ୟ ଗ୍ରାମବାସୀ କହିଛନ୍ତି। ସେଠାରେ ଏକ ନୂତନ କଲଭର୍ଟ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ସେହିପରି ଗିର୍ଲିଗୁମ୍ମା ପଞ୍ଚାୟତ ଅଧୀନ କଲାଟି ଗାଁକୁ ସଂଯୋଗ କରୁଥିବା ଏକ ପାହାଡ଼ ଏକ ବିରାଟକାୟ ପଥର ଖସି ରାସ୍ତା ଅବରୋଧ ହୋଇଥିବା ଜଣାପଡିଛି। ପଥର ଖସିବାବେଳେ କେହି ଯାତାୟାତ କରୁ ନ ଥିବାରୁ କୌଣସି ଦୁର୍ଘଟଣା ଖବର ହସ୍ତଗତ ହୋଇନାହିଁ।

## ୨ ଦିନରେ ଭାଙ୍ଗିଲା ୪୦ ଘର

କୋରାପୁଟ, (ଅମିତାଭ ବେହେରା)

କୋରାପୁଟ ଜିଲାରେ ହୋଇଥିବା ଲଗାଣ ବର୍ଷାରେ ୨ଦିନରେ ଜିଲାର ୬ ବ୍ଲକରେ ୪୦ ଘର ଭାଙ୍ଗିଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ଗୁରୁବାର ସୂଚନା ମିଳିଛି। ଜିଲାର କୋରାପୁଟ ତହସିଲ ଅଞ୍ଚଳର ୫, ଦଶମନ୍ତପୁରରେ ୯, ମାଛକୁଣ୍ଡରେ ସର୍ବାଧିକ ୧୨, ସେମିଳିଗୁଡ଼ାରେ ୬, ନନ୍ଦପୁରରେ ୫ ଏବଂ ଜୟପୁର ତହସିଲରେ ୩ଟି ଘର ଭାଙ୍ଗି ଥିବା ସରକାରୀ ରିର୍ପୋଟରୁ ଜଣାପଡ଼ିଛି। ବୁଧବାର ଜିଲାରେ ବର୍ଷାରେ ୧୪ ଘର ଭାଙ୍ଗିଯାଇଥିବାବେଳେ ଗୁରୁବାର ପୁଣି ୨୬ ଘର ଭାଙ୍ଗିଥିବା ଜଣାପଡିଛି।



ଜୟପୁର ବ୍ଲକରେ ଭାଙ୍ଗିଯାଇଥିବା ଏକ ଘର।

# ବାହାରିଲା ବତ୍ରିଶ ସିଂହାସନର ଦଶହରା, ଦୁର୍ଗାପୂଜା ସମୟ ସାରଣୀ

ନନ୍ଦପୁର, ୨୧।୯(ଶଙ୍କର ପୂଜାରୀ)

ଅକ୍ଟୋବର ୨୪ ଦଶହରା ପର୍ବ ଓ ଦୁର୍ଗାପୂଜା ପାଳନ ପାଇଁ ନନ୍ଦପୁରର ଐତିହାସିକ ବତ୍ରିଶ ସିଂହାସନ ଦୁର୍ଗାପୂଜା କମିଟିର ପ୍ରସ୍ତୁତି ଆରମ୍ଭ ହୋଇଛି। ପୀଠ ପୂଜକ ଲକ୍ଷ୍ମଣ ତ୍ରିପାଠୀ ଗୁରୁବାର ପୂଜାର ସମୟ ସାରଣୀ ଘୋଷଣା କରିଛନ୍ତି। ଆସନ୍ତା ୨୪ ରବିବାରରେ ମୃତ୍ତିକା ପୂଜନ କାର୍ଯ୍ୟ ଆରମ୍ଭ ହେବ। ମୂର୍ତ୍ତିକାର ନିରଞ୍ଜନ ତିଲତାଙ୍ଗ ମା ଦୁର୍ଗାଙ୍କ ମୃଣୟ ବିଗ୍ରହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ। ଅକ୍ଟୋବର ୨୦ ଶୁକ୍ରବାର ବିଲ୍ୱବରଣ ପୂଜା କରାଯାଇ ଦଶହରା ପର୍ବର ଶୁଭାରମ୍ଭ ହେବ। ୨୧ରେ ସପ୍ତମୀ ପୂଜା, ୨୨ରେ ଅଷ୍ଟମୀ ଓ ସନ୍ଧିପୂଜା ସନ୍ଧ୍ୟା ୭.୪୬ରେ କରାଯିବ। ୨୩ରେ ନବମୀ ଓ ୨୪ତାରିଖ ମଙ୍ଗଳବାର ସକାଳ ୭.୩୦ରେ କୁମାରୀ ପୂଜା, ସନ୍ଧ୍ୟା ୭ଟାରେ ପୂର୍ଣ୍ଣାହୁତି ଓ ବୁଧବାର ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜକ କହିଛନ୍ତି। ନନ୍ଦପୁର ଦଶହରାର ନୀତିକାନ୍ତି ସହ ଜୟପୁର ରାଜାଙ୍କ ଦଶହରା ପର୍ବ ଜଡ଼ିତ ଥିବାରୁ ଐତିହାସିକ ବତ୍ରିଶ ସିଂହାସନ ପୀଠରେ ଚଳିତବର୍ଷ ମହା ଆଡ଼ମ୍ବରରେ ଦଶହରା ଓ ଦୁର୍ଗାପୂଜା ପାଳନ ହେବ ବୋଲି କମିଟି ସଭାପତି ତୁଷାରକାନ୍ତ ମହାନ୍ତି ସୂଚନା ଦେଇଛନ୍ତି। ପୂଜାର ନିତିକାନ୍ତି ସମେତ ଭକ୍ତ ଓ ଦର୍ଶକଙ୍କ ମନୋରଞ୍ଜନ ଲାଗି ପୂଜା କମିଟି ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ନବମୀ ଦିନ ଭଜନ ସନ୍ଧ୍ୟା, ଦଶମୀରେ ମେଲୋଡି, ଆଦିବାସୀ ନାଚ ଓ ବିସର୍ଜନରେ କଳାହାଣ୍ଡି ବାଜା ଆକର୍ଷଣ ସାଜିବ ବୋଲି କମିଟି ସଦସ୍ୟ ଯୁଗେନ୍ଦ୍ର ଚୌଧୁରୀ, ରଭିନ୍ଦର କୁମାର, କର୍ତ୍ତା ଲିଙ୍ଗରାଜ ଚୌଧୁରୀ, ବିଶିକେଶନ ବେହେରା, ଲୋକନାଥ ଚୌଧୁରୀ ଓ ଉପଦେଷ୍ଟା ଗୋପାଳକୃଷ୍ଣ ବେବର୍ତ୍ତା, ବି. କେଶବ ଚୌଧୁରୀ ପ୍ରମୁଖ ସୂଚନା ଦେଇଛନ୍ତି।

# ପୋଲିସ ଗାଡ଼ିକୁ ଧକ୍କାଦେଲା ଗଞ୍ଜେଇ ବୋଝେଇ ଗାଡ଼ି

- ପୃଥକ୍ ସ୍ଥାନରେ ଗଞ୍ଜେଇ ଧରପଗଡ଼
- ୨୯୩ କିଲୋ ଗଞ୍ଜେଇ ସହ ୨ଗାଡ଼ି ଜବତ, ୩ ଗିରଫ

ନନ୍ଦପୁର, ୨୧।୯(ଶଙ୍କର ପୂଜାରୀ)

କୋରାପୁଟ ଜିଲା ମାଛକୁଣ୍ଡ ପୋଲିସ ଗୋଟିଏ ଦିନରେ ଦୁଇ ପୃଥକ୍ ଜାଗାରେ ଗଞ୍ଜେଇ ଧରପଗଡ଼ କରି ସଫଳ ହୋଇଛି। ସମୁଦାୟ ୨୯୩ କିଲୋ ଗଞ୍ଜେଇ ସହ ୨ ଗାଡ଼ି ଜବତ କରି ୩ ଜଣଙ୍କୁ ଗିରଫ କରିଛି। ଚାଲାଣକାରୀଙ୍କ ଗାଡ଼ି ଧକ୍କାରେ ପୋଲିସ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। କିଛିଦିନ ତଳେ ପୋଲିସ ଉପରକୁ ଗଞ୍ଜେଇ ମାଫିଆଙ୍କ ଗାଡ଼ି ମଡେଇବା ଓ ଏବେ ଗାଡ଼ି ଧକ୍କା ଦେବା ଭଳି ଦୁଇ ଘଟଣା ପୋଲିସର ଚିନ୍ତା ବଢ଼ାଇଛି। ଚାଲାଣକାରୀଙ୍କ ପୋଲିସ ଉପରକୁ ଆକ୍ରଣାତ୍ମକ ପ୍ରଦର୍ଶନ ପ୍ରତି ପୋଲିସ ସଜାଗ ଅଛି ବୋଲି ଖବରଦାତା ସମ୍ମିଳନୀରେ ନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗୋଇନ୍ଦା ସୂଚନା ଆଧାରରେ ପୃଥକ୍ ଧରପଗଡ଼ ଲାଗି ମାଛକୁଣ୍ଡ ପୋଲିସକୁ ୨ଦଳରେ ଭାଗ କରାଯାଇଥିଲା। ଗୋଟିଏ ଦଳ ସଗର ଓ ଅନ୍ୟଟି କନ୍ଧମାଲ ନିକଟରେ ଛକିରହିଥିଲେ। ସଗର ଗ୍ରାମ ନିକଟରେ ମୁଟିମେପୁଟ (ଆନ୍ଧ୍ର)



ଖବରଦାତା ସମ୍ମିଳନୀରେ ପୋଲିସ ଗଞ୍ଜେଇ ଚାଲାଣକାରୀଙ୍କ ସମ୍ପର୍କରେ ସୂଚନା ଦେଉଛି।

ପଟୁ ଆସୁଥିବା ଗୋଟିଏ ଏକ୍ସୟୁଭି (ଓଡି-୦୨ଏଏସ୍-୫୦୩୩)କୁ ଅଟକାଇବା ମାତ୍ରେ ଗାଡ଼ିଟି ସାମ୍ନାରେ ଥିବା ପୋଲିସ ଗାଡ଼ିକୁ ଧକ୍କାଦେଇ ଖସି ପଳାଇବାକୁ ଚେଷ୍ଟା କରିଥିଲା। ଗାଡ଼ିକୁ ଅଟକ ରଖାଯାଇ ଗାଡ଼ି ସମେତ ୧୦୫ କିଲୋ ଗଞ୍ଜେଇ ଜବତ କରାଯାଇଛି। ଗାଡ଼ିରେ ଥିବା ସେମିଳିଗୁଡ଼ାର ତାପସ ଦେବାଶିଷ ବିଶ୍ୱାଳ ଓ କୋରାପୁଟର ଅଭିଷେକ ରାଜା ଚେଟିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଥାନା କେସ୍ ନମ୍ବର ୧୧୭/୨୩ରେ ପୋଲିସ ମାମଲା ରୁଜୁ କରିଛି।

ସେହିଭଳି କନ୍ଧମାଳ ଗ୍ରାମ ଶହୀଦ ସ୍ତମ୍ଭ ନିକଟରୁ ଏକ କମାଣ୍ଡର ଜିପ୍ (ଓଆର୍- ୦୮ବି-୭୯୭୭) କୁ ଯାଞ୍ଚ କରି ଗାଡ଼ିରେ ଥିବା ୧୮୭ କିଲୋ ୩୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ମାଲକାନଗିରି ବଡ ଦୁରାଲ ଗ୍ରାମର ମଧୁ ଖରାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଥାନା କେସ୍ ନ ୧୧୮/୨୦୨୩ରେ ପୋଲିସ ମାମଲା ରୁଜୁ କରିଛି। ୨ ମାମଲାରେ ଗିରଫ ୩ଜଣଙ୍କ ପାଖରୁ ୩ଟି ଦାମୀ ମୋବାଇଲ ଫୋନ ଜବତ ହୋଇଥିବା ଖବରଦାତା ସମ୍ମିଳନୀରେ ନନ୍ଦପୁର ଏସ୍‌ଡିପିଓ କହିଛନ୍ତି। ମାଛକୁଣ୍ଡ ଥାନାଧିକାରୀ ଡି. ବଡ଼ିଆ ଓ ଏସ୍‌ଆଇ ଏସ୍.କେ. ସେଠୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଛି। ଗଞ୍ଜେଇ ଚାଲାଣକାରୀଙ୍କ ଆକ୍ରମଣରେ ପୋଲିସ ଗାଡ଼ିର ସାମାନ୍ୟ କ୍ଷତି ହୋଇଛି। ସମସ୍ତ ପୋଲିସ କର୍ମଚାରୀ ସୁରକ୍ଷିତ ଥିବା ଏସ୍‌ଡିପିଓ ମହାପାତ୍ର କହିଛନ୍ତି।

## ଗଞ୍ଜେଇ କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ବୈପାରୀଗୁଡ଼ା, ୨୧।୯(କଳ୍ପତରୁ ମହାନ୍ତି)

ଗଞ୍ଜେଇ କାରବାରରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ବୈପାରୀଗୁଡ଼ା ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଥିବା କରିଛି। ଅଭିଯୁକ୍ତ ଜଣକ ହେଲେ ବୈପାରୀଗୁଡା ଥାନା ଅଞ୍ଚଳ ପଡେଇଗୁଡା ଗ୍ରାମର କାର୍ତ୍ତିକ ଖରା (୨୭)। ତାଙ୍କ ପାଖରୁ ୨ଟି ପଲିଥିନ ବ୍ୟାଗରୁ ୬୦ କେଜି ଗଞ୍ଜେଇ ଜବତ କରାଯାଇ ଥିବା ଥାନାଧିକାରୀ ସୁଶାନ୍ତ ଶତପଥୀ ସୂଚନା ଦେଇଛନ୍ତି। କେସ୍ ନଂ ୨୦୨/୨୩ରେ ମାମଲା ରୁଜୁ କରାଯାଇଛି।



# ଅବଚେତନ ମନ କମ୍ପ୍ୟୁଟର ସହ ସମାନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

ନବରଙ୍ଗପୁର, ୨୧।୯(ସଦାଶିବ ପ୍ରହରାଜ)

**ତେରପନ୍ଥ ମହିଳା ମଣ୍ଡଳର ଅବଚେତନ କାର୍ଯ୍ୟକ୍ରମ**

ନବରଙ୍ଗପୁର ଅଖିଳ ଭାରତୀୟ ତେରପନ୍ଥ ମହିଳା ମଣ୍ଡଳଙ୍କ ନିର୍ଦ୍ଦେଶାନୁଯାୟୀ ତେରପନ୍ଥ ମହିଳା ମଣ୍ଡଳ ଦ୍ୱାରା ଅବଚେତନ ମନର ଶକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାମୁରିଆଗୁଡ଼ାସ୍ଥିତ ଲକ୍ଷ୍ମୀନାରାୟଣ ଜୈନଙ୍କ ଘରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. କେ. ଧନୁର୍ଜୟ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜୈନ ତେରପନ୍ଥ ସଭା ଅଧ୍ୟକ୍ଷ ବବଲୁ ଜୈନ ଉପଢୌକନ ଦେଇ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରିଥଲେ। ନମସ୍କାର ମହାମନ୍ତ୍ର ପରେ ସ୍ଥାନୀୟ ମହିଳା ମଣ୍ଡଳର ଭଉଣୀମାନେ ପ୍ରେରଣା ଗୀତ ଗାଇଥିଲେ। ମହିଳା ମଣ୍ଡଳ ଅଧ୍ୟକ୍ଷ ବୋବି ଜୈନ ଅବଚେତନ ମନ ଏବଂ ଚେତନ ମନ କ'ଣ ତାହା ବୁଝାଇଥିଲେ। ନିଜର ଅବଚେତନ ମନର ପ୍ରୟୋଗ କଲେ ନିଶ୍ଚିତ ଭାବେ ଏକ ସକାରାତ୍ମକ ପରିବର୍ତ୍ତନ ଘଟିବ ବୋଲି ସେ କହିଥିଲେ। ଡ. କେ.ଡି. ପଟ୍ଟନାୟକ ମୁଖ୍ୟବକ୍ତାଭାବେ ଯୋଗଦେଇ ଅବଚେତନ ମନ ବିଷୟରେ ସୂଚନା ଦେଇଥିଲେ। ଚେତନ ମନ ୧୦ ପ୍ରତିଶତ କାମ କରେ ଏବଂ ଅବଚେତନ ମନ ୯୦ ପ୍ରତିଶର କାମ କରେ ବୋଲି ସେ କହିଥିଲେ। ଅବଚେତନ ମନ କମ୍ପ୍ୟୁଟର ସହ ସମାନ ବୋଲି ସେ କହିଥିଲେ। ଅବଚେତନ ମନକୁ କିପରି କାର୍ଯ୍ୟକ୍ଷମ କରିବେ ସେ ନେଇ ଉଦାହରଣ ସହିତ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଭଉଣୀ ରାଖୀ ମଧ କାହାଣୀ ମାଧ୍ୟମରେ ଅବଚେତନ ମନ ବିଷୟରେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମକୁ ବିନ୍ଦିଆ ଜୈନ ପରିଚାଳନା କରିଥିଲେ। ନବରଙ୍ଗପୁର ମହିଳା ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ହିତାଧିକାରୀଙ୍କୁ ପଟ୍ଟା, ପେନସନ

କୁନ୍ଦୁରା, ୨୧।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପରେ ତହସିଲ ଏବଂ ପଞ୍ଚାୟତ ସମିତି ପକ୍ଷରୁ ପଟ୍ଟା ଏବଂ ପେନସନ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି। ସରକାରଙ୍କ ପକ୍ଷର ମଞ୍ଜୁରି ପ୍ରାପ୍ତ ମୋ ଘର ଏବଂ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଗୃହ ପଟ୍ଟା ପ୍ରଶାସନ ପକ୍ଷରୁ ବଣ୍ଟନ କରାଯାଇଛି। କୁନ୍ଦୁରା ବ୍ଲକର ୧୬ ପଞ୍ଚାୟତର ୨୦୬ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନା ଅଧୀନରେ



ସହାୟତା ଦିଆଯାଇଛି। ସେହିଭଳି କୁନ୍ଦୁରା ପଞ୍ଚାୟତ ଅଧୀନରେ ରହିଥିବା କାଳିଆ କାଦ୧୮, ନୁଆଗୁଡ଼ା ୭୮, ବାଉଁସିଆଗୁଡ଼ା ୧୧ ଏବଂ ରାଇ କୁନ୍ଦୁରାର ୨୫ ଜଣ ହିତାଧିକାରୀଙ୍କୁ ଘରବାରି ପଟ୍ଟା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲା ପରିଷଦ ସଭ୍ୟ କନକଲତା ପେନ୍ଟିଆ, ବିଡିଓ ବିଚିତ୍ରାନନ୍ଦ ନାୟକ,ତହସିଲଦାର ଆୟୁବ ମଣ୍ଡଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଉପାଧ୍ୟକ୍ଷ ତରୁଣୀସେନ ବିଷୋୟୀ, କୁନ୍ଦୁରା ସରପଞ୍ଚ ଲବ ପରଜା, ବାଣୁଆଗୁଡ଼ା ସରପଞ୍ଚ ଦୁତିକା ଭୂମିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖୋରା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

**ବାଇକ ଧକ୍କାରେ ସାଇକେଲ ଆରୋହୀ ମୃତ**

ପାପଡ଼ାହାଣ୍ଡି,୨୧।୯ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଟିକିଲି ଛକରେ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଟିକିଲି ଗ୍ରାମର କମଳ ଲୋଚନ ନାୟକ। କ୍ଷତିପୂରଣ ଦାବିରେ ଗ୍ରାମବାସୀ ଜାତୀୟ ରାଜପଥ ୨୬ ଅବରୋଧ କରିଛନ୍ତି। ଫଳରେ ନବରଙ୍ଗପୁରରୁ କଳାହାଣ୍ଡି, ଉମରକୋଟ ଆଦି ଅଞ୍ଚଳକୁ ଯାନ ବାହାନ ଚଳାଚଳ ବନ୍ଦ ରହିଛି। ଖବର ପାଇ ପାପଡାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛନ୍ତି।



ଲୋକେ ରାସ୍ତାରୋକୋ କରୁଛନ୍ତି।

ସୂଚନାନୁଯାୟରୀ, କମଳଲୋଚନ ଏକ ସାଇକେଲରେ ଧାରଣାବେଢା କୁକୁଡ଼ା ଆଣିବା ପାଇଁ ଯାଇଥିଲେ। ଫେରିବା ସମୟରେ ଟିକିଲି ଛକରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଗ୍ରାମବାସୀ ସେଠାରେ ପହଞ୍ଚି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଛନ୍ତି। ପାପଡାହାଣ୍ଡି ଏସ୍‌ଆଇ ଶିବଜି ପଣ୍ଡା ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିବାବେଳେ ଲୋକେ ଜିଦରେ ଅଟଳ ରହି ରାସ୍ତାରୋକୋ ଚଳାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଖବର ଲେଖା ଶେଷ ସୁଦ୍ଧା ରାସ୍ତାରୋକ ହଟିନାହିଁ।

# 'ସଫେଇ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଯତ୍ନବାନ୍ ହେବା ଜରୁରୀ'

ସୁନାବେଢ଼ା,୨୧।୯(କୃତ୍ତିବାସ ପ୍ରଧାନ)

**ସୁନାବେଢ଼ା ପୌର ପରିଷଦ ପକ୍ଷରୁ ବଡ଼ାଖାନା ସହ ସ୍ୱାସ୍ଥ୍ୟ ଶିବିର**

ସୁନାବେଢ଼ା ପୌର ପରିଷଦ ପକ୍ଷରୁ ସଫେଇ କର୍ମଚାରୀଙ୍କ ମନୋବଳ ବୃଦ୍ଧି ନିମନ୍ତେ ବଡ଼ାଖାନା ସହ ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଅନେକ ବିଷମ ପରିସ୍ଥିତିରେ ସଫେଇ କର୍ମଚାରୀ ନିଜର କାର୍ଯ୍ୟ ଦକ୍ଷତାର ପରିଚୟ ଦେଇଛନ୍ତି। ତେଣୁ ସର୍ବଦା ସେମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ୍ ହେବା ଜରୁରୀ ବୋଲି ବିଧାୟକ ନିଜ ବକ୍ତବ୍ୟରେ କହିଥିଲେ। ଏଥିସହ ପରିଷଦ ଦ୍ୱାରା ଆୟୋଜିତ ଏଭଳି କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ପୌର ପରିଷଦର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, ଉପାଧ୍ୟକ୍ଷା ରତ୍ନ କଣ୍ଟା ଉପସ୍ଥିତ ଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ନାୟକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଛି। ଶିବିରରେ ସେମିଳିଗୁଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ କର୍ମଚାରୀ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିଥିଲେ। କର୍ମଚାରୀଙ୍କ ମନୋବଳ ବୃଦ୍ଧି ନିମନ୍ତେ ଶ୍ରେଷ୍ଠତା ଭିତ୍ତିରେ ଶ୍ରେଷ୍ଠ ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ସଫେଇ କର୍ମଚାରୀ ବ୍ୟାଟେରି ଗାଡ଼ି ଚାଳକ, ସ୍ୱଚ୍ଛ ଗୃହମାନଙ୍କୁ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଶେଷରେ ସୁସ୍ୱାଦୁ ବ୍ୟଞ୍ଜନ ପରଷାଯାଇଥିଲା। ଏହି ଅବସରରେ ପୌର ପରିଷଦର ସମସ୍ତ ପାରିଷଦ ଓ କର୍ମଚାରୀ ଉପସ୍ଥିତ ଥିଲେ। ହାଡ଼ିବନ୍ଧୁ ବରାଳ ଓ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଅତିଥିମାନେ ଜଣେ ସଫେଇ କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି।

# ସମସ୍ତେ ଏକାଠି ହୋଇ ପାଳିଲେ 'ଡଙ୍ଗରି ଚେଗା'

- ପରମ୍ପରା ବଜାୟ ରଖିଛନ୍ତି ଧଣ୍ଡରା ଅଞ୍ଚଳବାସୀ
- ସାମୂହିକ ପର୍ବତ ଆରୋହଣ କରି ଦେବ ଦର୍ଶନ କଲେ ଲୋକେ

ତେନ୍ତୁଳିଖୁଣ୍ଟି, ୨୧।୯(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଅଞ୍ଚଳବାସୀ ନୂଆଁଖାଇ ଅବସରରେ ଧଣ୍ଡରା ଗ୍ରାମର ପର୍ବତାରୋହଣ ବା 'ଡଙ୍ଗରି ଚେଗା' ପର୍ବ ପାଳନ କରିଛନ୍ତି। ଏଥିରେ ସମସ୍ତେ ସାମୂହିକ ଭାବେ ପର୍ବତ ଆରୋହଣର ମଜା ଉଠାଇଥାନ୍ତି। ଏଥିରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଜନ ପ୍ରତିନିଧିମାନେ ପୂର୍ବ ଶତ୍ରୁତାକୁ ଭୁଲି ପରସ୍ପର ମଧ୍ୟରେ ଭ୍ରାତୃତ୍ୱ ଭାବରେ ଭେଟଘାଟ ହୋଇ ପ୍ରଣାମ (ଜୁହାର) ଜଣାଇଥାନ୍ତି। ଲୋକେ ଶାଳ ଓ ଶାଗୁଆନ ଗଛରେ ଭରପୁର ପାହଡ଼ ପାଦ ଦେଶରେ ଥିବା ଦେବୀ ମା ଡଙ୍ଗର ଦେଇଙ୍କୁ ମୁଣ୍ଡିଆ ମାରି ପର୍ବତ ଶିଖର ମନ୍ଦିରରେ ମହାଦେବ ଝାଡେଶ୍ୱରଙ୍କୁ ଦର୍ଶନ କରିଥାନ୍ତି । ଚଳିତ ବର୍ଷ ଅନୁକୂଳ ପାଗ ଯୋଗୁ ଏଥିରେ ଅନେକ ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, ମଣ୍ଡେଇ କଳାକାର ଦେବଦାସ ମହାକୁଡ଼ଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।



ଡଙ୍ଗରି ଚେଗା'ରେ ସାମିଲ ହୋଇଥିବା ଲୋକେ।

# ଜୟପୁର ଦଶହରା ପ୍ରସ୍ତୁତି ବୈଠକ

**ସଂକ୍ଷେପରେ**

## ଦୈନିକ ବଜାରରେ ପାଗଳା କୁକୁର ଆତଙ୍କ



ମାଲକାନଗିରି, ୨୧।୯ (ଦୁର୍ଯ୍ୟୋଧନ ପତ୍ର)

ମାଲକାନଗିରି ଜିଲାରେ ପାଗଳା କୁକୁରଙ୍କ ପ୍ରଦୁର୍ଭାବ ବଢିବାରେ ଲାଗିଛି। ପୂର୍ବରୁ ଜିଲା ସଦରରେ ଥିବା ବିଭିନ୍ନ ରାସ୍ତା ଘାଟରେ ରାତି ହେଲେ ଦଳ ଦଳ କୁକୁର ପଥଚାରୀଙ୍କୁ କାମୁଡି ଗୋଡାଉଛନ୍ତି। ଏହି ସମୟରେ ପଥଚାରିମାନେ କୁକୁର ଆକ୍ରମଣରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଦୁର୍ଘଟଣାର ଶିକାର ହେଉଛନ୍ତି। ଗୁରୁବାର ଜିଲା ସଦରରେ ପାଗଳ କୁକୁର ଆତଙ୍କ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଜିଲା ସଦର ମହକୁମାର ଦୈନିକ ବଜାରରେ ଭୋର ସମୟରେ ଏକ ପାଗଳ କୁକୁର ପଶି ଆସି ବଜାର ଭିତରେ ଶୋଇଥିବା ତ୍ରିନାଥ ଜାନି ନାମକ ଯୁବକଙ୍କୁ କାମୁଡି ଥିଲା। ଯୁବକ ଜଣଙ୍କ ସ୍ଥାନୀୟ ମାଂସ ଦୋକାନରେ କାର୍ଯ୍ୟ କରୁଛନ୍ତି। ସେ ସେଠାରେ ଶୋଇଥିବା ବେଳେ ଏହି ଘଟଣା ଘଟିଥିବା ଜଣାପଡିଛି । ଏହା ପରେ କୁକୁରଟି ବଜାରରେ ଥିବା ଅନେକ ଗ୍ରାହକ ଓ ଦୋକାନୀଙ୍କୁ କାମୁଡିବାକୁ ଗୋଡ଼ାଇ ଥିଲା। ପରେ କେତେକ ଯୁବକ ସାହସ ଦେଖାଇ କୁକୁରକୁ ଘୋଡ଼ାଇବାକୁ ଚେଷ୍ଟା କରିଥିଲେ। ଫଳରେ କୁକୁରଟି ସେଠାରୁ ପଳାଇ ଯାଇଥିଲା । ଆଗାମୀ ଦିନରେ ଏହି ଭଳି ପାଗଳ କୁକୁରର ଦୌରାତ୍ମ ରୋକିବା ପାଇଁ ପୌରପରିଷଦ ପକ୍ଷରୁ ଆଗୁଆ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଜୟପୁର,୨୧।୯(ପବନ ପାଣିଗ୍ରାହୀ)

ଜୟପୁରର ଐତିହାସିକ ଦଶହରା ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୌର ସଭାଗୃହରେ ପୂଜା କମିଟି ସଭାପତି ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସଭାପତିତ୍ୱରେ ବୈଠକ ଆୟୋଜନ ହୋଇଥିବା ବେଳେ ଆବାହକ ତଥା ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା ଓ ତହସିଲଦାର ସାଗରିକା ଷଡ଼ଙ୍ଗୀ ଉପସ୍ଥିତ ରହି ଦଶହରାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ସଲପା, ତେଲିଆ, ଧାରଣାହାଣ୍ଡି, ଖଡପା, କଙ୍ଗା, ଜାମୁଣ୍ଡା, ପେଣ୍ଡ୍ରାଣି, ନାରାୟଣପାଟଣା, ନନ୍ଦପୁର ଦେବୀପୀଠରୁ ଦେବୀଙ୍କ ପ୍ରତୀକ ଲାଠି ଆସିବ। ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ବିଜୟା ଭ୍ରମଣ ଅକ୍ଟୋବର ୧୫ରୁ ଆରମ୍ଭ ହୋଇ ୨୧ ଯାଏ ଚାଲିବ। ୨୪ ତାରିଖ ଦଶହରା ଦିନ ରାବଣପୋଡ଼ି ସହ ୪ଟି ବିମାନ ଦଶହରା ପଡ଼ିଆରେ ଅପରାଜିତା ପୂଜାରେ ସାମିଲହୋଇ ପୂଜା ସାରି ମନ୍ଦିରକୁ ଫେରିବେ।

ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ, ମା'ଙ୍କ ମୃଣ୍ମୟ ମୂର୍ତ୍ତି ବିସର୍ଜନ କରାଯିବା ନେଇ ସ୍ଥିର ହୋଇଛି। ଅକ୍ଟୋବର ୬ ଶୁକ୍ରବାର ମୂଳାଷ୍ଟମୀ ସହ ଲାଠିଧାରୀଙ୍କୁ ନିମନ୍ତ୍ରଣ ଯିବ। ୨୪ ତାରିଖ ଠିକ୍ ସମୟରେ ଦଶହରା ପଡ଼ିଆରେ ଅପରାଜିତା ପୂଜା ଶେଷ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ଷଷ୍ଠୀ ତିଥିଠାରୁ ଦଶମୀ ଯାଏ ବିଭିନ୍ନ ସ୍ଥାନରୁ ଆସିଥିବା ଓ ଜୟପୁରର କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବା ସହ ଦଶମୀ ତଥା ଦଶହରାରେ ରାବଣପୋଡ଼ି କାର୍ଯ୍ୟକ୍ରମ ରାତି ୯ଟା ସୁଦ୍ଧା ଶେଷ କରିବାକୁ

### ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆଲୋକମାଳାରେ ସଜାହେବ ସହର

ସ୍ଥିର କରାଯାଇଛି। ଚଳିତ ବର୍ଷ ବମ୍ବେ, କଟକ ଓ ଭୁବନେଶ୍ୱରରୁ କଳାକାର ଆସିବେ। ୨୦ ତାରିଖ ଶୁକ୍ରବାର ଷଷ୍ଠୀରେ ଦକ୍ଷିଣକାଳୀ ଓ ୨୩ ତାରିଖ ସୋମବାର ନବମୀରେ ଭଗବତୀଙ୍କ ସୁନାବେଶ ହେବା ନେଇ ସ୍ଥିର କରାଯାଇଥିଲା। ଅବିଭକ୍ତ କୋରାପୁଟ ଜିଲାରେ ଥିବା ମୁଖ୍ୟ ଦେବୀ ପୀଠରୁ ପ୍ରତୀକ ଲାଠି, ଖଡ୍‌ଗ,ଢାଲ ଭଳି ଯାବତୀୟ ସାମଗ୍ରୀ ଆସ୍ଥାନ ଧରି ପୂଜକମାନେ ମହାନବମୀ



ବୈଠକରେ ବିଧାୟକ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି ।

ସୁଦ୍ଧା ଜୟପୁରରେ ପହଞ୍ଚିବାକୁ ନିମନ୍ତ୍ରଣ କରିବାକୁ ଦାୟିତ୍ୱ ଦିଆଯାଇଛି । ଦଶହରା ସମୟରେ ମଦ ଓ ଜୁଆ ବନ୍ଦ କରିବାକୁ ସ୍ଥିର କରାଯାଇଛି । ଦଶହରା ୩ ଦିନ ବିଦେଶୀ ମଦ ଦୋକାନ ବନ୍ଦ ରହିବା ସହ ଦେଶୀମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସ୍ଥିର ହୋଇଛି। ସହର ସାରା ଆଲୋକମାଳାରେ ସଜ୍ଜିତ କରାଯିବ। ଶାନ୍ତିଶୃଙ୍ଖଳାରେ ଦଶହରା ପୂଜା କରିବା ସହ ଯେଉଁମାନେ ବିଶୃଙ୍ଖଳା କରୁଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ବାହିନୀପତି ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଅସାମାଜିକ ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ସାଦା ପୋଷାକରେ ମୁତୟନ ହେବେ ପୋଲିସ । ବିଦ୍ୟୁତ୍ ସରବରାହ ବନ୍ଦ ନ କରିବା, ସହରରେ ଦଶହରା ସମୟରେ ଦୁଇଥର ପାନୀୟ ଜଳ ଯୋଗାଇବା, ପରିମଳ ବ୍ୟବସ୍ଥା, ଗ୍ରାମଦେବୀ ଓ ଲାଠିଧାରୀଙ୍କୁ ନିମନ୍ତ୍ରଣ ଆଦି ଆଲୋଚନା କରାଯାଇଥିଲା। ବିଭିନ୍ନ ଗ୍ରାମଦେବୀ ପୀଠରୁ ନିମନ୍ତ୍ରଣ ଲାଠି ସହ ଆସିଥିବା ଭକ୍ତଙ୍କ ରହିବା ଓ ଖାଇବା ବିଷୟରେ ଆଲୋଚନା କରାଯାଇଥିଲା। ସହରରେ ବସୁଥିବା ମେଢ଼ ମା'ଙ୍କ ମୃଣ୍ମୟ ମୂର୍ତ୍ତିଙ୍କ ଗ୍ରୀନ୍ ଟ୍ରିବୁନାଲ ନିର୍ଦ୍ଦେଶ ମୁତାବକ ବିସର୍ଜନ କରାଯିବା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର ଅପାଧ୍ୟକ୍ଷ ବି. ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ଏସ୍‌ଡିପିଆର୍‌ଓ ଦାୟିତ୍ୱରେ ଥିବା ଏବିଡିଓ ମନୋଜ ନାୟକଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। ବିଦ୍ୟୁତ୍ ସରବାରହ ବନ୍ଦ ନ କରିବା, ପୂଜା ସମୟରେ ଦୁଇଥର ପାନୀୟ ଜଳ ଯୋଗାଇବା, ପରିମଳ ବ୍ୟବସ୍ଥା ଆଦି ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ଗ୍ରାମଦେବୀ ପୀଠରୁ ନିମନ୍ତ୍ରଣ ଲାଠି ସହ ଆସିଥିବା ଭକ୍ତଙ୍କ ରହିବା ଓ ଖାଇବା ବିଷୟରେ ଆଲୋଚନା କରାଯାଇଥିଲା।

## ଦେବଦେବୀଙ୍କ ସୁନା,ରୁପା ସାର୍ବଜନୀନ କରିବାକୁ ବିଧାୟକଙ୍କ ନିର୍ଦ୍ଦେଶ

ଜୟପୁର, (ପବନ ପାଣିଗ୍ରାହୀ)

ଜୟପୁର ଦେବୋତ୍ତର ବିଭାଗ ଅଧୀନରେ ଥିବା ବିଭିନ୍ନ ଦେବଦେବୀଙ୍କ ସୁନା,ରୁପା ସାର୍ବଜନୀନ କରିବା ପାଇଁ ବିଧାୟକ ତାରାପ୍ରସାଦ ବାହିନୀପତି ନିର୍ଦ୍ଦେଶ ଦେଇଛନ୍ତି। ଦେବୋତ୍ତର ବିଭାଗ ତରଫରୁ ଜୟପୁରସ୍ଥିତ ସ୍ୱତନ୍ତ୍ର କୋଷାଗାରରେ ୨ଟି ବକ୍ସରେ ସୁନା ରୁପା ରହିଛି। ୨ଟି ବାକ୍ସରୁ ଗୋଟିଏ ଖୋଲାଯାଇଥିବା ବେଳେ ଅନ୍ୟ ଏକ ବାକ୍ସ ଦୀର୍ଘ ବର୍ଷ ହେବ ଖୋଲାଯାଇ ନାହିଁ । ଏ ନେଇ ଜିଲାପାଳ ଓ ଦେବୋତ୍ତର କମିଶନରଙ୍କ ଅନୁମତି ନେଇ ସୁନା ରୁପାକୁ ସାର୍ବଜନୀନ କରିବାକୁ ବିଧାୟକ ବାହିନୀପତି ଉପ ଜିଲାପାଳ ପ୍ରଭାତ କୁମାର ପରିଡା ଓ ତହସିଲଦାର ସାଗରିକା ଷଡ଼ଙ୍ଗୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଦେବୋତ୍ତର ବିଭାଗର ଷ୍ଟଲ ଭଡାରେ ନେଇଥିବା ବକେୟା ଟଙ୍କା ଆଦାୟ ସହ ଯେଉଁ ଜମି ଜବରଦଖଲ ରହିଛି ତାକୁ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମାଲକାନଗିରିର ୭୫୩୭୯ ଚାଷୀ ହେବେ ଉପକୃତ



କାଳିଆ ଯୋଜନା ଘୋଷଣା ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

■ କାଳିଆ ଯୋଜନା
■ ରାଜ୍ୟ ସରକାରଙ୍କୁ ଜଣାଇଲେ ଧନ୍ୟବାଦ

ମାଲକାନଗିରି, ୨୧।୯ (ଦୁର୍ଯ୍ୟୋଧନ ପତ୍ର)

ନୂଆଖାଇ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କ ପାଇଁ ବଡ ଘୋଷଣା କରିବା ସହ ରବି ଫସଲ ପାଇଁ ଚଳିତ ବର୍ଷର 'କାଳିଆ' ଯୋଜନା ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥିରେ ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଉପକୃତ ହେଇଥିବା ବେଳେ ମାଲକାନଗିରି ଜିଲାର ୭୫୩୭୯ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ କୃଷକ ପରିବାର ଉପକୃତ ହୋଇଛନ୍ତି। ଦେଶର ମେରୁଦଣ୍ଡ କୁହାଯାଉଥିବା ଚାଷୀକୂଳକୁ ଏହି ଉପହାର ଦେଇ ରାଜ୍ୟ ସରକାର ଚାଷୀଙ୍କ ମୁହଁରେ ହସ ଫୁଟାଇଛନ୍ତି। ଏହି କ୍ରମରେ ମାଲକାନଗିରି ଜିଲାର ହଜାର ହଜାର ଚାଷୀ ପରିବାର ଉପକୃତ ହୋଇଥିବା ବେଳେ ଏହାକୁ ନେଇ ଚାଷୀ କୁଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଜିଲାରେ ଅଧିକାଂଶ ଚାଷୀ ପରିବାର ରହୁଥିବା ବେଳେ କାଳିଆ ଯୋଜନା ମାଧ୍ୟମରେ ସେମାନେ ବେସ ଉପକୃତ ହୋଇଥିବା ସହ ଏହା ସେମାନଙ୍କୁ ଚାଷ କ୍ଷେତ୍ରରେ ଅଧିକ ସହାୟକ ହେବ ବୋଲି ଚାଷୀମାନେ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି।

## ଜିଲାସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଉଦ୍‌ଯାପିତ



କୋରାପୁଟ,୨୧।୯ (ଅମିତାଭ ବେହେରା)

କୋରାପୁଟ ଜିଲାସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତା ସ୍ଥାନୀୟ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମାନବାର ସରକାରୀ ଉନ୍ନିତ ଉଚ୍ଚବିଦ୍ୟାଳୟ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟର ୨୩ଟି ଦଳ ଭାଗ ନେଇଥିଲେ। ଏଥିରେ ନିଶା ନିବାରଣ, ସାଇବର କ୍ରାଇମ ଏବଂ କିଶୋର ଅବସ୍ଥାରେ ହେଉଥିବା ସମସ୍ୟା ଆଦି ବିଭିନ୍ନ ବିଷୟ ଉପରେ କ୍ଷୁଦ୍ର ନାଟକ ମଞ୍ଚସ୍ଥ କରାଯାଇଥିଲା । ଏଥିରେ ମାନବାର ସରକାରୀ ଉନ୍ନିତ ଉଚ୍ଚବିଦ୍ୟାଳୟର ଛାତ୍ରୀମାନେ କିଶୋର ଅବସ୍ଥାର ସମସ୍ୟା ଭିତ୍ତିକ ନାଟକ ଉଚ୍ଚକୋଟିର ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ସେହିଭଳି କୋରାପୁଟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଦ୍ୱିତୀୟ, କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଳଙ୍କୃତ କରିଛି। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅରୁଣ କୁମାର ସାହୁ, ଜିଲା ବିଜ୍ଞାନ ସୁପରଭାଇଜର ଅନନ୍ତ କୁମାର ଦଳପତି ଯୋଗଦେଇଥିଲେ। ବିଚାରକ ଭାବେ ଦୁର୍ଗା ପ୍ରସାଦ ରଥ, କାଳୀ ପ୍ରସାଦ ଦାସ ଏବଂ ଶିବ ପ୍ରସାଦ ରଥ ଯୋଗଦେଇଥିଲେ। ସୂଚନା ଥାଉକି ମାନବାର ସ୍ଥିତ ସରକାରୀ ଉନ୍ନିତ ଉଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ମିନା କୁମାରୀ ସ୍ୱାଇଁଙ୍କ ରଚିତ ଓ ନିର୍ଦ୍ଦେଶନାରେ ମଞ୍ଚସ୍ଥ ମିଲେଟ ଦ ସୁପର ଫୁଡ ନାଟକ ପୂର୍ବରୁ ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ବେଳେ ବର୍ତ୍ତମାନ ତାଙ୍କର ରଚିତ ନାଟକ କିଶୋର ଅବସ୍ଥାର ସମସ୍ୟା ମଧ ରାଜ୍ୟସ୍ତରକୁ ମନୋନୀତ ହୋଇଥିବାରୁ ଶିକ୍ଷୟିତ୍ରୀ ସ୍ୱାଇଁଙ୍କୁ ପ୍ରଂଶସା କରାଯାଇ ଥିଲା।

## ଏସ୍‌ଡିସି ଅଧ୍ୟକ୍ଷଙ୍କୁ ଭେଟି ଦାବି ଜଣାଇଲେ ଦିଶାରି, ପୂଜକ



ଦାବି ଜଣାଇବାକୁ ଆସିଥିବା ଦିଶାରି ଓ ପୂଜକ ।

ମାଲକାନଗିରି,୨୧।୯(ଦୁର୍ଯ୍ୟୋଧନ ପତ୍ର)

ମାଲକାନଗିରି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବାଙ୍କୁ ଗୁରୁବାର ଜଲାର ବିଭିନ୍ନ ଆଦିବାସୀ ଜନଜାତି ସମ୍ପ୍ରଦାୟର ଶତାଧିକ ବିଭିନ୍ନ ଦେବା ଦେବୀଙ୍କୁ ପୂଜା କରୁଥିବା ଦିଶାରି, ପୂଜାରୀ ଓ ବାଡେ ପ୍ରମୁଖ ତାଙ୍କ କାର୍ଯ୍ୟାଳୟରେ ଭେଟି ସେମାନଙ୍କ ବିଭିନ୍ନ ଦାବି ସମ୍ପର୍କରେ ଜଣାଇ ଥିଲେ। ଜିଲ୍ଲାରେ ବର୍ଷ ବର୍ଷ ଧରି ଏହି ପୂଜକ, ଦିଶାରି ମାନେ ବିଭିନ୍ନ ଆଦିବାସୀ ବହୁଳ ଗ୍ରାମଗୁଡିକରେ ନିଜର ସ୍ୱତନ୍ତ୍ର ପରମ୍ପରା ଅନୁଯାୟୀ ବିଭିନ୍ନ ଦେବଦେବୀଙ୍କୁ ପୂଜା କରି ଆସୁଥିବା ବେଳେ ଏମାନଙ୍କୁ ବିକାଶ ପରିଷଦ ମାଧ୍ୟମରେ ସ୍ୱତନ୍ତ୍ର ପରିଚୟ ଓ ବିଭିନ୍ନ ସହଯୋଗ କରିବା ପାଇଁ ସ୍‌ସେମାନେ ରାବାଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟତଃ ଏହି ପୂଜାରୀମାନଙ୍କୁ ପରିଚୟ ପାଇଁ ସେମାନଙ୍କ ନାମରେ ପରିଚୟ ପତ୍ର ପ୍ରଦାନ କରିବା, ପୂଜା ସ୍ଥଳୀରେ ବାଡେ ମାନଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ରାମାଗାର, ଶ୍ରଦ୍ଧାଳୁଙ୍କ ପାଇଁ ସବୁ ଦେବଦେବୀ ସ୍ଥଳୀରେ ରହଣି ସୁବିଧା, ପୀଠଗୁଡିକର ବିକାଶ ଭଳି ଅନେକ ବିଷୟକୁ ନେଇ ସେମାନେ ସେମାନଙ୍କ ସମସ୍ୟା ବିଷୟରେ ରାବାଙ୍କୁ ଜଣାଇ ଥିଲେ। ତେବେ ଏହି ଦାବୀକୁ ସହମତି ଜଣାଇବା ସହ ରାବା ପ୍ରକାଶ କହିଥିଲେ, ଆଦିବାସୀ ପରମ୍ପରା ଅନୁଯାୟୀ ପ୍ରତିଟି ଆଦିବାସୀ ଗ୍ରାମରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ପୂଜା କରାଯାଉ ଥିବା ମନ୍ଦିର ତଥା ହୁଣ୍ଡିଗୁଡିକର ବିକାଶ ପାଇଁ ରାଜ୍ୟ ସରକାର ସଦା ସର୍ବଦା ତତ୍ପର ଅଛନ୍ତି। ଆଦିବାସୀ ପରମ୍ପରା ଲୋପ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଆଦିବାସୀ ପରମ୍ପରା କଳା ଓ ସଂସ୍କୃତିର ସଂରକ୍ଷଣ ଲାଗି ବିଭିନ୍ନ ଆଦିବାସୀ ବହୁଳ ଜିଲାରେ ଏହି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି ।

ମାଲକାନଗିରିରେ ମୋତେ ଏହି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଥିବା ବେଳେ ଜିଲାର କୋଣ ଅନୁକୋଣରେ ଥିବା ପ୍ରତ୍ୟେକଟି ହୁଣ୍ଡି ପୂଜା ସ୍ଥଳୀର ଉନ୍ନତି ଲାଗି ମୁଁ ପ୍ରୟାସ ଜାରି ରଖିଛି। ତେଣୁ ଏହି ଦାବି ଗୁଡିକଉପରେ ପଦକ୍ଷେପ ନିଆଯିବ ବୋଲି ରାବା ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ବୈଠକରେ ଏ ବାବଦରେ ଆଲୋଚନା କରିବା ପରେ ଯଥାଶୀଘ୍ର କିଭଳି ସମସ୍ୟା ସମାଧାନ କରିବା ଲାଗି ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ।

## ଯୁବତୀଙ୍କୁ କମେଣ୍ଟ ନେଇ ମାରପିଟ: ୪ ଗିରଫ

ଜୟପୁର,୨୧।୯(ପବନ ପାଣିଗ୍ରାହୀ)

ଯୁବତୀଙ୍କ କମେଣ୍ଟ ମରାକୁ ନେଇ ମାରପିଟ ଘଟଣା ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣି ଗାଁ ଶୀତଳା ମନ୍ଦିର ଛକରେ ଗୁରୁବାର ଘଟିଛି । ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ଜୟନଗର ରେଲିସାହିର ତରୁଣ କୁଳଦୀପ(୧୯), ଝିଙ୍କରଗୁଡାର ଜଗା ନାୟକ(୧୯), ସୁରେନ୍ଦ୍ର ପରଜା (୧୯) ଓ ହରି ହର ପରଜା (୨୮) । ପୋଲିସ ସୂଚନା ଅନୁଯାୟୀ, ବାମୁଣି ଗାଁର ଯୁବତୀଙ୍କୁ ଶୀତଳା ମା' ମନ୍ଦିର ଛକରେ ଅଭିଯୁକ୍ତ ତରୁଣ ଓ ଅନ୍ୟମାନେ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ। ଯୁବତୀ ଘରକୁ ଆସି ତାଙ୍କ ଭାଇଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପରେ ଭାଇ ଓ ଯୁବତୀ ଘଟଣାସ୍ଥଳକୁ ଯାଇ ପଚାରିବାରୁ ଅଭିଯୁକ୍ତମାନେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ଯୁବତୀଙ୍କ ଭାଇ ଏକ ହୋଟେଲକୁ ଯିବା ସମୟରେ ୧୦ ଜଣ ଯୁବକ ଲାଠି, ଖଣ୍ଡା ଓ ମାରଣାସ୍ତ୍ର ଧରି ଆସି ଯୁବତୀଙ୍କ ଅନ୍ୟ ଭାଇ ଓ ଜ୍ୱାଇଁଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଜ୍ୱାଇଁ ଅଚେତ ହୋଇ ପଡିଥିବା ବେଳେ ଭାଇଙ୍କ ମୁଣ୍ଡରେ ଆଘାତ ଲାଗିଛି। ଏନେଇ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ ସହ ୪ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଜୟପୁର ସଦର ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

## ୨୨ରୁ ୨୭ ଯାଏ କେନ୍ଦ୍ର ସମବାୟ ବ୍ୟାଙ୍କ ବନ୍ଦ ଡାକରା

ଜୟପୁର,୨୧।୯(ପବନ ପାଣିଗ୍ରାହୀ)

ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ୪ ଦଫା ଦାବି ପୂରଣ ପାଇଁ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ୨୨ ତାରିଖଠାରୁ ସମୂହ ଛୁଟିରେ ଯିବାକୁ ଚେତାବନୀ ଦେଇଛନ୍ତି । ଏହା ସହ ଆସନ୍ତା ୨୫ଠାରୁ ୨୭ ତାରିଖ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି କର୍ମଚାରୀ ସଂଘ ନିଷ୍ପତ୍ତି ନେଇଛି। କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କୁ ୨୦୧୬ ଜାନୁୟାରୀ ପହିଲାରୁ ସପ୍ତମ ବେତନ କମିଶନଙ୍କ ବକେୟା ଅର୍ଥ ପ୍ରଦାନ, ୨୦୧୪ ସେପ୍ଟେମ୍ବର ପହିଲା ପରେ ଯୋଗ ଦେଇଥିବା କର୍ମଚାରୀଙ୍କ ପାଇଁ ପେନ୍‌ସନ କର୍ପସ ଫଣ୍ଡ ଗଠନ, କ୍ୟାଡର ଫଣ୍ଡକୁ କେନ୍ଦ୍ର ସମବାୟ ବ୍ୟାଙ୍କର ଅଂଶଧନ ପ୍ରଦାନ ଉପରେ ପୁନର୍ବିଚାର, ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପସ୍‌ଗୁଡିକର ଫ୍ଲେକ୍ସି ଆକାଉଣ୍ଟ ରାଜ୍ୟ ସମବାୟ ବ୍ୟାଙ୍କରେ ଖୋଲିବା ଆଦେଶ ପ୍ରତ୍ୟାହାର କରିବାକୁ କର୍ମଚାରୀ ସଂଘ ଦାବି କରିଛି । ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ କେସିସି ବ୍ୟାଙ୍କ କର୍ମଚାରୀ ସଂଘ ସଭାପତି ଦିଗାମ୍ବର ନାୟକ, ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ପ୍ରଧାନ, ଉପସଭାପତି ଅଶୋକ କୁମାର ରଥ, କୋଷାଧ୍ୟକ୍ଷ ଗୋଲକ ବିହାରୀ ପାଇକରାୟ, ସଂଗଠନ ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ ଓ ସମ୍ପାଦକ ମନୋଜ କୁମାର ଦାସ ପ୍ରମୁଖ ଅନୁରୋଧ କରିଛନ୍ତି।

## ଗୃହ କାର୍ଯ୍ୟ ଅଧା ହେଲାଣି, ଏବେ ଡକାଯାଇଛି ଟେଣ୍ଡର

ପଟ୍ଟାଙ୍ଗି, ୨୧।୯(ଶରତ ଧଳ)

ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର, ମନ୍ଦିର, ମସଜିଦ ଆଦିର ରୂପାନ୍ତରଣ କରିବାକୁ ସ୍ୱତନ୍ତ୍ର ସହାୟତା ଦେଉଛନ୍ତି। ବ୍ଲକ ପ୍ରଶାସନ ଦ୍ୱାରା ଟେଣ୍ଡର ଡକାଯାଇ କାର୍ଯ୍ୟ କରାଯାଉଛି। ଗୃହକାର୍ଯ୍ୟ ଆରମ୍ଭ ହୋଇ ଛାତ ପର୍ଯ୍ୟନ୍ତ ଯାଇଥିବା ବେଳେ ବ୍ଲକ ପ୍ରଶାସନ ଇ ଟେଣ୍ଡର ଆହ୍ୱାନ କରିଛି। ଏପରି ଦୃଶ୍ୟ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଗାଙ୍ଗେଶ୍ୱରୀ ମହାବିଦ୍ୟାଳୟରେ ସାମ୍ନାକୁ ଆସିଛି। ଅଧା କାମବେଳେ ଟେଣ୍ଡର ଡକାକୁ ଲୋକେ ନାପସନ୍ଦ କରିଛନ୍ତି। ତିଆରି ଚାଲିଥିବା କାମର ଟେଣ୍ଡର ହୋଇଥିଲା ନା ନାହିଁ ତାହାର ତଦନ୍ତ କରିବାକୁ ଦାବି ହୋଇଛି। ସୂଚନା ମୁତାବକ ୭୫ଲକ୍ଷ ଟଙ୍କା ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ମଞ୍ଜୁରୀ ହୋଇଥିବା ବେଳେ ଡିଗ୍ରୀ ମହାବିଦ୍ୟାଳୟ ନିମନ୍ତେ ୭୫ଲକ୍ଷ ଅର୍ଥ ମିଳିଛି। ବର୍ତ୍ତମାନ ଡିଗ୍ରୀ ମହାବିଦ୍ୟାଳୟ ଗୃହ କାମ ଛାତ ପଡିବା ପର୍ଯ୍ୟନ୍ତ ସରିଲାଣି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ଫାଉଣ୍ଡେସନ କାର୍ଯ୍ୟ ସରି ଯାଇଛି। ଉକ୍ତ ଦୁଇଟି ଗୃହ ନିମନ୍ତେ ବର୍ତ୍ତମାନ ବ୍ଲକ ପ୍ରଶାସନ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇ ଇ-ଟେଣ୍ଡର ଡକାଯାଇଛି। ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ୩୮ଲକ୍ଷ ୯୫ହଜାର ୯୩୯ଟଙ୍କା ଓ ଡିଗ୍ରୀ ମହାବିଦ୍ୟାଳୟ ନିମନ୍ତେ ୪୭ଲକ୍ଷ ୦୭ହଜାର ୩୩୩ଟଙ୍କାରେ ଟେଣ୍ଡର ଆହ୍ୱାନ କରାଯାଇଛି। ଗୃହ କାମ ଅଧା ହେବାବେଳେ ଏବେ ଟେଣ୍ଡର ଡକାଯାଇଛି। ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଠିକାଦାର ଯଦି ଉକ୍ତ ଟେଣ୍ଡେର ନ ପାଆନ୍ତି ତାହାହେଲେ ଖର୍ଚ୍ଚ ହୋଇଥିବା ଅର୍ଥ କିଏ ବହନ କରିବ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏନେଇ ବିଡିଓ ସୁକାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ଉକ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ନିମନ୍ତେ ପୁଟ୍ ଟେଣ୍ଡର ଆହ୍ୱାନ କରାଯାଇଛି ବୋଲି ସେ କହିଛନ୍ତି।

## ୨୫୦ ବିଧବାଙ୍କୁ ଶାଢ଼ି ବଣ୍ଟନ

ପାପଡାହାଣ୍ଡି,୧୯।୯ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନୂଆକୋଟ ଗ୍ରାମପଞ୍ଚାୟତ ସିନ୍ଧିଗୁଡା ଗ୍ରାମରେ ମଙ୍ଗଳବାର ୨୫୦ ବିଧବାଙ୍କୁ ଶାଢ଼ି ବଣ୍ଟନ କରାଯାଇଛି। ଗ୍ରାମର ସ୍ୱର୍ଗତ କେ. ସୁବାରାଓ ପାତ୍ର ଓ କେ. କଲ୍ୟାଣୀ ପାତ୍ରଙ୍କ ୫ ପୁଅ ମାତାପିତାଙ୍କ ଆତ୍ମା ଶାନ୍ତି ନିମନ୍ତେ ଏବଂ ଆଗକୁ ନୂଆଖାଇ ପର୍ବ ଥିବାରୁ ନୂଆକୋଟ ପଞ୍ଚାୟତର ଗରିବ ବିଧବାଙ୍କୁ ଏହି ଶାଢ଼ି ବାଣ୍ଟିଥିଲେ। ସମସ୍ତଙ୍କ ପାଇଁ ଖାଇବା ବ୍ୟବସ୍ଥା ମଧ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୂଆକୋଟ ସରପଞ୍ଚ ଲଖିନାଥ ମାଝି, ପୂର୍ବତନ ସରପଞ୍ଚ ମତି ମାଝି, ପୂର୍ବତନ ସମିତି ସଭ୍ୟ ମିଟୁ ଗୌଡ଼, ସାମାଜିକ କର୍ମୀ ସରସ ଚନ୍ଦ୍ର ଜାଲ, କୁଶ ଗୌଡ଼, ଖବରଦାତା ନନ୍ଦ କୁମାର ବିଷୋୟୀ, ବୈଶ ସମାଜର ସଭାପତି ସୂର୍ଯ୍ୟ ପାତ୍ରଙ୍କ ସହିତ ସମସ୍ତ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ।



ମହିଳାଙ୍କୁ ଶାଢ଼ି ବଣ୍ଟନ କରାଯାଉଛି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.21-KUR-TRD-OT-2023-24

କାର୍ଯ୍ୟର ନାମ : ନୂତନ ଷ୍ଟେସନ ଭବନର ନିର୍ମାଣ ନିମନ୍ତେ ପୁରୀ ଷ୍ଟେସନର ବର୍ତ୍ତମାନ ଥିବା ଷ୍ଟେସନ ଭବନକୁ ଭାଙ୍ଗିବା ଏବଂ ଯାତ୍ରୀମାନଙ୍କ ନିମନ୍ତେ ଅସ୍ଥାୟୀ ମାର୍ଗ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ ।

ବିଜ୍ଞାପିତ ମୂଲ୍ୟ: ₹ 24,48,116.68, EMD: ₹49,000/-, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.22.09.2023 ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.10.2023 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-595/O/23-24

**ODISHA COAL AND POWER LTD.**

Odisha Coal and Power Limited OCPL

(A GOVT. OF ODISHA COMPANY)

Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha

Ph No: 0674-2300654 /2300664

**NOTICE INVITING TENDER**

NIT No. OCPL/SER-165/2023 Date: 22.09.2023

Sealed bids in prescribed format are invited from companies/firms/agencies for the following work:

| Sl. No. | Name of the work | Cost of Tender Paper | Bid Security | Issue of Tender Document | Last date of Sale of Tender Document | Last Date of Submission/ Opening of bid |
|---|---|---|---|---|---|---|
| 01 | Providing Facility Management Services for Operation and Maintenance of Atithi Bhawan (Guest House) and Manohar Bhawan (Clubs) of Manoharpur Township Complex at Sarbahal, Sundargarh | Rs.5,900/- (Rupees Five Thousand Nine Hundred Only) including GST | Rs.3,50,000/- (Rupees Three Lakhs and Fifty Thousand Only) | 22.09.2023 | 06.10.2023 | 03.00 P.M. / 03.30 P.M. on 16.10.2023 |

For further details, bidders may visit our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- Sr. General Manager (Commercial & Infra)

**ODISHA POWER TRANSMISSION CORPORATION LIMITED**

(A Government of Odisha Undertaking)

Regd. Office: Janpath, Bhubaneswar-751022

CIN:U40102OR2004SGC007553

Lifeline of Odisha

No. CAD-2141

**TENDER ALERT**

1)Tender Call Notice No.14/2023-24: Construction of Hydrant Points at 220/132/33kV Grid S/S Cuttack & Renovation of Water pipe line At Grid S/S Phulnakhara under EHT (O&M) Division, Cuttack.

2)Tender Call Notice No.02/23-24: Engagement of Non-AC Bolero for the SDO (Civil), Civil Work Subdivision under Civil Works Division-I,OPTCL, Bhubaneswar.

3)Tender Call Notice No.02/KHU/2023-24: Construction of RCC slabs for replacement of damaged cable trench slabs & earth pit slabs at 132/33kV Grid S/S,Banki under EHT (O&M) Division, Khurda.

4)Tender Call Notice No.06/PDP/2023-24: Supply of consumable material for annual maintenance works, GI nut & bolt, Power contactors, Thermal overload relays, AC MCB, HRC Fuse, DC indication led lights, Safety gloves and Breaker closing Coil & Tripping Coil of different Grid S/S under EHT (O&M) Division, Paradeep.

5)Tender Call Notice No.07/PDP/2023-24: Construction of DG Shed for Grid S/S Kendrapara, Pattamundai, Chandikhole, Marshaghai and Paradeep with Vehicle Shed at Grid S/S Marshaghai under EHT (O&M) Division, Paradeep.

6)Tender Call Notice No.08/PDP/2023-24: Cleaning and uprooting of Grass, Weeds, Shrubs & unwanted Plants from the switchyard premises of Grid S/S Paradeep and peripheral Grass cleaning of Grid S/S Paradeep, Kendrapara, Pattamundai, Chandikhole, Marshaghai, Olavar, Rajnagar and Tirtol under EHT (O&M) Division, Paradeep.

7)Tender Call Notice No.09/PDP/2023-24: Construction of Partition wall for separation of Battery room & ACDB room with provision of acid proof wall tiles, paint & two no's aluminum door in side Battery room at Paradeep Grid S/S under EHT (O&M) Division, Paradeep.

8)Tender Call Notice No.17/2023-24: Painting of structure for phase marking R, Y & B phase of different equipments at various Grid S/S under EHT (O&M) Division, Rourkela under EHT (O&M) Circle, Burla.

9)Tender Call Notice No.BRL-18/2023-24: Hiring of commercial diesel run vehicle Bolero Pickup Van(Non-AC) or equivalent on monthly Basis with daily hiring rate for engagement at Grid S/S, Sundargarh & Rajgangpur under EHT (O&M) Division, Rajgangpur under EHT (O&M) Circle, Burla.

10)Tender Call Notice No.04/2023-24: Construction of PCC at backside of control room building at Grid S/S Joda under EHT (O&M) Division, Joda.

11)Tender Call Notice No.BBSR(C)-05/2023-24: Engagement of one no. of Bolero (AC) or equivalent for EHT (Const.) Division, Cuttack, One no. of Bolero (Non-AC) or equivalent for EHT (Const.), Sub-division, Cuttack & One no. of Bolero (Non-AC) or equivalent for EHT (Const.), Sub-division,Kendrapara under EHT (Const.) Circle, Bhubaneswar.

For more details please visit OPTCL's website: www.optcl.co.in.

OIPR-04011/11/0087/2324 FIPR-38/2023-24

/optcl.odisha /optcl_odisha

# ସର୍ବକାଳୀନ ଆଲୁମିନିୟମ ଧାତୁ ବିକ୍ରୟ ରେକର୍ଡ

## ନାଲ୍କୋର ୪୨ତମ ବାର୍ଷିକ ସାଧାରଣ ବୈଠକ

ଭୁବନେଶ୍ୱର,୨୧।୯ (ଅଭୟ ଦାଶ)



ନାଲ୍କୋର ୪୨ ତମ ବାର୍ଷିକ ସାଧାରଣ ବୈଠକରେ କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ କମ୍ପାନୀ ନାଲକୋର ୪୨ତମ ବାର୍ଷିକ ସାଧାରଣ ବୈଠକ ଗୁରୁବାର ଭିସି (ଭର୍ଚୁଆଲ ମୋଡ଼) ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଅଂଶଧନକାରୀ/ଧାରୀମାନେ ଆର୍ଥିକ ବର୍ଷ ୨୦୨୨-୨୩ ନିମନ୍ତେ ୧୪,୧୪୧ କୋଟି ଟଙ୍କାର ବିକ୍ରୟ କାରବାର ସହ ୧,୫୪୪ କୋଟିର ଲାଭାଂଶ ଏବଂ ୪,୨୧୭ କୋଟି ଟଙ୍କାର ରପ୍ତାନି ସମ୍ବନ୍ଧୀୟ ବାର୍ଷିକ କାରବାରକୁ ଅନୁମୋଦନ କରିଛନ୍ତି। ଏଥି ସହ ଇକ୍ୱିଟି ଶେୟାର ପିଛା ୧ ଟଙ୍କା ହିସାବରେ ୨୦% ଚୂଡ଼ାନ୍ତ ଲାଭାଂଶକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ୯୧୮.୩୨ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ନାଲକୋ ସର୍ବକାଳିନ ରେକର୍ଡ ବକ୍ସାଇଟ ଉତ୍ତୋଳନ କରିବା ସହ ୨୧.୩ ଲକ୍ଷ ଟନ ଆଲୁମିନା ହାଇଡ୍ରେଟ ଉତ୍ପାଦନ କରିଛି, ଯାହା ଉତ୍ପାଦନ କ୍ଷମତା ବିନିଯୋଗର ୧୦୧.୧% ବୋଲି କୁହାଯାଇଛି। ସେହିପରି ନାଲକୋ ମୋଟ ୪.୬୪ ଲକ୍ଷ ଟନର ଧାତୁ ବିକ୍ରୟ ସହ ଘରୋଇ ବଜାରରେ ସର୍ବକାଳିନ ରେକର୍ଡ ଧାତୁ ବିକ୍ରି କରିପାରିଛି।

ଏ ସମ୍ପର୍କରେ ନାଲକୋର ଅଧ୍ୟକ୍ଷ ଶ୍ରୀଧର ପାତ୍ର ଅଂଶଧନଧାରୀମାନଙ୍କୁ ସମ୍ବୋଧିତ କରି ସେମାନଙ୍କ ନିରନ୍ତର ବିଶ୍ୱାସ ଓ ନାଲକୋ ସମୁଦାୟର ସହଯୋଗ ବଳରେ କମ୍ପାନୀ ଉଭୟ ଉତ୍ପାଦନ ଓ ବ୍ୟବସାୟିକ ସଫଳତା ହାସଲ କରିପାରିଛି ବୋଲି ପାତ୍ର ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳରେ ଆତ୍ମନିର୍ଭରଶୀଳତା ପାଇଁ କମ୍ପାନୀର ସୁଚିନ୍ତିତ ରଣନୀତି ସହିତ ଦେଶର ପ୍ରଗତିରେ ଭାଗୀଦାର ହେବା କ୍ଷେତ୍ରରେ ନାଲକୋ ସର୍ବଦା ଆଗରେ ରହିଆସିଛି। ବିଶେଷ କରି ସର୍ବନିମ୍ନ ଉତ୍ପାଦନ ଖର୍ଚ୍ଚରେ ବକ୍ସାଇଟ ଓ ଆଲୁମିନା ଉତ୍ପାଦକ ହେବାର ରେକର୍ଡ ନାଲକୋ ପାଖରେ ରହିଛି। ବର୍ତ୍ତମାନ ସମୟରେ କମ୍ପାନୀ ତା'ର ୫ମ ଷ୍ଟ୍ରିମ୍ ରିଫାଇନାରୀ ପ୍ରକଳ୍ପର ତ୍ୱରିତ ସମାପ୍ତି ଏବଂ ପୋଟାଙ୍ଗି ବକ୍ସାଇଟ୍ ମାଇନ୍ସର ବିକାଶ ଏବଂ ଓଡ଼ିଶାରେ କମ୍ପାନୀର ଅବଶିଷ୍ଟ ଆବଣ୍ଟିତ କୋଇଲା ବ୍ଲକକୁ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦେଉଛି ବୋଲି ପାତ୍ର କହିଛନ୍ତି।

## ଟ୍ରୁକଲର ନ୍ୟୁ ବ୍ରାଣ୍ଡ୍ ଆଇଡେଣ୍ଟିଟି ଉନ୍ମୋଚିତ

ଭୁବନେଶ୍ୱର,୨୧।୯

ଟ୍ରୁ କଲରର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଟ୍ରୁକଲର ନ୍ୟୁ ବ୍ରାଣ୍ଡ୍ ଆଇଡେଣ୍ଟିଟି ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଟ୍ରୁ କଲରର କର୍ପୋରେଟ୍ ରିବ୍ରାଣ୍ଡିଂ ଏବଂ ନୂତନ ଆପ୍ ଆଇକନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯାହାକି ତୁରନ୍ତ ଗୁଗଲ୍ ପ୍ଲେ ଷ୍ଟୋର ଓ ଆପଲ୍ ଆପ୍ ଷ୍ଟୋରରେ ଚିହ୍ନଟ କରାଯାଇପାରିବ। ଏହି ନୂତନ ବ୍ରାଣ୍ଡ ପରିଚୟର ଟାଇମିଂ ଡିଜିଟାଲ ସ୍ପେସ୍‌ରେ ହେଉଥିବା ଉଲ୍ଲେଖନୀୟ ରୂପାନ୍ତରଣ ସହ କାର୍ଯ୍ୟକାରୀ କରାଯାଇଛି। ଏହି ରିବ୍ରାଣ୍ଡିଂର ମୂଳରେ ଟ୍ରୁକଲରର ନବୀକୃତ ଉଦ୍ଦେଶ୍ୟ, ଶକ୍ତି ଓ ପ୍ରତିଶ୍ରୁତିବଦ୍ଧତା ସାମିଲ ରହିଛି। ଏ ସମ୍ପର୍କରେ ଟ୍ରୁକଲରର ସହ-ପ୍ରତିଷ୍ଠାତା ତଥା ସିଇଓ ଆଲାନ୍ ମାମେଦି କହିଛନ୍ତି, ଆମେ ଆମର ନୂତନ ବ୍ରାଣ୍ଡ୍ ପରିଚୟ ଓ ଲୋଗୋର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ।

## ଆଜିଠାରୁ ଆଜିଓ ଅଲ୍ ଷ୍ଟାର୍ସ ସେଲ୍

ଭୁବନେଶ୍ୱର,୨୧।୯




ଭାରତର ପ୍ରିମିୟମ ଫେସନ ଇ-ଟେଲର ଆଜିଓର ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ଅଲ୍ ଷ୍ଟାର୍ସ ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମାର୍କସ୍ ଆଣ୍ଡ ସ୍ପେନ୍ସର ଏବଂ ଲି ଓ ରାଙ୍ଗଲର ସହଭାଗିତାରେ କରାଯାଉଥିବା ଏହି 'ଅଲ୍ ଷ୍ଟାର୍ସ ସେଲ୍' ୨୦୨୩ ସେପ୍ଟେମ୍ବର ୨୨ରୁ ଆରମ୍ଭ ହେଉଛି, ଏହା ପୂର୍ବ (୨୦୨୩ ସେପ୍ଟେମ୍ବର ୧୭)ରୁ ଗ୍ରାହକମାନେ ପ୍ରତିଦିନ ୬ ଘଣ୍ଟାର ଲିମିଟେଡ୍ ଆକ୍ସେସ୍ ଲାଭ କରିଛନ୍ତି। ବିଶେଷ କରି ଆଜିଓ ଅଲ୍ ଷ୍ଟାର୍ସ ସେଲ୍ (ଏଏଏସଏସ୍) ଜରିଆରେ ଗ୍ରାହକମାନେ ୫୫୦୦ ରୁ ଅଧିକ ବ୍ରାଣ୍ଡ ମଧ୍ୟରୁ କ୍ରୟ କରିପାରିବେ। ଯେଉଁଥିରେ ଅତୁଳନୀୟ ସପିଂ ଅନୁଭବ ପ୍ରଦାନ କରୁଥିବା ୧.୫ ମିଲିୟନରୁ ଅଧିକ ଫେସନ ଷ୍ଟାଇଲ୍ ରହିଛି। ଏ ସମ୍ପର୍କରେ ଆଜିଓର ସିଇଓ ବିନୀଥ ନାୟର କହିଛନ୍ତି, ଅଲ୍ ଷ୍ଟାର୍ସ ସେଲ୍ ଫେସନର ସର୍ବବୃହତ୍ ବ୍ରାଣ୍ଡକୁ ଗ୍ରାହକଙ୍କ ନିକଟକୁ ଆଣି ଏକ ବାସ୍ତବିକ ଆକର୍ଷଣୀୟ ସପିଂ ଅନୁଭବ ପ୍ରଦାନ କରିଥାଏ ଏହି ସଂସ୍କରଣରେ ଆମେ ଛୋଟ ସହର ଓ ନଗରରୁ କ୍ରମାଗତ ଚାହିଦା ଓ ଅଧିକ ଅର୍ଡ଼ରର ଆଶା କରୁଛୁ, ଇଂଟରନେଟର ବହୁଳ ବ୍ୟବହାର ସହିତ ୫ଜିର ଶୁଭାରମ୍ଭ ଦ୍ୱାରା ଅଧିକରୁ ଅଧିକ ଭାରତୀୟମାନେ ଅନଲାଇନ୍ ସପିଂକୁ ଆପଣାଇଛନ୍ତି ଓ ଆମେ ଆଶା କରୁଛୁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ପ୍ରଥମ ଥର କ୍ରେତାମାନେ ଆଜିଓରେ ଥିବା ୧.୫ମିଲିୟନରୁ ଅଧିକ ଷ୍ଟାଇଲରୁ କିଣାକିଣି କରିପାରିବେ।

## ସେନ୍କୋର ପ୍ରଥମ ଭର୍ଚୁଆଲ୍ ଶୋ'ରୁମ୍ 'ସେନ୍କୋଭର୍ସ'

ଭୁବନେଶ୍ୱର,୨୧।୯

ସେନ୍କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ପ୍ରଥମ ଭର୍ଚୁଆଲ୍ ଶୋ'ରୁମ୍ 'ସେନ୍କୋଭର୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି କମ୍ପାନୀ (ବ୍ରାଣ୍ଡ୍) ମେଟାଭର୍ସରେ ପ୍ରବେଶ ସହ ଭାରତର ପ୍ରଥମ ଗହଣା ଶୋ'ରୁମ୍ ଭାବେ ନୂଆ ପିଢ଼ିର ଗ୍ରାହକମାନଙ୍କ ସହ ବେଶ୍ ଯୋଡ଼ି ହୋଇପାରିବ ଓ ସେମାନଙ୍କୁ ସୁହାଇବା ଭଳି ଏବଂ ନିରବଚ୍ଛିନ୍ନ ଶପିଙ୍ଗ୍ ଅନୁଭୂତି ପ୍ରଦାନ କରି ଶପିଙ୍ଗ୍‌ରେ ପରିବର୍ତ୍ତନ ଆଣିବ ବୋଲି ସେନ୍କୋ ପକ୍ଷରୁ କୁହାଯାଇଛି। ଏପରିକି ଭର୍ଚୁଆଲ୍ ଦୁନିଆରେ ବ୍ରାଣ୍ଡ୍‌ର ଗହଣାଗୁଡ଼ିକୁ ଜୀବନ୍ତ ଭାବେ ଉପସ୍ଥିତ କରିବା ପାଇଁ ସେନ୍କୋଭର୍ସରେ ପ୍ରଯୁକ୍ତି ଓ କଳାକାରର ଏକ ଦୃଢ଼ ସମ୍ମିଶ୍ରଣ ରହିଛି। ଏହା ଗ୍ରାହକମାନଙ୍କୁ ଏଣ୍ଡ୍-ଟୁ-ଏଣ୍ଡ୍ ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବ। ସେହିଭଳି ଗ୍ରାହକମାନେ ନିରବଚ୍ଛିନ୍ନ ଭାବେ ଭର୍ଚୁଆଲ ଶୋ'ରୁମ୍‌ରେ ବ୍ରାଉଜିଂ କରିବା ସହ ନିଜ ପସନ୍ଦର ଗହଣାକୁ ଚୟନକରି ଘରେ ଡେଲିଭରି ପାଇପାରିବେ। ବିଶେଷକରି ଗ୍ରାହକମାନେ ନିଜ ଡିଜିଟାଲ ଡିଭାଇସ୍‌ରେ ଆରାମରେ ଯେକୌଣସି ସ୍ଥାନରେ ରହି ପରିଦର୍ଶନ କରି ସେନ୍କୋଭର୍ସରେ ପହଞ୍ଚିପାରିବେ। ଏ ସମ୍ପର୍କରେ ସେନ୍କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ୍ କହିଛନ୍ତି, ଆମର ଡିଜିଟାଲ ରୂପାନ୍ତରଣ ଯାତ୍ରା ଓ ଆମ ମୂଲ୍ୟବାନ୍ ଗ୍ରାହକମାନଙ୍କୁ ଉଲ୍ଲେଖନୀୟ ଓ ଚିନ୍ତାମୁକ୍ତ ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ଆମର ରହିଥିବା ପ୍ରତିବଦ୍ଧତା ଦିଗରେ ସେନ୍କୋଭର୍ସର ଶୁଭାରମ୍ଭ ଏକ ବଡ଼ ପଦକ୍ଷେପ। ସେନ୍କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ନିର୍ଦ୍ଦେଶିକା ଓ ଡିଜାଇନ୍ ତଥା ମାର୍କେଟିଂ ମୁଖ୍ୟ ଜୋଇତା ସେନ୍ କହିଛନ୍ତି, ମେଟାଭର୍ସରେ ଭାରତର ପ୍ରଥମ ଗହଣା ଶୋ'ରୁମ୍ ସେନ୍କୋଭର୍ସର ଶୁଭାରମ୍ଭକରିଆମେବେଶ୍‌ଉତ୍ସାହିତଅଛୁ।

## ହୋଣ୍ଡାର ରେପ୍‌ସଲ୍ ଏଡିସନ୍ ଉନ୍ମୋଚିତ

ଭୁବନେଶ୍ୱର,୨୧।୯



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ରେପ୍‌ସଲ୍ ଏଡିସନ୍'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏପରିକି ୨୦୨୩ ରେପ୍‌ସଲ୍ ଏଡିସନ୍‌ର ହର୍ନେଟ୍ ୨.୦ ଓ ଡିଓ ୧୨୫କୁ ନିକଟରେ ଉନ୍ମୋଚନ କରାଯାଇଛି। ଏସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁସ୍ତମୁ ଓଟାନି କହିଛନ୍ତି, ରେସିଂ ହେଉଛି ହୋଣ୍ଡାର ହୃତ୍‌ପିଣ୍ଡ। ପ୍ରଥମ ଥର ପାଇଁ ଭାରତରେ ରେସିଂର ଶିଖର ଭାବେ ପରିଚିତ ମୋଟୋ ଜିପି ପ୍ରଥମ ଥର ପାଇଁ ଭାରତରେ ଆୟୋଜନ ହେଉଥିବା ବେଳେ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ରହିବା ଲାଗି ଭାରତୀୟ ଯୁବ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି। ସେହି ଉତ୍ସାହକୁ ଆହୁରି ବଢ଼ାଇବା ପାଇଁ ଆମେ ହର୍ନେଟ୍ ୨.୦ ଓ ଡିଓ ୧୨୫ର ୨୦୨୩ ରେପ୍‌ସଲ୍ ଏଡିସନ୍‌କୁ ଉନ୍ମୋଚନ କରିଛୁ। ଆମେ ଆଗାମୀ ଭାରତ ଜିପିର ବଡ଼ ସଫଳତା କାମନା କରୁଛୁ। ସେହିଭଳି ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ (ବିକ୍ରି ଓ ବିପଣନ) ଯୋଗେଶ ମାଥୁର କହିଛନ୍ତି,ହର୍ନେଟ୍ ୨.୦ ଓ ଡିଓ ୧୨୫ର ୨୦୨୩ ରେପ୍‌ସଲ୍ ଏଡିସନ୍‌କୁ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଉଭୟ ମଡେଲ ନିଜ ନିଜ କ୍ଷେତ୍ରରେ ଗ୍ରାହକଙ୍କୁ ଉଲ୍ଲସିତ କରିଛନ୍ତି ଏବଂ ତାହାର ଲିମିଟେଡ୍ ଏଡିସନ୍ ଭର୍ସନ ଉନ୍ମୋଚନକରି ଭାରତରେ ମୋଟୋଜିପି ପ୍ରଶଂସକଙ୍କ ପାଇଁ ଭାରତୀୟ ରାସ୍ତାରେ ହୋଣ୍ଡାର ରେସିଂ ଡିଏନ୍‌ଏରେ ପରିବର୍ତ୍ତନ ଆଣି ଆମେ ଆନନ୍ଦିତ। ପ୍ରଥମ ଭାରତ ଜିପି ପାଇଁ ରେପ୍‌ସଲ୍ ହୋଣ୍ଡା ଟିମ୍‌କୁ ଆମେ ଶୁଭକାମନା ଜଣାଉଛୁ।

## ଆକ୍ସିସ୍‌ର 'ନିଓ ଫର୍ ବିଜ୍‌ନେସ୍'

ଭୁବନେଶ୍ୱର,୨୧।୯

ଆକ୍ସିସ୍ ବ୍ୟାଙ୍କର ନୂତନ ବ୍ୟାଙ୍କିଙ୍ଗ୍ ପ୍ଲାଟଫର୍ମ 'ନିଓ ଫର ବିଜନେସ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଙ୍କ ପାଇଁ ସ୍ୱତନ୍ତ୍ର କାରବାର ଆରମ୍ଭ ହୋଇଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍ଜିକ୍ୟୁଟିଭ୍ ଓ ମୁଖ୍ୟ-ଟ୍ରେଜେରି, ମାର୍କେଟସ୍ ଓ ହୋଲ୍‌ସେଲ୍ ବ୍ୟାଙ୍କିଙ୍ଗ ପ୍ରଡକ୍ଟସ୍ ନୀରଜ ଗମ୍ଭୀର କହିଛନ୍ତି, ଗ୍ରାହକମାନଙ୍କୁ ବ୍ୟାପକ ଡିଜିଟାଲ ସେବା ପ୍ରଦାନ କରିବା ଲାଗି ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ନିରନ୍ତର ଭାବେ ଅଗ୍ରଣୀ ପ୍ରଯୁକ୍ତି ଓ ଡାଟା ଆନାଲିଟିକ୍ସ ଦକ୍ଷତାରେ ନିବେଶ କରାଯାଉଛି। ସହଯୋଗିତା, ବ୍ୟବସ୍ଥା ଏବଂ ମୂଲ୍ୟ ଶୃଙ୍ଖଳାକୁ ବ୍ୟବହାର କରି ଆମ 'ମୁକ୍ତ'ଦର୍ଶନ ଅନୁସାରେ ବ୍ୟାଙ୍କିଙ୍ଗଠାରୁ ଆହୁରି ଅଧିକ ସମାଧାନ ପ୍ରଦାନ କରି ବ୍ୟବସାୟ କ୍ଷେତ୍ରର ଅଭିବୃଦ୍ଧିକୁ ବଢ଼ାଇବାକୁ ଚାହୁଁଛୁ। ଏମ୍‌ଏସ୍‌ଏମ୍‌ଇ ବ୍ୟାଙ୍କିଙ୍ଗ ଦୃଶ୍ୟପଟ୍ଟରେ ଦ୍ରୁତ ପରିବର୍ତ୍ତନ ଘଟିଛି ଏବଂ ବ୍ୟାଙ୍କିଙ୍ଗ ଓ ବ୍ୟାଙ୍କିଙ୍ଗ ବାହାରେ ଏକ ବ୍ୟାପକ ସମାଧାନ ପ୍ରଦାନ କରିବାର ଆବଶ୍ୟକତା ଅନୁଭୂତ ହୋଇଛି। ସେହିଭଳି ଆକ୍ସିସ୍ ବ୍ୟାଙ୍କର ସଭାପତି ଓ ମୁଖ୍ୟ (ହୋଲସେଲ୍ ବ୍ୟାଙ୍କିଙ୍ଗ୍) ବିବେକ ଗୁପ୍ତା କହିଛନ୍ତି, ଆକ୍ସିସ୍ ବ୍ୟାଙ୍କରେ ଆମେ ଗ୍ରାହକଙ୍କୁ ସବୁଥିରେ ସର୍ବଦା ଆଗରେ ରଖିଛୁ, ଏମ୍‌ଏସ୍‌ଏମ୍‌ଇଙ୍କ ପାଇଁ ଏକ ମୋବାଇଲ୍ ପ୍ରଥମ କାରବାର ବ୍ୟାଙ୍କିଙ୍ଗ୍ ପ୍ଲାଟଫର୍ମ ସୃଷ୍ଟି କରିବାକୁ ନିଓ ଫର ବିଜନେସ୍ ଗଠନ କରାଯାଇଛି। ବ୍ୟାଙ୍କମାନର ନିରାପତା ସୁବିଧା ସୁଯୋଗ ସହିତ ଏଥିରେ ୟୁଆଇ/ୟୁଏକ୍ସ ରହିଛି। ନିଓ ଫର ବିଜନେସ୍‌ର ମୂଳରେ ବିୟଣ୍ଡ ବ୍ୟାଙ୍କିଙ୍ଗ୍ ସୁବିଧା ରହିଛି। ପାରମ୍ପରିକ ଇଟଂରନେଟ୍ ବ୍ୟାଙ୍କିଙ୍ଗ୍ ପ୍ଲାଟଫର୍ମଗୁଡ଼ିକ ସାଧାରଣ ଶିଳ୍ପ ସୁବିଧା ପ୍ରଦାନ କରୁଥିବା ବେଳେ ବିୟଣ୍ଡ ବ୍ୟାଙ୍କିଙ୍ଗରେ ଗ୍ରାହକମାନେ ପରବର୍ତ୍ତୀ ସ୍ତରର ସୁବିଧା ପାଇପାରିବେ।

---

## ଫୁର୍‌ସତ୍



# ନୟନତାରା ଖୁସିନାହାନ୍ତି


ମୁମ୍ବାଇ: ସାଉଥ୍ ଅଭିନେତ୍ରୀ ନୟନତାରା ଫିଲ୍ମ 'ଜୱାନ'ରେ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। କିନ୍ତୁ ଅଭିନେତ୍ରୀ ବଲିଉଡ୍‌ରେ ଡେବ୍ୟୁ କରି ଖୁସିନୁହନ୍ତି ଏବଂ ଆଗକୁ ବଲିଉଡ୍ ଫିଲ୍ମରେ କାମ କରିବେନି ବୋଲି କହିଛନ୍ତି। ଫିଲ୍ମ 'ଜୱାନ'ରେ ନୟନତାରାଙ୍କ ଭୂମିକା କଟାଯାଇଥିବାରୁ ସେ ନିର୍ଦ୍ଦେଶକ ଏଟଲି କୁମାରଙ୍କ ଉପରେ ରାଗିଛନ୍ତି। ସିନେମାରେ ଦୀପିକା ପାଦୁକୋନ୍‌ଙ୍କ ଚରିତ୍ର ବିସ୍ତାର କରାଯାଇଥିବାବେଳେ ନୟନତାରାଙ୍କ ଭୂମିକା ଅଲଗା କରାଯାଇଥିଲା। ଦୀପିକା ଶାହାରୁଖ ଖାନ୍‌ଙ୍କ ସହିତ ଆଗରୁ ଅନେକ ଫିଲ୍ମ କରିଥିବାବେଳେ ଜୱାନରେ ତାଙ୍କୁ ଏକ ମା' ଚରିତ୍ର ଦିଆଯାଇଥିଲା। ଏହାକୁ ଦର୍ଶକ ଅଧିକ ପସନ୍ଦ କରିଥିଲେ। ଏପରି କାମରେ ନୟନତାରା ଖୁସି ନ ଥିବା ଜଣାପଡିଛି। ସେ ମଧ ଜୱାନଙ୍କ ପ୍ରମୋସନ ଇଭେଣ୍ଟରେ ଅଂଶଗ୍ରହଣ କରି ନ ଥିଲେ। ଏହାପରେ ଜୱାନ ସଫଳତାରେ ଆୟୋଜକ ଏକ ଖବରଦାତା ସମ୍ମିଳନୀରେ ମଧ ନୟନତାରା ଯୋଗ ଦେଇ ନ ଥିଲେ। ଯେତେବେଳେ କି କାର୍ଯ୍ୟକ୍ରମରେ ଶାହାରୁଖ୍, ଦୀପିକା, ବିଜୟ ସେଥୁପଥି, ସାନିଆ ମାଲହୋତ୍ରା, ରିଦ୍ଧି ଡୋଗ୍ରା, ଏଟଲି ଉପସ୍ଥିତ ଥିଲେ। ନୟନତାରା ୨୦୦୩ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ମାଲାୟଲମ୍, ତାମିଲ, ତେଲୁଗୁ, କନ୍ନଡ଼ ଚଳଚ୍ଚିତ୍ରରେ କାମ କରିସାରିଛନ୍ତି। ଜୱାନ ପରେ ତାଙ୍କ ହାତରେ ଆଉ କିଛି ଫିଲ୍ମ ମଧ ରହିଛି।

# କର୍କଟକୁ ନାହିଁ ଭୟ

### ବିଶ୍ୱ ରୋଜ୍ ଦିବସ



କର୍କଟ ପରି ସ୍ୱାସ୍ଥ୍ୟ ସମସ୍ୟାକୁ ଭୟ ନ କରି ଏହା ବିରୋଧରେ ଲଢ଼େଇ ଜାରି ରଖିବା ପାଇଁ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରାଯାଇଥାଏ। ଏହାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ୨୨ ସେପ୍ଟେମ୍ବରରେ ପାଳନ କରାଯାଉଥିବା ବିଶ୍ୱ ରୋଜ୍ ଦିବସ ସମସ୍ତ କର୍କଟ ଆକ୍ରାନ୍ତଙ୍କ ପାଇଁ ଉତ୍ସର୍ଗୀକୃତ। ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି, କର୍କଟ ସମସ୍ୟାରେ ହାରିବାନି ବରଂ ଏହାକୁ ହରାଇବା। ଏହି ଦିନ ପାଳନ ମାଧ୍ୟମରେ ଏପରି ଆକ୍ରାନ୍ତଙ୍କ ଜୀବନରେ ସୁଖ ଏବଂ ଭରସା ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ସେମାନଙ୍କୁ ମନେପକାଇ ଦେଇଥାଏ ଯେ ସେମାନେ ନିଷ୍ଠା ଏବଂ ସକାରାତ୍ମକ ଭାବନା ମାଧ୍ୟମରେ କର୍କଟ ବିରୋଧରେ ଲଢ଼ି ବିଜୟୀ ହୋଇପାରିବେ। ୧୯୯୬ରେ ମୃତ୍ୟୁବରଣ କରିଥିବା କାନାଡାର ୧୨ ବର୍ଷ ବୟସ୍କ କର୍କଟ ଆକ୍ରାନ୍ତ ମେଲିଣ୍ଡା ରୋଜ୍‌ଙ୍କ ସମ୍ମାନାର୍ଥେ ବିଶ୍ୱ ରୋଜ୍ ଦିବସ ପାଳନ କରାଯାଇଥାଏ। ଡାକ୍ତରମାନେ କହିଥିଲେ ଯେ, ସେ କେବଳ କିଛି ସପ୍ତାହ ବଞ୍ଚିବେ, ମେଲିଣ୍ଡା ରୋଜ୍ କିନ୍ତୁ ତିନିବର୍ଷରୁ ଅଧିକ ସମୟ ଧରି ଲଢ଼େଇ ଜାରି ରଖିଥିଲେ। ରୋଜ୍ ଦିବସରେ ଲୋକମାନେ କର୍କଟ ଆକ୍ରାନ୍ତ ଏବଂ ସେମାନଙ୍କର ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ଗୋଲାପ, କାର୍ଡ ଏବଂ ଉପହାର ପ୍ରଦାନ କରିଥାନ୍ତି।



## ୩୩୨ ଟଙ୍କାର ପେଣ୍ଟିଂ ୧.୫୮ କୋଟିରେ ନିଲାମ

**ଇଂଲଣ୍ଡ:** ବେଳେବେଳେ ଏପରି ହୋଇଥାଏ ଘରେ ରଖାଯାଇଥିବା କିଛି ଜିନିଷର ମୂଲ୍ୟ ଆମକୁ ଜଣା ନ ଥାଏ। ନିକଟରେ ବ୍ରିଟେନର ଜଣେ ମହିଳାଙ୍କ ସହିତ ଏପରି କିଛି ହୋଇଛି। ତାଙ୍କ ଘରେ ଥିବା ପେଣ୍ଟିଂକୁ ସୋସିଆଲ ମିଡିଆରେ ଶେୟାର କରିବାରୁ ତା'ର ପ୍ରକୃତ ମୂଲ୍ୟ ଜଣାପଡ଼ିଲା। ରିପୋର୍ଟ ମୁତାବକ, ନ୍ୟୁ ହେମସିର୍‌ର ଏକ ବଜାରରୁ ୬ ବର୍ଷ ପୂର୍ବେ ମହିଳା ଜଣକ ୪ ଡଲାର ଅର୍ଥାତ୍ ୩୩୨ ଟଙ୍କାରେ ଏକ ପେଣ୍ଟିଂ କିଣିଥିଲେ। ପରେ ତାହା ଘରର ଏକ କୋଣରେ ପଡ଼ିଥିଲା। ସେ ସେହି ପେଣ୍ଟିଂକୁ ଫୋପାଡିବାକୁ ବାହାରିଥିଲେ। ହେଲେ ତା' ପୂର୍ବରୁ ସେ ତାକୁ ସୋସିଆଲ ମିଡିଆରେ ଛାଡ଼ିଲେ। ସେହି ପେଣ୍ଟିଂ ଗତ ୧୯ ତାରିଖରେ ୧୯୧ ହଜାର ଡଲାର ଅର୍ଥାତ୍ ୧.୫୮ କୋଟିରେ ନିଲାମ ହୋଇଛି। ବିଶେଷଜ୍ଞଙ୍କ ମୁତାବକ, ଏହି ପେଣ୍ଟିଂ ପ୍ରସିଦ୍ଧ ଆର୍ଟିଷ୍ଟ ଏନ୍‌ସି ୱାୟେଥଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ଏହାର କିଛି ବର୍ଷ ପୂର୍ବେ ହଜିଯାଇଥିଲା। ୱାୟେଥ ଏହି ପେଟିଂକୁ ୧୮୮୪ରେ ଆମେରିକାର କବି ହେଲେନ ହଣ୍ଟ ଜ୍ୟାକ୍‌ସନଙ୍କ 'ରମୋନା'ର ୧୯୩୯ ସଂସ୍କରଣ ପାଇଁ ପ୍ରସ୍ତୁତ କରିଥିଲେ। ପେଣ୍ଟିଂରେ ଏକ ଅନାଥ ଝିଅ ଏବଂ ତାଙ୍କ ସାବତ ମା'ଙ୍କ ମଧ୍ୟରେ ସମ୍ପର୍କକୁ ଦର୍ଶାଯାଇଥିଲା। ୱାୟରଙ୍କ ପେଣ୍ଟିଂ ଅଧିକ ଲୋକପ୍ରିୟ ଥିଲା। ମହିଳାଙ୍କ କହିବାନୁସାରେ, ସେ ଯେତେବେଳେ ଏହି ପେଣ୍ଟିଂ କିଣିଥିଲେ, ଲୋକ ତାଙ୍କର ବହୁତ ମଜା ଉଡ଼ାଇଥିଲେ। ସୋସିଆଲ ମିଡିଆରେ ଶେୟାର କରିବାରୁ ତା'ର ମୂଲ୍ୟ ବାବଦରେ ଜାଣିଥିଲେ। ଏହାପରେ ସେ ବ୍ରାଣ୍ଡିୱାଇନ ମ୍ୟୁଜିୟମ୍ ସହ ସମ୍ପର୍କ କରିବାରୁ ତାହା ଏକ ଐତିହାସିକ ପେଣ୍ଟିଂ ଥିବା ଜାଣିବାକୁ ପାଇଥିଲେ।

## 'ୱାଲ୍ ଅଫ୍ ଗମ୍'



ୱାଶିଂଟନ: ଚୁଇଁଗମ୍ ଖାଇବାକୁ ବହୁତ ଲୋକ ପସନ୍ଦ କରନ୍ତି। ହେଲେ ଖାଇସାରିବା ପରେ କେହି ତାକୁ ଠିକ୍ ଭାବେ ନ ଫୋପାଡ଼ି ଏଠି ସେଠି ଫିଙ୍ଗନ୍ତି। ନ ହେଲେ କେହି ତାକୁ ଲୁଚାଇ କୌଣସି କାନ୍ଥବାଡ଼ରେ ମଧ୍ୟ ଲଗାଇ ଦିଅନ୍ତି। ତେବେ ଆମେରିକାରେ ଏକ କାନ୍ଥ ରହିଛି, ଯେଉଁଠାରେ ଲୋକ ଲୁଚାଇକି ନୁହେଁ ଖୋଲାଖୋଲି ଭାବେ ଚୁଇଁଗମ୍ ଲଗାନ୍ତି। ରିପୋର୍ଟ ମୁତାବକ, ୱାଶିଂଟନର ସିଏଟେଲ୍‌ରେ 'ୱାଲ୍ ଅଫ୍ ଗମ୍' କିମ୍ବା 'ଗମ୍ ୱାଲ୍' ନାମରେ ଏକ କାନ୍ଥ ରହିଛି। କାରଣ ସେଠାରେ ହଜାର ହଜାର ଚୁଇଁଗମ୍ ଲଗାଯାଇଛି। ଚୁଇଁଗମ୍ ଚୋବାଇବା ପରେ ଲୋକେ ଏଠାରେ ଲଗାଇଥାନ୍ତି। ଏଥିପାଇଁ ଏହାକୁ ୨୦୦୯ରେ ଦୁନିଆର ଦର୍ଶନୀୟ ସ୍ଥଳର ମାନ୍ୟତା ଦିଆଗଲା। ଏହି କାନ୍ଥର ଉଚ୍ଚତା ୮ ଫୁଟ୍ ଏବଂ ଏହାର ଲମ୍ବା ୫୦ ଫୁଟ୍। ୧୯୯୩ରୁ ଏଠାରେ ଚୁଇଁଗମ୍ ଲଗାଇବା ପରମ୍ପରା ଆରମ୍ଭ ହୋଇଥିଲା। ଏହି କାନ୍ଥ ମାର୍କେଟ୍ ଥିଏଟର ପାଖରେ ରହିଛି। ଟିକେଟ୍‌ଧାରୀମାନେ ଭିତରକୁ ଯିବାକୁ ଲାଇନ ଲଗାଇ ସେଠାରେ ଠିଆ ହୋଇଥାନ୍ତି। ଅଧିକ ସମୟ ଅପେକ୍ଷା କରିବା ସହ ସେମାନେ ସେଠାରେ ଚୁଇଁଗମ୍ ଲଗାଇଦେଇଥିଲେ। ପରେ ସେହି ରାସ୍ତା ଦେଇ ଯାଉଥିବା ଅନେକ ଲୋକ ମଧ୍ୟ ସେପରି କରିବାକୁ ଲାଗିଲେ। ଏହି ସ୍ଥାନ ସେତେବେଳେ ପ୍ରସିଦ୍ଧ ହେଲା, ଯେତେବେଳେ ହଲିଉଡ୍ ଅଭିନେତ୍ରୀ ଜେନିଫର ଏନିଷ୍ଟନଙ୍କ ଫିଲ୍ମର ଏକ ଦୃଶ୍ୟ ଏହି କାନ୍ଥରେ ଦେଖାଗଲା। ଯେଉଁଥିରେ ଅଭିନେତ୍ରୀ ଚୁଇଁଗମ୍ ଲଗାଉଥିବାର ଦେଖିବାକୁ ମିଳିଥିଲା। ସେବେଠାରୁ ଏଠାକୁ ହଜାର ହଜାର ଲୋକ ଚୁଇଁଗମ୍ ଲଗାଇବାକୁ ଲାଗିଲେ। ପରେ ସେଠାରେ ଏତେ ଚୁଇଁଗମ୍ ଲଗାଗଲା ଯେ, ସେଠାର କାନ୍ଥ ମଧ୍ୟ ଦେଖାଗଲାନି। ପରେ ୨୦୧୫ରେ ଥରେ ଏହି କାନ୍ଥକୁ ସମ୍ପୂର୍ଣ୍ଣ ସଫା କରାଯାଇଥିଲା। ସେହି କାନ୍ଥକୁ ସଫା କରିବାକୁ ପ୍ରାୟ ୧୩୦ ଘଣ୍ଟାର ପରିଶ୍ରମ ପରେ ୧ ଟନ ଚୁଇଁଗମ୍ କଢାଯାଇଥିଲା। ଦ୍ୱିତୀୟ ଥର ପାଇଁ ୨୦୧୮ରେ ଚୁଇଁଗମ୍ ସଫା କରାଯାଇଥିଲା। ହେଲେ ତା'ର ୫ ମାସରେ କାନ୍ଥ ପୁଣି ପୂର୍ବ ଅବସ୍ଥାକୁ ଫେରି ଆସିଲା।

## ଏସିଆନ ଗେମ୍ସରେ ପଦକ

# ପ୍ରଥମ ଓଡ଼ିଆ ପ୍ରଣତି

**ଚାଇନାର ହାଙ୍ଗଝୋରେ ସେପ୍ଟେମ୍ବର ୨୩ରୁ ଆରମ୍ଭ ହେବାକୁ ଯାଉଛି ଏସିଆନ୍ ଗେମ୍ସର ୧୯ଶ ସଂସ୍କରଣ। ଏବେ ଏହି ମେଗା ଇଭେଣ୍ଟ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ। ଏସିଆନ ଗେମ୍ସ ଆସିଲେ ସ୍ୱତଃ ଚର୍ଚ୍ଚାକୁ ଆସନ୍ତି ଓଡ଼ିଶାର କିମ୍ବଦନ୍ତୀ ଆଥଲେଟ୍ ପ୍ରଣତି ମିଶ୍ର। କାରଣ ପ୍ରଥମ ଓଡ଼ିଆଭାବେ ଏସିଆନ ଗେମ୍ସରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ ଏହି ତାରକା ସ୍ପ୍ରିଣ୍ଟର। ୧୨ ମେ’ ୧୯୭୦ରେ ବଲାଙ୍ଗୀରରେ ଜନ୍ମିତ ପ୍ରଣତି ୧୯୯୦ ଏସିଆନ ଗେମ୍ସର ୪x୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ରିଲେରେ ତାଙ୍କ ପାର୍ଟନର ଥିଲେ ପି.ଟି. ଉଷା, କୁଟ୍ଟି ସରମ୍ମା ଓ ଶାନ୍ତିମୋଲ ଫିଲିପ୍ସ। ରିଲେ ରେସ୍‌ରେ ଭାରତୀୟ ଦଳ ହାସଲ କରିଥିଲା ରୌପ୍ୟ ପଦକ ଏବଂ ପ୍ରଣତି ଥିଲେ ଏହାର ଅନ୍ୟତମ ପ୍ରମୁଖ ଅଂଶୀଦାର। ସେତେବେଳେ ଗଣମାଧ୍ୟମରେ ପ୍ରଚାର ପ୍ରସାରର ଅଭାବରୁ ସ୍ୱଳ୍ପଭାଷୀ ସ୍ୱାଭିମାନୀ ପ୍ରଣତି ଯଦିଓ ବିଶେଷ ଲୋକଲୋଚନକୁ ଆସିପାରି ନ ଥିଲେ ତେବେ ଓଡ଼ିଶା ଆଥ୍ଲେଟଙ୍କ ପାଇଁ ସାଜିଥିଲେ ଉଦାହରଣ ଏବଂ ପ୍ରତିଷ୍ଠା କରିଥିଲେ ଏକ ସ୍ୱତନ୍ତ୍ର ମାଇଲଖୁଣ୍ଟ। ସେ ସମ୍ପ୍ରତି ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ, କୋଲକାତାରେ କାର୍ଯ୍ୟରତ। ଏସିଆନ ଗେମ୍ସର ଅବ୍ୟବହିତ ପୂର୍ବରୁ ଏହି ଧାବିକାଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**–ପ୍ରସ୍ତୁତି: ତପନ ସ୍ୱାଇଁ**

## ‘ପଦକ ଧରି ଜଣେ ଓଡ଼ିଆଭାବେ ଗର୍ବ ଅନୁଭବ କରିଥିଲି’



**ପ୍ର:** କିମ୍ବଦନ୍ତୀ ଆଥ୍ଲେଟମାନଙ୍କର କ୍ୟାରିୟର ଆରମ୍ଭ ସମ୍ପର୍କରେ ଜାଣିବାକୁ ସମସ୍ତଙ୍କର ଇଚ୍ଛାଥାଏ। ଆଥ୍ଲେଟିକ୍ସକୁ ଆପଣ କିପରି ଆସିଲେ ସେ ସମ୍ପର୍କରେ କିଛି କୁହନ୍ତୁ?

**ଉ:** ବଲାଙ୍ଗୀରରେ ଏମ୍‌ଇ ସ୍କୁଲରେ ପଢୁଥିବାବେଳେ ପୁଚି ଆଦି ଯେଉଁ ଖେଳ ହେଉଥିଲା ସେଥିରେ ମୁଁ ପ୍ରଥମସ୍ଥାନ ଅଧିକାର କରୁଥିଲି। ସେଥିରୁ ହିଁ ମୋ ଖେଳ କ୍ୟାରିୟର ଆରମ୍ଭ ହୋଇଥିଲା। ପରେ ହାଇସ୍କୁଲକୁ ଗଲାପରେ ସ୍କୁଲ ଗେମ୍ସରେ ଭାଗନେଲି। ସେତେବେଳେ ମୋ ବଡ଼ ଭଉଣୀ ପ୍ରତିମା ମିଶ୍ର ମଧ୍ୟ ଆଥ୍ଲେଟିକ୍ସରେ ଥିଲେ। ସ୍କୁଲରେ ମୁଁ ଭଲ ଖେଳୁଥିବାରୁ ସେ ଅଭ୍ୟାସ କଲାବେଳେ ମୋତେ ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମକୁ ସାଥିରେ ନେଇ ଯାଉଥିଲେ। ତାଙ୍କଠୁ ପ୍ରେରଣା ପାଇ ମୁଁ ଉତ୍ସାହିତ ହେଲି। ସ୍କୁଲ ଗେମ୍ସରେ ଖେଳି ଚାମ୍ପିୟନ ହେଲି। ଏପରି ସ୍ପୋର୍ଟ୍ସ କ୍ୟାରିୟର ଆଗକୁ ବଢ଼ି ଚାଲିଲା।

**ପ୍ର:** ସେ ସମୟରେ ଓଡ଼ିଶାରେ ଖେଳକୁ ଝିଅପିଲାମାନେ ବିଶେଷ ଆସୁ ନ ଥିଲେ। ଆପଣଙ୍କୁ ପରିବାରରୁ କିପରି ସମର୍ଥନ ମିଳିଥିଲା ?

**ଉ:** ମୋ ମା’ କିମ୍ବା ବାପା କେବେ ଫିଲ୍ଡକୁ ଯାଇ ମୋ ରନିଂ ଦେଖି ନାହାନ୍ତି ସତ, ମାତ୍ର କେବେହେଲେ ମୋତେ ବିରୋଧ କରି ନାହାନ୍ତି। ଏମିତି କି ଭୋର ୪ଟା ୩୦ରେ ବାପା ମୋତେ ଉଠାଇ ପଢ଼ିଆକୁ ଯିବାକୁ ଉତ୍ସାହିତ କରିଥାନ୍ତି। ମୋଟାମୋଟି କହିବାକୁ ଗଲେ ପରିବାରରୁ ମୋତେ ଭରପୂର ସମର୍ଥନ ମିଳିଥିଲା।

**ପ୍ର:** ଖେଳପାଇଁ ପାଠପଢ଼ା ପ୍ରଭାବିତ ହୋଇଥିଲା କି? ଆଥ୍ଲେଟିକ୍ସ ଜୀବନ କିପରି ଆଗକୁ ବଢ଼ିଥିଲା।

**ଉ:** ଯେହେତୁ ମୁଁ ଖେଳରେ ବହୁତ ଭଲ କରୁଥିଲି ତେଣୁ ସ୍କୁଲ ଏବଂ କଲେଜରେ ମୋତେ ଭରପୂର ସମର୍ଥନ ମିଳୁଥିଲା। ମୋତେ ଖେଳିବା ପାଇଁ ସମସ୍ତେ ଉତ୍ସାହିତ କରୁଥିଲେ। ଫଳରେ ଖେଳ ଓ ପାଠ ଉଭୟକୁ ନେଇ ମୁଁ ଆଗକୁ ଯାଇଥିଲି।

**ପ୍ର:** କ୍ୟାରିୟର ଆରମ୍ଭରେ କେଉଁ ପ୍ରତିଯୋଗିତାର ପ୍ରଦର୍ଶନ ଆପଣଙ୍କୁ ସବୁଠାରୁ ବେଶି ଖୁସି ଦେଇଥିଲା।

**ଉ:** ମୋର ପ୍ରଥମ ଜାତୀୟ ସ୍ତରୀୟ ପ୍ରତିଯୋଗିତା ଥିଲା ଓମେନ୍ସ ସ୍ପୋର୍ଟ୍ସ ଚାମ୍ପିୟନଶିପ୍। ଏହା ଗାନ୍ଧୀନଗରରେ ଅନୁଷ୍ଠିତ ହୋଇଥିଲା। ସେଠାରେ ମୁଁ ୧୦୦, ୨୦୦ ଓ ୪୦୦ ମିଟର ରେସ୍‌ରେ ପ୍ରଥମସ୍ଥାନ ଅଧିକାର କରିଥିଲି। ନୂଆ ମିଟ୍ ରେକର୍ଡ ମଧ୍ୟ ସୃଷ୍ଟି କରିଥିଲି। ଏହି ପ୍ରତିଯୋଗିତାରେ ମୁଁ ପ୍ରଥମଥର ପାଇଁ ପଦକ ହାସଲର ସ୍ୱାଦ ପାଇଥିଲି। ଏହା ମୋତେ ଆଗକୁ ଯିବାକୁ ବହୁତ ସହାୟକ ହୋଇଥିଲା। ତା’ ପରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ଜୁନିୟର ନ୍ୟାଶନାଲରେ ମଧ୍ୟ ୧୦୦, ୨୦୦ ଓ ୪୦୦ ମିଟରରେ ପ୍ରଥମ ହୋଇଥିଲି। ଏହାପରେ ମୋତେ ସାଇ ସ୍ପୋର୍ଟ୍ସ ହଷ୍ଟେଲ ପାଇଁ ଚୟନ କରାଗଲା। ସେଠାରେ ସୁବାସ ଚନ୍ଦ୍ର ଦାସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ କରି ପ୍ରଦର୍ଶନକୁ ମାର୍ଜିତ କଲି। ଜୁନିୟର ସ୍ତରରେ ଭଲ ପ୍ରଦର୍ଶନ କରି ସିନିୟରରେ ଆଗକୁ ଯାଇଥିଲି।

### ସଂକ୍ଷେପରେ...

**ନାମ:** ପ୍ରଣତି ମିଶ୍ର
**ଜନ୍ମ:** ୧୨ ମେ’, ୧୯୭୦, ବଲାଙ୍ଗୀର
**ପରିବାର:** ମା: କୁମୁଦିନୀ ମିଶ୍ର, ବାପା: ଲମ୍ବୋଦର ମିଶ୍ର, ଭାଇ: କାଳି ପ୍ରସାଦ ମିଶ୍ର, ଗୌରୀ ପ୍ରସାଦ ମିଶ୍ର ଓ ବିଭୁ ପ୍ରସାଦ ମିଶ୍ର,
**ଭଉଣୀ:** ପ୍ରତିମା, ପ୍ରତିଭା ଓ ପ୍ରମିଳା, ସ୍ୱାମୀ: ସଚିକାନ୍ତ ପତି, ପୁତ୍ର: ସଙ୍କେତ ପତି
(ସାତ ଭାଇ ଭଉଣୀଙ୍କ ମଧ୍ୟରୁ ପ୍ରଣତି ଥିଲେ ପଞ୍ଚମ। ସବୁଠାରୁ ବଡ଼କଥା ହେଲା ତାଙ୍କର ୩ ଭଉଣୀଯାକ ଥିଲେ ଆଥଲେଟ୍।)
ଘରୋଇ କ୍ଲବ/ଏକାଡେମୀ: ସାଇ ଟ୍ରେନିଂ ସେଣ୍ଟର, କଟକ
**କୋଚ୍:** ସୁବାସ ଚନ୍ଦ୍ର ଦାସ ମହାପାତ୍ର
**ଇଭେଣ୍ଟ:** ୧୦୦, ୨୦୦, ୪୦୦ ମିଟର ରେସ୍, ୪X୧୦୦, ୪X୪୦୦ ମିଟର ରିଲେ ରେସ୍।
**ବଡ଼ ସଫଳତା:** ୧୯୯୦ ବେଜିଂ ଏସିଆନ ଗେମ୍ସର ୪X୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ।
**ଅବସର:** ଆଣ୍ଠୁରେ ଆଘାତ ଯୋଗୁ ୧୯୯୨ରେ ଧାବିକା କ୍ୟାରିୟରର ଅବସାନ

**ପ୍ର:** ଏସିଆନ ଗେମ୍ସ ପାଇଁ ଚୟନ କେମିତି ହୋଇଥିଲା। ଏହା କେତେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲା।

**ଉ:** ଏସିଆନ ଗେମ୍ସ ପୂର୍ବରୁ ମୁଁ ଜୁନିୟର ଏସିଆନ ଟ୍ରାକ୍ ଆଣ୍ଡ ଫିଲ୍ଡରେ ଭଲ କରିଥିଲି। ନ୍ୟାଶନାଲ କ୍ୟାମ୍ପ ପାଇଁ ଏକ ଟ୍ରାଏଲ୍ କରାଯାଏ। ସେଥିରେ ମୁଁ ଭଲ ପ୍ରଦର୍ଶନ କରିଥିବାରୁ ବେଙ୍ଗାଲୁରୁରେ ଅନୁଷ୍ଠିତ କ୍ୟାମ୍ପ ପାଇଁ ମନୋନୀତ ହୋଇଯାଇଥିଲି। କ୍ୟାମ୍ପରେ ଥିବାବେଳେ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଟ୍ରାଏଲ୍ ସବୁ ହୋଇଥାଏ। ବିଶେଷ କରି ଏସିଆନ ଗେମ୍ସ ପୂର୍ବରୁ ୩ ପର୍ଯ୍ୟାୟରେ ଟ୍ରାଏଲ୍ ହୋଇଥିଲା। ଏଥିରେ ଯେଉଁ ଟାଇମିଂ ଧାର୍ଯ୍ୟ ଥିଲା ସେଥିରେ ମୁଁ କ୍ୱାଲିଫାଇଂ ମାର୍କକୁ ସ୍ପର୍ଶ କରିଥିଲି। ଏହାପରେ ଆମ ଟିମ୍ ଚୟନ ହୋଇଥିଲା।

**ପ୍ର:** ଏସିଆନ ଗେମ୍ସ ରିଲେରେ ଆପଣ, ପି.ଟି. ଉଷା, କୁଟ୍ଟି ସରମ୍ମା ଓ ଶାନ୍ତିମୋଲ ଫିଲିପ୍ସ ରେସ୍ କରିଥିଲେ। କିଏ ସବୁଠାରୁ ଦ୍ରୁତତମ ଥିଲେ। ରେସ୍ ସମ୍ପର୍କରେ କିଛି ସ୍ମରଣୀୟ ସ୍ମୃତି?

**ଉ:** ଏସିଆନ ଗେମ୍ସ ରିଲେରେ କୁଟ୍ଟି ସରମ୍ମା ପ୍ରଥମେ ଦୌଡ଼ିଥିଲେ। ଏହାପରେ ଶାନ୍ତିମୋଲ ଫିଲିପ୍ସ, ତୃତୀୟରେ ମୁଁ ଏବଂ ଶେଷରେ ପି.ଟି. ଉଷା ରେସ୍ କରିଥିଲୁ। ଫିନିଶିଂରେ ଅଧିକ ଷ୍ଟ୍ରେସ୍ ଦେବାକୁ ପଡ଼େ। ତେବେ ସମସ୍ତଙ୍କ ଉପରେ ଗୁରୁଦାୟିତ୍ୱ ଥିଲା। ଏଥିରେ ରେସ୍ କରି ଓଡ଼ିଶାର ପ୍ରଥମ ଆଥଲେଟ୍‌ଭାବେ ପଦକ ଜିତିଥିବାରୁ ବହୁତ ଗର୍ବ ଅନୁଭବ ହୋଇଥିଲା। ଏହା ମୋ ନିଜ ପାଇଁ, ଓଡ଼ିଶା ପାଇଁ ଏବଂ ଦେଶ ପାଇଁ ଗର୍ବର କଥା ଥିଲା। ଏହି ସ୍ମୃତିକୁ ଜୀବନରେ କେବେ ଭୁଲି ହେବନି।

**ପ୍ର:** ୧୦୦, ୨୦୦ କି ୪୦୦ ମିଟର ବ୍ୟକ୍ତିଗତ ରେସ୍ ଏବଂ ରିଲେ ରେସ୍ ମଧ୍ୟରେ କେଉଁଟା ଅଧିକ କଷ୍ଟକର ?

**ଉ:** ୪୦୦ ମିଟର ବ୍ୟକ୍ତିଗତ ରେସ୍ ନିଶ୍ଚିତ କଷ୍ଟସାଧ୍ୟ। ଏଥିରେ ଷ୍ଟ୍ରେନ୍ଥ, ଷ୍ଟାମିନା ଓ ସ୍ପିଡ୍ ସବୁକିଛି ଆବଶ୍ୟକ ହୋଇଥାଏ। ୧୦୦ ମିଟରରେ ସ୍ପିଡ୍ ଉପରେ ଅଧିକ ଗୁରୁତ୍ୱ ରହିଥାଏ। ରିଲେ ରେସ୍‌ରେ ୪ ଜଣଙ୍କ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଜରୁରୀ। ସମନ୍ୱୟ ନ ଥିଲେ ପଦକ ହାସଲ କେବେ ସମ୍ଭବ ନୁହେଁ। ମୁଖ୍ୟ ରେସ୍ ପୂର୍ବରୁ କୋଚ୍ ଆମକୁ ଅନେକଥର ଅଭ୍ୟାସ କରାଇଥିଲେ। ଏହାର ଫଳ ମଧ୍ୟ ଆମକୁ ମିଳିଥିଲା।

**ପ୍ର:** ପ୍ରଥମ ଓଡ଼ିଆ ଆଥଲେଟ୍‌ଭାବେ ଆପଣ ଏସିଆନ ଗେମ୍ସରେ ପଦକ ହାସଲ କଲେ। ସେ ମୁହୂର୍ତ୍ତଟି ଆପଣଙ୍କ ପାଇଁ କେମିତି ଥିଲା ?

**ଉ:** ମୁଁ ପ୍ରଥମେ ବିଶ୍ୱାସ କରିବା ସହଜ ନ ଥିଲା। ଓଡ଼ିଶା ପୁଣି ବଲାଙ୍ଗୀର ପରି ଏକ ଅଞ୍ଚଳରୁ ମଧ୍ୟବିତ୍ତ ପରିବାରର ଜଣେ ଝିଅ ଏସିଆନ ଗେମ୍ସରେ ପଦକ ଜିତିବା ସ୍ୱପ୍ନପରି ଥିଲା। ସେତେବେଳେ ବଲାଙ୍ଗୀରରେ ଆମ ପାଇଁ ଦୌଡ଼ିବାକୁ ଭଲ ପଡ଼ିଆ ନ ଥିଲା। ଗୋଡ଼ିମାଟିରେ ଦୌଡ଼ି ଆମେ ଅଭ୍ୟାସ କରୁଥିଲୁ। ଅନେକ ସମୟରେ ଆମେ ଗୋଡ଼ି ସଫା କରି ଦୌଡୁଥିଲୁ। ପଦକ ହାତରେ ଧରିବାପରେ ଜଣେ ଓଡ଼ିଆଭାବେ ଗର୍ବ ଅନୁଭବ କରିଥିଲି।

**ପ୍ର:** ସେତେବେଳେ ରାଜ୍ୟ କ୍ରୀଡ଼ା ମହଲ କିପରି ଥିଲା ଏବଂ ଆପଣଙ୍କୁ କିପରି ସ୍ୱାଗତ ସମ୍ବର୍ଦ୍ଧନା ମିଳିଥିଲା।

**ଉ:** ସେତେବେଳେ ଗଣମାଧ୍ୟମରେ ଏତେ ପ୍ରଚାର ପ୍ରସାର ନ ଥିଲା। ସେତେବେଳେ ମୁଁ ସାଇ ସ୍ପୋର୍ଟ୍ସ ହଷ୍ଟେଲରେ ରହୁଥିଲି। ତେଣୁ ସାଇ ପକ୍ଷରୁ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ମୋତେ ସମ୍ବର୍ଦ୍ଧିତ କରାଯାଇଥିଲା। ମାତ୍ର ପ୍ରଚାର ପ୍ରସାର ନ ଥିବାରୁ ଏହି ସଫଳତା ସମ୍ପର୍କରେ ଅନେକେ ଜାଣିପାରି ନ ଥିଲେ। କେତେବେଳେ କେମିତି ଖବରକାଗଜରେ କିଛି ବାହାରୁଥିଲା। ତେଣୁ ଆମେ ବିଶେଷ ଲୋକଲୋଚନକୁ ଆସିପାରି ନ ଥିଲୁ।

**ପ୍ର:** ଆଥ୍ଲେଟିକ୍ସ କ୍ୟାରିୟର କିପରି ଶେଷ ହୋଇଥିଲା। ଏହା ପଛର କାରଣ କ’ଣ ଥିଲା।

**ଉ:** ବେଙ୍ଗାଲୁରୁରେ ଅଲିମ୍ପିକ୍ସ କ୍ୟାମ୍ପରେ ଥିବାବେଳେ ଟ୍ରାଏଲ୍ ସମୟରେ ଆଣ୍ଠୁରେ ଆଘାତ ପାଇଥିଲି। ତା’ ପରେ ମୁମ୍ବାଇରେ ସ୍ପୋର୍ଟ୍ସ ମେଡିସିନ ସ୍ପେଶାଲିଷ୍ଟ ଅନନ୍ତ ଯୋଶୀଙ୍କ ସହ ଯୋଗାଯୋଗ ମଧ୍ୟ କରିଥିଲି। ମାତ୍ର ଏ କ୍ଷେତ୍ରରେ ବିଶେଷ ଆଗେଇ ପାରି ନ ଥିଲି। ଫଳରେ ଏହି ସମସ୍ୟା ଯୋଗୁ ହିଁ ମୋ ଖେଳ କ୍ୟାରିୟର ଶେଷ ହୋଇଯାଇଥିଲା।

**ପ୍ର:** ମନରେ ସେପରି କିଛି ଅବସୋସ ରହିଛି କି, ଯାହାକୁ ଆପଣ ଭୁଲିପାରୁ ନାହାନ୍ତି।

**ଉ:** ଅଲିମ୍ପିକ୍ସ କ୍ୟାମ୍ପରେ ଯେହେତୁ ଥିଲି ଅଲିମ୍ପିକ୍ସରେ ଭାଗନେବାର ସ୍ୱପ୍ନ ରହିଥିଲା। ମାତ୍ର ଆହତ ସମସ୍ୟା କାରଣରୁ ମନରେ ଅବସୋସ ରହିଗଲା।

**ପ୍ର:** ପାରିବାରିକ ଜୀବନପରେ ଆପଣଙ୍କ ଆଥଲେଟିକ୍ସ ଜୀବନକୁ କିପରି ସମର୍ଥନ ମିଳିଛି ?

**ଉ:** ସ୍ୱାମୀ ସଚିକାନ୍ତ ପତି ଷ୍ଟେଟ ବ୍ୟାଙ୍କରେ କାର୍ଯ୍ୟରତ। ମୁଁ ଯେହେତୁ ଆଥଲେଟିକ୍ସକୁ କ୍ୟାରିୟର କରିଥିଲି ସେଥିରେ ଆଗକୁ ମଧ୍ୟ ମୁଁ କିଛି କରେ ବୋଲି ସେ ଚାହାନ୍ତି। ଏଥିପାଇଁ ସେ ମୋତେ ସବୁବେଳେ ଉତ୍ସାହିତ କରି ଆସିଛନ୍ତି।



ସ୍ୱାମୀ ସଚିକାନ୍ତ ପତିଙ୍କ ସହ ପ୍ରଣତି।

**ପ୍ର:** ଆପଣଙ୍କ ସମୟର ଖେଳ ପରିବେଶ ଏବଂ ବର୍ତ୍ତମାନ ସମ୍ପର୍କରେ କ’ଣ ପ୍ରଭେଦ ଅନୁଭବ କରୁଛନ୍ତି।

**ଉ:** ଆକାଶ ପାତାଳ ପ୍ରଭେଦ। ଏବେ ଖେଳକୁ ସପୋର୍ଟ କରିବାକୁ ସମସ୍ତେ ଆଗେଇ ଆସୁଛନ୍ତି। ମାତ୍ର ସେତେବେଳେ ସାହାଯ୍ୟ କରିବାକୁ କେହି ନ ଥିଲେ। ନିଜେ ଲଢ଼ିବାକୁ ପଡୁଥିଲା। ସେତେବେଳେ ଆମେ ଟେନିସ ଶୁ’ ପିନ୍ଧି ଅଭ୍ୟାସ କରୁଥିଲୁ। ହଷ୍ଟେଲରେ ଯେତେବେଳେ ପାୱାର ଜୋତା ମିଳିଲା ଆମକୁ ବହୁତ ଗୋଟେ ବଡ଼ ଜିନିଷ ପାଇବାପରି ଲାଗିଥିଲା। ଏସିଆନ ଗେମ୍ସ ପାଇଁ କ୍ୟାମ୍ପ ଗଲା ପରେ ଯାଇ ଆମେ ଭଲ ସ୍ପାଇକ୍ ପାଇଥିଲୁ।

**ପ୍ର:** ଆଥ୍ଲେଟିକ୍ସ ସହିତ ଜଡ଼ିତ ରହି କିଛି କରିବାର ଯୋଜନା ଅଛି କି।

**ଉ:** ସୁଯୋଗ ପାଇଲେ ମୁଁ ପିଲାଙ୍କୁ ଟ୍ରେନିଂ ଦେବାକୁ ଲକ୍ଷ୍ୟ ରଖିଛି। କିଛି ଭଲ ପିଲା ଦେଖି ସେମାନଙ୍କୁ ସହାୟତା କରିବାକୁ ମଧ୍ୟ ଇଚ୍ଛା ଅଛି।

**ପ୍ର:** ଏସିଆନ ଗେମ୍ସରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଆଥଲେଟ୍‌ଙ୍କ ନିକଟରୁ ଆପଣ କ’ଣ ଆଶା ରଖିଛନ୍ତି।

**ଉ:** ରାଜ୍ୟ ସରକାର ଏବେ ଖେଳକୁ ପ୍ରାଧାନ୍ୟ ଦେଉଛନ୍ତି। ପିଲାମାନେ ଯାଇ ବାହାରେ ଟ୍ରେନିଂ ସୁଯୋଗ ପାଇଛନ୍ତି। ତେଣୁ ସେମାନେ ଭଲ କରିବାନେଇ ଆଶା ରହିଛି।

**ପ୍ର:** ଆଥ୍ଲେଟିକ୍ସକୁ କ୍ୟାରିୟର କରିବାକୁ ଚାହୁଁଥିବା ପିଲାଙ୍କୁ କ’ଣ ପରାମର୍ଶ ଦେବେ।

**ଉ:** କଠିନ ପରିଶ୍ରମ କରନ୍ତୁ, କୋଚ୍‌ଙ୍କ କଥା ମାନନ୍ତୁ। ତାଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ କରନ୍ତୁ। ଏହା କରିପାରିଲେ ନିଶ୍ଚିତ ଭବିଷ୍ୟତରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ।

---

# ଆଇଏସ୍ଏଲ୍‌ରେ ସ୍ପାନିଶ୍ ଲିଗ୍‌ର ପ୍ରଭାବ

**ବିଶ୍ୱରେ ଏକ ଫୁଟ୍‌ବଲ ମହାଶକ୍ତି ଭାବରେ ନିଜକୁ ପ୍ରତିଷ୍ଠିତ କରିବା ଦିଗରେ ଭାରତ ଅଗ୍ରସର ହେଉଥିବା ବେଳେ ଏହା ପଛରେ ସ୍ପାନିଶ୍ ଲିଗ୍ ତଥା ଲା ଲିଗାର ଅବଦାନ ଅତୁଳନୀୟ। କେବଳ ଖେଳାଳି ନୁହନ୍ତି ବରଂ ବିଭିନ୍ନ ସ୍ପାନିଶ ଲିଗ୍‌ର କୋଚ୍ ଓ ମ୍ୟାନେଜର ଏବେ ବିଭିନ୍ନ ଆଇଏସ୍ଏଲ୍ କ୍ଲବ୍‌ର ଦାୟିତ୍ୱରେ ଅଛନ୍ତି..**

ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସ୍ଏଲ୍)ର ଦଶମ ସଂସ୍କରଣ ଆରମ୍ଭ ହୋଇ ଯାଇଛି। ୨୦୧୩ରେ ଆରମ୍ଭ ହୋଇଥିବା ଏହି ଲିଗ୍ ଇତିମଧ୍ୟରେ ଭାରତର ଏକ ନମ୍ବର ଲିଗ୍‌ର ମାନ୍ୟତା ହାସଲ କରିଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତର ପ୍ରତିଭାମାନଙ୍କୁ ସୁଯୋଗ ମିଳିବା ସହିତ ଜାତୀୟ ଦଳ ପାଇଁ ନୂଆ ଖେଳାଳି ବାହାରୁଛନ୍ତି। ଏହି ଲିଗ୍‌ର ସଫଳତା ପଛରେ ଅନେକ ବିଦେଶୀ ଖେଳାଳି ଓ କୋଚ୍‌ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ବିଦେଶୀ ଲିଗ୍‌ର ଖେଳାଳିମାନେ ସାମିଲ ହୋଇଥିଲେ ମଧ୍ୟ ସ୍ପାନିଶ୍ ଲିଗ୍ ଓ ଲା ଲିଗା ଅନ୍ୟମାନଙ୍କ ଅପେକ୍ଷା ଅଗ୍ରଣୀ ରହିଛି। ଭାରତୀୟ ଫୁଟବଲକୁ ଏକ ନୂତନ ଦିଗ୍‌ଦର୍ଶନ ଦେବାରେ ଏହାର ଖେଳାଳି ଓ କୋଚ୍‌ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ୨୦୧୬ରେ ଲା ଲିଗା ପକ୍ଷରୁ ଭାରତର ରାଜଧାନୀ ନୂଆଦିଲ୍ଲୀରେ ଏହାର ପ୍ରଥମ କାର୍ଯ୍ୟାଳୟ ଖୋଲିଥିଲା। ବିଶ୍ୱରେ ଭାରତ ଏକ ଫୁଟବଲ ମହାଶକ୍ତି ଭାବରେ ନିଜକୁ ପ୍ରତିଷ୍ଠିତ କରିବା ଦିଗରେ ଭାରତ ଅଗ୍ରସର ହେଉଥିବା ବେଳେ ଏହା ପଛରେ ସ୍ପାନିଶ୍ ଲିଗ୍ ତଥା ଲା ଲିଗାର ଅବଦାନ ଅତୁଳନୀୟ। କେବଳ ଖେଳାଳି ନୁହନ୍ତି ବରଂ ବିଭିନ୍ନ ସ୍ପାନିଶ ଲିଗ୍‌ର କୋଚ୍ ଓ ମ୍ୟାନେଜରମାନେ ବିଭିନ୍ନ ଆଇଏସ୍ଏଲ୍ କ୍ଲବ୍‌ଗୁଡିକର ଦାୟିତ୍ୱରେ ଅଛନ୍ତି। ନିକଟରେ ଓଡ଼ିଶା ଏଫ୍‌ସିର ମୁଖ୍ୟ କୋଚ୍ ଭାବରେ ସର୍ଗିଓ ଲୋବେରା ଦାୟିତ୍ୱ ଗ୍ରହଣ କରିଛନ୍ତି।

### ଡିଫେଣ୍ଡର୍ସ

ଲା ଲିଗାର ଅନ୍ୟତମ ଶକ୍ତିଶାଳୀ ଦଳ ରିୟଲ ମାଡ୍ରିଡ୍‌ର ଆଟାକିଂ ମିଡ୍‌ଫିଲ୍ଡର ଜାଭି ହର୍ନାଣ୍ଡେଜ୍ ପ୍ରଥମ ଖେଳାଳି ଭାବରେ ବେଙ୍ଗାଲୁରୁ ଏଫ୍‌ସି ପାଇଁ ଖେଳୁଥିବା ବେଳେ ଲା ମାସିଆର ଭିକ୍ଟର ରୋଡ୍ରିଗୁଏଜ୍ ଏଫ୍‌ସି ଗୋଆ ପକ୍ଷରୁ ୱିଙ୍ଗର ଭାବରେ ଖେଳୁଛନ୍ତି। ଏହାପରେ ବିଭିନ୍ନ କ୍ଲବର ଖେଳାଳି ଆଇଏସ୍ଏଲ୍‌ରେ ଯୋଗ ଦେଇଥିଲେ। ଚଳିତ ସିଜନରେ ଭାଲେନ୍ସିଆ ସିଏଫ୍‌ର ଜୋସ୍ ଆଣ୍ଟୋନିଓ ପାର୍ଡୋ ଓ ଆଟଲେଟିକୋ ମାଡ୍ରିଡର ଆଲବର୍ଟ ନୋଗୁଏରାଙ୍କ ପରି ଖେଳାଳି ମଧ୍ୟ ଆଇଏସ୍ଏଲ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଜୋସ୍ ଆଣ୍ଟୋନିଓ ପାର୍ଡୋ ଓ ବୋର୍ଜା ହେରେରା ଇଷ୍ଟ ବେଙ୍ଗଲ ଦଳରେ ଡିଫେଣ୍ଡର ଭାବରେ ସାମିଲ ହୋଇଛନ୍ତି। ଜୋସ୍ ଲୁଇସ୍ ଏସ୍ପିନୋସା ଆରୋୟୋ ମୁମ୍ବାଇ ସିଟି ଏଫ୍‌ସି ପକ୍ଷରୁ ସେଣ୍ଟର ବ୍ୟାକ୍ ଭାବରେ ଖେଳିଥାନ୍ତି। ସେ ପୂର୍ବରୁ କାଡିଜ୍ ସିଏଫ୍ ଓ ଆଟଲେଟିକୋ ମାଡ୍ରିଡ୍ ପାଇଁ ଖେଳିଛନ୍ତି। ନର୍ଥଇଷ୍ଟର ସେଣ୍ଟର ବ୍ୟାକ୍ ରହିଥିବା ମାଇକେଲ ଜାବାକୋ ପୂର୍ବରୁ ଆଟଲେଟିକୋ ମାଡ୍ରିଡ୍ ୟୁଥ୍ ଟିମ୍ ପାଇଁ ଖେଳିଛନ୍ତି। ଓଡ଼ିଶା ଏଫ୍‌ସି ପକ୍ଷରୁ ଖେଳୁଥିବା ଡିଫେଣ୍ଡର କାର୍ଲୋସ ଡେଲଗାଡୋ ଭାଲେନ୍ସିଆର ବି ଟିମ୍ ପାଇଁ ଖେଳିଛନ୍ତି। ଏହା ବ୍ୟତୀତ ଆଲ୍ମେରିଆ ଓ କାସେଲିଅନ୍ ଭଳି କ୍ଲବର ପ୍ରତିନିଧିତ୍ୱ କରିଛନ୍ତି କାର୍ଲୋସ୍।




ଓଡ଼ିଶା ଏଫ୍‌ସି କୋଚ୍ ସର୍ଗିଓ ଲୋବେରା

ଭିକ୍ଟର ରୋଡ୍ରିଗ୍ୱେଜ

### ମିଡ୍‌ଫିଲ୍ଡର୍ସ

ଆଟଲେଟିକୋ ମାଡ୍ରିଡର ଆଲବର୍ଟ ନୋଗୁଏରା ମୁମ୍ବାଇ ସିଟି ଏଫ୍‌ସି ପକ୍ଷରୁ ଖେଳିଥାନ୍ତି। ବେଙ୍ଗାଲୁରୁର ଆଟାକିଂ ମିଡଫିଲ୍ଡର ଜାଭି ହର୍ନାଣ୍ଡେଜ୍ ରିୟଲ୍ ମାଡ୍ରିଡ୍ ୟୁଥ୍ ଟିମ୍‌ର ପ୍ରମୁଖ ସଦସ୍ୟ ରହିଥିଲେ। ଇଷ୍ଟ ବେଙ୍ଗଲର ସେଣ୍ଟ୍ରାଲ ମିଡଫିଲ୍ଡର ରହିଥିବା ସଲ୍ କ୍ରେସ୍ପୋ ଏକାଧିକ ସ୍ପାନିଶ କ୍ଲବ୍ ପାଇଁ ଖେଳିଛନ୍ତି। ପଞ୍ଜାବ ଏଫ୍‌ସିର ମିଡଫିଲ୍ଡର ଆର୍‌ସି ସେଲ୍‌ଟା ଓ ହାଇଦ୍ରାବାଦ ଏଫ୍‌ସିର ଅଧିନାୟକ ଜୋଆଓ ଭିକ୍ଟର ଲା ଲିଗା କ୍ଲବ ଆର୍‌ସିଡି ମାଲୋର୍ସା ପକ୍ଷରୁ ଖେଳି ସାରିଛନ୍ତି।

### ଷ୍ଟ୍ରାଇକର୍ସ

ଫରୱାର୍ଡ ବା ଷ୍ଟ୍ରାଇକରଙ୍କ ମଧ୍ୟରେ ସ୍ପାନିଶ ଲିଗ୍‌ର ଆଧିପତ୍ୟ ରହିଛି। ନର୍ଥଇଷ୍ଟର ଷ୍ଟ୍ରାଇକର ରହିଥିବା ନେଷ୍ଟର ଆଲବିୟାକ୍ ରୋଜର ସ୍ପାନିଶ୍ କ୍ଲବ ଲେଭାଣ୍ଟେ ୟୁଡି ପକ୍ଷରୁ ଖେଳିଛନ୍ତି। ଇଷ୍ଟ ବେଙ୍ଗଲର ଜାଭିୟର ସିଭିରେଓ ଦୁଇଟି ସ୍ପାନିଶ କ୍ଲବ(ୟୁଡି ଲା ପାଲ୍‌ମାସ ଓ ରିୟଲ ରେସିଂ କ୍ଲବ) ପକ୍ଷରୁ ଖେଳିଛନ୍ତି। ଏଫ୍‌ସି ଗୋଆ ପକ୍ଷରୁ ଖେଳୁଥିବା କାର୍ଲୋସ ମାର୍ଟିନେଜ୍ ଓ ଭିକ୍ଟର ରୋଡ୍ରିଗୁଏଜ୍ ତିନୋଟି କ୍ଲବ ପାଇଁ ଖେଳିଛନ୍ତି। ଉଭୟ ଭିଲାରିଏଲ୍ ସିଏଫ୍, ଲା ମାସିଆ ଓ ଏଫ୍‌ସି ବାର୍ସେଲୋନା ପାଇଁ ଖେଳିଥିବା ବେଳେ ବର୍ତ୍ତମାନ ଭାରତୀୟ ଲିଗ୍‌ରେ ନିଜର ପ୍ରତିଭା ଦେଖାଉଛନ୍ତି।

### କୋଚ୍

ସ୍ପାନିଶ ଫୁଟବଲର ପ୍ରଭାବ କେବଳ ଖେଳାଳିଙ୍କ ମଧ୍ୟରେ ସୀମିତ ନାହିଁ। ଏକାଧିକ ପୂର୍ବତନ ଖେଳାଳି ବର୍ତ୍ତମାନ ବିଭିନ୍ନ ଆଇଏସ୍ଏଲ୍ କ୍ଲବର କୋଚ୍ ବା ମ୍ୟାନେଜର ଭୂମିକାରେ ନଜର ଆସୁଛନ୍ତି। ଏହା ମଧ୍ୟରେ କିଛି ପ୍ରସିଦ୍ଧ ନାମ ସାମିଲ ରହିଛି। ଆଲବର୍ଟ ରୋକା ବେଙ୍ଗାଲୁରୁ ଏଫ୍‌ସି ସହିତ ଟେକ୍ନିକାଲ କନ୍‌ସଲ୍ଟାଣ୍ଟ ଭାବରେ କାମ କରୁଛନ୍ତି। କାର୍ଲେସ୍ କୁଆଡ୍ରାଟ ଇଷ୍ଟବେଙ୍ଗଲ ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଡିମାସ୍ ଡେଲଗାଡୋ ସହକାରୀ କୋଚ୍ ରହିଛନ୍ତି। ମାନୋଲୋ ମାରକ୍ୱେଜ ଏଫ୍‌ସି ଗୋଆର ମୁଖ୍ୟ କୋଚ୍ ରହିଛନ୍ତି। ମୋହନବାଗାନ ସୁପର ଜାଏଣ୍ଟର ମୁଖ୍ୟ କୋଚ୍ ଜୁଆନ୍ ଫେରାଣ୍ଡୋ ଓ ନିର୍ଦ୍ଦେଶକ ଆଣ୍ଟୋନିଓ ଲୋପେଜ୍ ହବସ ଉଭୟ ସ୍ପେନ୍‌ର ବାସିନ୍ଦା । ଜୁଆନ୍ ପେଡ୍ରୋ ବେନାଲି ନର୍ଥଇଷ୍ଟର ମୁଖ୍ୟ କୋଚ୍ ଥିବା ବେଳେ ଚଳିତ ବର୍ଷ ଓଡ଼ିଶା ଏଫ୍‌ସିର ମୁଖ୍ୟ କୋଚ୍ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ସର୍ଗିଓ ଲୋବେରା। ସେ ଏହା ପୂର୍ବରୁ ଏଫ୍‌ସି ଗୋଆର ମୁଖ୍ୟ କୋଚ୍ ରହି ଦଳକୁ ଚାମ୍ପିୟନ କରାଇଥିଲେ।

### ମିରାକଲ୍

କେବେ ଫୁଲ୍ ଲେଙ୍ଥ, ଆଉଟ ସୁଇଙ୍ଗ୍
ଇନ୍ ସୁଇଂ ବଲ୍ ଫିଙ୍ଗି
ଓଭରରେ ଚାରି ଉଇକେଟ ଲଙ୍କାର
ମେରୁଦଣ୍ଡ ଦେଲା ଭାଙ୍ଗି
ସିରାଜ ଖେଳରେ ଲୁଙ୍ଗି
ଡ୍ୟାନ୍ସରେ ବିଭୋର ପଡ଼ିଆରେ ଫ୍ୟାନ
ନ୍ୟୁ ରେକର୍ଡ ଗଲା ଲମ୍ବି।

ଘାତକ ବୋଲିଂରେ ଧରାଶାୟୀ ସବୁ
କଲମ୍ବୋଠିଁ ଲଙ୍କାସୁର
ନିଶଙ୍କା, ଆସାଲଙ୍କା, ମେଣ୍ଡିସ, ବିକ୍ରମା
ଧନଞ୍ଜୟ ସରେଣ୍ଡର
ଡାଉନ୍ ଶନକା ଶିର
ଏସିଆ କପ୍ ଚାମ୍ପିୟନ ମୋ ଭାରତ
ୟା’କୁ ନେଇ ଆଠ ଥର।

ଆଇସିସି ୱାନ୍‌ଡେ ବିଶ୍ୱକପ ହବ
ଆଉ ବାର ଦିନ ବାକି
‘ଦିଲ ମିଶନ ବୋଲେ’ ଥିମ୍ ସଙ୍ଗ ବାଜିବ
ଉଦ୍‌ଘାଟନରେ ଯା’ ଦେଖି
ସରଂଚନା କରି ଲକି
ଗାୟକ ପ୍ରୀତମ, ଶ୍ଳୋକଲାଲ, ବର୍ମା
ଅଲସୋ ଲକି ଲେଖା ଲେଖି।

**–ସୁବାସ ଚନ୍ଦ୍ର ପ୍ରଧାନ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଦିବିଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜନସଂଖ୍ୟା ଅନୁପାତରେ ପଛୁଆବର୍ଗ ମହିଳାଙ୍କୁ ୩୩% ସଂରକ୍ଷଣ ମିଳୁ: କଂଗ୍ରେସ

## ମହିଳା ସଂରକ୍ଷଣ ବିଲ୍ ପାରିତହେବା ପ୍ରସଙ୍ଗ

ଭୁବନେଶ୍ୱର, ୨୧।୯(ସୁନିତ୍ ମିଶ୍ର)

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପଛୁଆ ବର୍ଗ ମହିଳାଙ୍କ ପାଇଁ ପାର୍ଲାମେଣ୍ଟରେ ଯେଉଁ ଦାବି ଉପସ୍ଥାପନ କରିଛନ୍ତି ତାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସମ୍ପୂର୍ଣ୍ଣ ସମର୍ଥନ କରୁଛି। ବୁଧବାର ଲୋକ ସଭାରେ ଯେଉଁ ମହିଳା ସଂରକ୍ଷଣ ବିଲ୍ ପାସ୍ କରାଗଲା ତାହା କଂଗ୍ରେସର ଅନୁଚିନ୍ତା। ଏବେ ଯେଉଁ ମହିଳା ସଂରକ୍ଷଣ ବିଲ୍ କେନ୍ଦ୍ର ସରକାର ପାରିତ କଲେ ତାହା ଜନସଂଖ୍ୟା ଅନୁପାତରେ ପଛୁଆବର୍ଗ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦିଆଯାଉ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ମହିଳାଙ୍କୁ ପଞ୍ଚାୟତ ଓ ନଗରପାଳିକାରେ ଏକ ତୃତୀୟାଂଶ ଆସନ ସଂରକ୍ଷଣ ରଖିବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ୧୯୮୯ରେ ୭୩ ଓ ୭୪ ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପି.ଭି.ନରସିଂହ ରାଓଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ୧୯୯୩ରେ ଏହି ବିଲ୍‌କୁ ଆଇନରେ ପ୍ରଣୟନ କରାଯାଇଥିଲା। ଏହି ଆଇନ ବଳରେ ବର୍ତ୍ତମାନ ୧୫ ଲକ୍ଷରୁ ଅଧିକ ମହିଳା ଭାରତବର୍ଷରେ ବିଭିନ୍ନ ପଞ୍ଚାୟତ ଓ ନଗରପାଳିକାକୁ ନିର୍ବାଚିତ ହୋଇ କାର୍ଯ୍ୟଭାର ଦକ୍ଷତାର ସହ ତୁଲାଉଛନ୍ତି। ୨୦୧୦ ମାର୍ଚ୍ଚରେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିବା ସମୟରେ ମହିଳା ସଂରକ୍ଷଣ ବିଲ୍‌କୁ ରାଜ୍ୟ ସଭାରେ ପାରିତ କରାଗଲା। କଂଗ୍ରେସ ମହିଳାଙ୍କୁ ଲୋକ ସଭା ଏବଂ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ମିଳୁ ବୋଲି ବହୁବାର ପ୍ରୟାସ କରିଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏହି ବିଲ୍‌କୁ ଦୀର୍ଘ ୯ ବର୍ଷ ପର୍ଯ୍ୟନ୍ତ କାହିଁକି ଲୋକ ସଭାରେ ଆଗତ କଲେ ନାହିଁ। ଏବେ ଯେଉଁ ବିଲ୍ ପାସ୍ କରାଗଲା ତାହା ତୁରନ୍ତ କାର୍ଯ୍ୟକାରୀ କରାଯାଉ। ହେଲେ ଜନସଂଖ୍ୟା ଅନୁପାତରେ ପଛୁଆବର୍ଗ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦିଆଯାଉ। ସେହିଭଳି ଅନୁସୂଚିତ ଜାତି ଓ ଜନଜାତିଙ୍କ ମହିଳା ଲୋକସଂଖ୍ୟା ଆଧାରରେ ୩୩ ପ୍ରତିଶତ ସଂରକ୍ଷଣ ଦିଆଯାଉ ବୋଲି କଂଗ୍ରେସ ଦାବି କରୁଛି। ୨୦୨୪ ସୁଦ୍ଧା ଏହା ଦେଶରେ ଲାଗୁ କରାଯାଉ ବୋଲି ଶରତ କହିଛନ୍ତି।



ଛତିଶଗଡ଼ ରାୟପୁରଠାରେ ଗୁରୁବାର ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀଙ୍କ ସହ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ(ବାମ)।

# ବିରୋଧୀଙ୍କୁ ଚେକ୍ ଦେବାକୁ ବିଜେଡିର ମାଷ୍ଟରଷ୍ଟ୍ରୋକ୍

## ସଦସ୍ୟତା ରହିବ: ଆଇନଜୀବୀ

ଭୁବନେଶ୍ୱର,୨୧।୯(ଅନିଲ ଦାସ)

ଦୁର୍ନୀତି ଓ ଜନ ବିରୋଧୀ କାର୍ଯ୍ୟ ପାଇଁ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କୁ ବିଜେଡିରୁ ଗୁରୁବାର ବହିଷ୍କାର କରାଯାଇଛି। ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେଉଛି। ବ୍ୟାଙ୍କ ଋଣ ଜାଲିଆତି ଏବଂ ସରକାରୀ ଅର୍ଥ ହଡ଼ପ ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଜୋରଦାର ଆକ୍ରମଣ କରିବା ପୂର୍ବରୁ ବିଜେଡି ନିଜର ଦୁଇ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିରୋଧୀଙ୍କୁ ଏକପ୍ରକାର ଚେକ୍ ଦେଇଛି। ବିରୋଧୀ ଏହାର ମୌକା ଉଠାଇବାକୁ ଯୋଜନା କରୁଥିବା ବେଳେ ପାଦେ ଆଗକୁ ଯାଇ ଶାସକ ଦଳ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ଅନ୍ୟ ପକ୍ଷରେ ଦଳରୁ ବହିଷ୍କାର ହୋଇଥିଲେ ମଧ୍ୟ ଉଭୟ ବିଧାୟକଙ୍କ ବିରୋଧରେ ଦଳବଦଳ ଆଇନ ଲାଗୁ ହେବ ନାହିଁ। ଉଭୟଙ୍କ ବିଧାୟକ ସଦସ୍ୟତା ବଳବତ୍ତର ରହିବ। ବିଜେଡି ପକ୍ଷରୁ ନିଜ ଦଳର ବିଧାୟକଙ୍କୁ ବହିଷ୍କାର ନେଇ ବାଚସ୍ପତିଙ୍କୁ ସରକାରୀ ଦଳ ମୁଖ୍ୟ ସଚେତକଙ୍କ ଜରିଆରେ ଅବଗତ କରାଯିବ। ଏହା ପରେ ସେହି ବିଧାୟକମାନେ ଆଉ ବିଜେଡି ସହ ବସିପାରିବେ ନାହିଁ। ବାଚସ୍ପତି ସେମାନଙ୍କୁ ସ୍ୱତନ୍ତ୍ର ସିଟ୍ ବ୍ୟବସ୍ଥା କରିବେ।

ବରିଷ୍ଠ ଆଇନଜୀବୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ବିଜେଡିରୁ ବହିଷ୍କୃତ ବିଧାୟକଙ୍କ କ୍ଷେତ୍ରରେ ଦଳ ବିରୋଧୀ ଆଇନ(ଆଣ୍ଟି ଡିଫେକ୍ସନ ଲ') ଲାଗୁ ହେବ ନାହିଁ। ବହିଷ୍କୃତ ବିଧାୟକ ଦଳରୁ ଇସ୍ତଫା କିମ୍ବା ଅନ୍ୟ ଦଳରେ ଯୋଗ ନ ଦେବା ଯାଏ ସେମାନଙ୍କ ସଦସ୍ୟ ପଦ ଯଥାପୂର୍ବ ରହିବ। ବାଚସ୍ପତି ସେମାନଙ୍କୁ ସ୍ୱତନ୍ତ୍ର ସିଟ୍ ଅନୁମୋଦନ କରିବେ। ଏହି କାରଣରୁ ବିଜେଡିରୁ ବହିଷ୍କୃତ ହୋଇଥିବା ଗୋପାଳପୁର ବିଧାୟକ ଏବଂ ଚିଲିକା ବିଧାୟକଙ୍କ ସଦସ୍ୟତା ଏବେ ବି କାଏମ ରହିଛି। ପୂର୍ବତନ ଆଇନ ମନ୍ତ୍ରୀ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଦଳରୁ ବହିଷ୍କୃତ ହେଲେ ମଧ୍ୟ ବିଧାୟକଙ୍କ ସଦସ୍ୟତା ରହିପାରିବ। ଦଳର ହୁଇପ୍ ଅମାନ୍ୟ, ଇସ୍ତଫା କିମ୍ବା ଦଳ ବଦଳ ନ କରିବା ଯାଏ ବିଧାୟକମାନଙ୍କର ସଦସ୍ୟତା ପୂର୍ବପରି କାଏମ ରହିବ। ତେବେ ସେମାନଙ୍କ ପାଇଁ ବାଚସ୍ପତି ସ୍ୱତନ୍ତ୍ର ସିଟ୍ ବ୍ୟବସ୍ଥା କରିପାରିବେ।

# ଦୁର୍ନୀତିରେ ରାଜସ୍ଥାନ ଆଗରେ ରହିଛି: ଧାମି



ପୁଷ୍କର ସିଂ ଧାମି

**ଜୟପୁର,୨୧।୯:** ରାଜସ୍ଥାନ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଏବେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଢେର ବଢିଯାଇଛି। ଆଉ ଦିନକୁ ଦିନ ଏହା ରାଜନୈତିକ ମାହୋଲକୁ ଅଧିକ ସରଗରମ କରିବାରେ ଲାଗିଛି। ତେବେ ରାଜ୍ୟର ଶାସକ କଂଗ୍ରେସ ଦଳର ନେତା ଓ ମନ୍ତ୍ରୀଙ୍କୁ ଭାଜପା ପକ୍ଷରୁ ଜୋରଦାର ସମାଲୋଚନା କରାଯାଉଛି। ଏହି କ୍ରମରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ରାଜ୍ୟର ଅଶୋକ ଗେହଲଟ ସରକାରକୁ ଟାର୍ଗେଟ କରିଛନ୍ତି। ଗୁରୁବାର କୋଟାଠାରେ ସେ ଗେହଲଟଙ୍କ ଉପରେ ବର୍ଷିବା ସହ ଅଭିଯୋଗ କରିଛନ୍ତି ଯେ, ଗତ ୫ ବର୍ଷ ମଧ୍ୟରେ ରାଜସ୍ଥାନରେ ଏପରି ଏକ ସରକାର ଅଛି ଯାହା କେନ୍ଦ୍ରରୁ ମିଳିଥିବା ଟଙ୍କା ରାଜ୍ୟରେ ବିନିଯୋଗ କରିବାକୁ ଚାହୁଁନାହିଁ। ଏଠାକାର ଲୋକଙ୍କୁ ପ୍ରକୃତପକ୍ଷେ କିପରି ଲାଭ ମିଳିବ ସେଥିପ୍ରତି ମଧ୍ୟ ଆନ୍ତରିକତା ନାହିଁ। ଦୁର୍ନୀତିରେ ରାଜସ୍ଥାନ ପ୍ରଥମ ଆଗରେ ରହିଛି ବୋଲି ଧାମି କହିଛନ୍ତି। ଏଥିସହିତ ଏଠାରେ ଅପରାଧ ଢେର ବଢିଛି ବୋଲି ସେ କହିଛନ୍ତି।


CLASSIFIED DISPLAY

MORE SPACE ' SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

**BIJAYA FINANCE**

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଭାଗୀରଥି ଚୌଧୁରୀ

ପ୍ଲଟ୍ ନଂ.-୪୦୦/୪୭୫୮, ବରମୁଣ୍ଡା, ଭୁବନେଶ୍ୱର

ଆବିର୍ଭାବ: ୦୨।୦୯।୧୯୩୭
ତିରୋଧାନ: ୧୨।୦୯।୨୦୨୩

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆପଣଙ୍କର ସ୍ନେହ, ପ୍ରେରଣା, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଶୁଭାଶୀର୍ବାଦ ଆମମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

**ଶୋକସନ୍ତପ୍ତ:** ପତ୍ନୀ: ଲାବଣ୍ୟ, ପୁତ୍ର ଓ ପୁତ୍ରବଧୂ: ଗୌତମ-ଇତିଶ୍ରୀ, କନ୍ୟା- ସ୍ନିଗ୍ଧା, ଶିଖା, ସୀମା, ଜ୍ୱାଇଁ-ଦିଲ୍ଲୀପ, ଅଶ୍ୱିନୀ ତଥା ଆତ୍ମୀୟସ୍ୱଜନ ।

ଧ-୭୧୩୮୧

ଦଶାହ ଉପଲକ୍ଷେ



୰ସୁଦର୍ଶନ ଶୁକ୍ଳ
ଭଦ୍ରକ (ଅନ୍ତରା)

ଆବିର୍ଭାବ: ୦୫।୦୧।୧୯୬୫
ତିରୋଧାନ: ୧୩।୦୯।୨୦୨୩

ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୧୩୭୧

୧୫ତମ ଶ୍ରାଦ୍ଧବାର୍ଷିକୀ



୰ଦିଗମ୍ବର ନାୟକ

ପଞ୍ଚାୟତ ନିର୍ବାହୀ ଅଧିକାରୀ
ମଠକରଗୋଳା, ଢେଙ୍କାନାଳ

ଆବିର୍ଭାବ: ୧୭।୦୭।୧୯୬୩
ତିରୋଧାନ: ୦୬।୦୯।୨୦୦୮
(ଭାଦ୍ରବ ଶୁକ୍ଳପକ୍ଷ ସପ୍ତମୀ)

ଏହି ପୁଣ୍ୟ ତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳିଅର୍ପଣ କରୁଛୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ ଧର୍ମପତ୍ନୀ ପ୍ରମିଳା, ପୁତ୍ର ଦିପୁନ୍, ଲିକୁନ୍, ଶାଶୁ, ଶଶୁର, ଦେଢଶାଶୁ, ଶାଳୀ, ପୁତୁରା, ଝିଆରୀ, ବୋହୂ ପ୍ରିୟଙ୍କା, ନାତି ଅବନୀଶ ଅନୁରାଗ, ଓ ପରିବାରବର୍ଗ।

ଧ-୭୪୦୯୫


# ଶିକ୍ଷା, ସ୍ୱାସ୍ଥ୍ୟ, ଆଇନଶୃଙ୍ଖଳା ପ୍ରସଙ୍ଗରେ ଶାସକ ଦଳକୁ ଘେରିବେ ବିରୋଧୀ

## ବିଧାନସଭା ମୌସୁମୀ ଅଧିବେଶନ

- କିଛି ପ୍ରସଙ୍ଗ ନ ପାଇ ଅଯଥା ଗଣ୍ଡଗୋଳ କରନ୍ତି: ବିଜେଡି
- ଆଜି ବିଜେଡି, ଭାଜପା ଓ କଂଗ୍ରେସର ବିଧାୟକ ଦଳ ବୈଠକ

ଭୁବନେଶ୍ୱର, ୨୧।୯
(ସୁନିତ୍ ମିଶ୍ର)

ବିଧାନସଭାର ମୌସୁମୀ ଅଧିବେଶନ ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନରେ ରାଜ୍ୟ ସରକାର ଅତିରିକ୍ତ ବଜେଟ ଆଣିବାକୁ ଯାଉଛନ୍ତି। ତେବେ ବିଧାନସଭାରେ ଶାସକ ଦଳକୁ ଘେରିବା ଲାଗି ବିରୋଧୀ ଏକ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ସମୟ ପାଖେଇ ଆସୁଥିବାରୁ ଶାସକ ଦଳକୁ କେଉଁସବୁ ପ୍ରସଙ୍ଗରେ ଘେରିହେବ ସେନେଇ ବିଧିବଦ୍ଧ ଭାବେ ଶୁକ୍ରବାର ଭାଜପା ଓ କଂଗ୍ରେସ ରଣନୀତି ଚୂଡ଼ାନ୍ତ କରିବେ। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସରକାରୀ ବାସଭବନରେ ଅପରାହ୍ନ ୧୨ଟା ୩୦ ମିନିଟ୍‌ରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ବିଫଳତା, ଶିକ୍ଷକମାନେ ଦୀର୍ଘଦିନ ଆନ୍ଦୋଳନରେ ବସୁଛନ୍ତି ଏହାର ସମାଧାନ କରିବାରେ ସରକାର ବିଫଳ, ରାଜ୍ୟରେ ସହର ଉନ୍ନତୀକରଣ ବିଭାଗ ମଧ୍ୟ ବିଫଳ ହୋଇଛି। ଭୁବନେଶ୍ୱର, କଟକଠାରୁ ଆରମ୍ଭକରି ସମ୍ବଲପୁର ଆଦି ସହରରେ ଅଳ୍ପ ଟିକେ ବର୍ଷା ହେଲେ ପାଣି ଘରେ ପଶୁଛି। ନବ ଦାସ ହତ୍ୟାକାଣ୍ଡ ଘଟଣାର ଚାର୍ଜସିଟ୍ ପ୍ରସଙ୍ଗ, ଆଇନଶୃଙ୍ଖଳା ପରିସ୍ଥିତି, ଚାଷୀଙ୍କ ସମସ୍ୟା, ରାଜ୍ୟରେ ବଢୁଥିବା ଦୁର୍ନୀତି ଆଦି ଘଟଣାକୁ ନେଇ ଶାସକ ଦଳକୁ ଘେରିବା ଲାଗି ଭାଜପା ଲକ୍ଷ୍ୟ ରଖିଛି ବୋଲି ଜୟନାରାୟଣ କହିଛନ୍ତି।

କଂଗ୍ରେସ କିନ୍ତୁ ଆସନ୍ତା ୨୪ରେ ବିଧାୟକ ଦଳ ବୈଠକ କରିବ ବୋଲି ବିଧାୟକ ସନ୍ତୋଷ ସିଂ ସାଲୁଜା ସୂଚନା ଦେଇଥିଲେ। ହେଲେ ଦଳ ଏହି ଧାର୍ଯ୍ୟ ସମୟକୁ ପରିବର୍ତ୍ତନକରି ଶୁକ୍ରବାର ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ବିଧାନସଭା ଚାମ୍ବରରେ ବିଧାୟକ ଦଳ ବୈଠକ ବସିବ। ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକ ମଧ୍ୟ ଯୋଗଦେବେ। ଶାସକ ଦଳକୁ ଟାର୍ଗେଟ ପାଇଁ ଯାହା ଲକ୍ଷ୍ୟ ରଖାଯାଇଛି, ସେ ସମ୍ପର୍କରେ ବିଧିବଦ୍ଧ ଭାବେ ବିଧାୟକ ଦଳ ବୈଠକରେ ସ୍ଥିର ହେବ। ସାଲୁଜା କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିବିପର୍ଯ୍ୟସ୍ତ। ଚାଷୀଙ୍କ ସମସ୍ୟା ସମାଧାନରେ ସରକାର ସମ୍ପୂର୍ଣ୍ଣ ବିଫଳ। ଶିକ୍ଷା ବ୍ୟବସ୍ଥା ରାଜ୍ୟରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଲାଣି। ସରକାର ୫-ଟି ସ୍କୁଲ ନାଁରେ ହରିଲୁଟ୍ କରିଛନ୍ତି। ନବ ଦାସ ହତ୍ୟାକାଣ୍ଡ ଘଟଣାରେ ପ୍ରକୃତ କାରଣ ଜଣାଇବାରେ ସରକାର ବିଫଳ ହୋଇଛନ୍ତି। ଏହିସବୁ ପ୍ରସଙ୍ଗ ନେଇ ଟାର୍ଗେଟ କରାଯିବ ବୋଲି ସାଲୁଜା କହିଛନ୍ତି।

ଅନ୍ୟପଟେ ଶାସକ ଦଳ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଏଥିରେ ବିରୋଧୀଙ୍କୁ ରୋକିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରଣନୀତି ପ୍ରସ୍ତୁତ କରାଯିବ। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି କହିଛନ୍ତି, ବିରୋଧୀଙ୍କୁ ମୁକାବିଲା ନେଇ ବିଧାୟକ ଦଳ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନିଷ୍ପତ୍ତି ହେବ। ସବୁ ପ୍ରସଙ୍ଗକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ। ବିରୋଧୀ କେତେବେଳେ କିଛି ପ୍ରସଙ୍ଗ ନ ପାଇ ଅଯଥା ଗଣ୍ଡଗୋଳ କରିବାକୁ ଚେଷ୍ଟା କରନ୍ତି। ଆମେ ଚାହୁଁଛୁ ସେମାନେ କିଛି ଯଥାର୍ଥ ପ୍ରସଙ୍ଗ ଗୃହରେ ଉପସ୍ଥାପନା କରନ୍ତୁ, ଶାସକ ଦଳ ତା'ର ଉତ୍ତର ରଖିବ ବୋଲି ପ୍ରଶାନ୍ତ କହିଛନ୍ତି।


## Classified Everyday
0674-2580101, 2549949



REAL ESTATE

**SALE**

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ **30' road, boundary,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। **7894216209.** D-75215


ଝିଅ ବିଭାଘର ପାଇଁ ପୁରୀ-ପିପିଲି-ଜଟଣୀ ରୋଡ୍‌ରେ ୩୦ ଫୁଟ ରୋଡ୍‌ଥାଇ ୫ ଗୁଣ୍ଠ ଜମିକୁ 32,00,000/- ବିକ୍ରି କରିବି - 9853150290. D-75217

1455 sqft. Commercial space on 1st floor at Vivekanand marg road, near Mausima Temple, Bhubaneswar suitable for Banks, Corporate office / Retail outlet, present occupants are ICICI Bank, Ramco Cements, Stock holding Corporation, Medplus, Green trends, call 8598923231/ 9437023231. D-71062

**A plot for commercial (gharabari corner East & North facing to Nakhara Niali NH Road at a very cheapest Price. 7809525452.** D-75041

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Chakeisihani Yellow Zone 2200sqft. @ 1800/- and Satyavihar, 3000sqft. @3200/-. 7008711445, 6372801963. D-1252




To Let 3000 Sft. well furnished RCC Godown, Rudrapur (NH16), Bhubaneswar suitable for electronics Items / Medicini, # 9437762382, 7978162382. D-65934




**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Bodyrelax/Mindfresh massage @800/- by trend therapist. 7008773793. D-75148

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75037

**Newly open SPA positively health benefits with expert therapist. 9938843929.** D-75149

Spa Kerala body Massage only best Therapist @699/- Bhubaneswar. 9337672475. D-1364




All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

**AFFIDAVIT**

By Virtue of an Affidavit before the Notary, Purushottampur, Ganjam. I Dibakar Maharana, S/o- Brundaban Maharana, Village- Achuli, PO/PS. Purushottampur, Dist Ganjam. My Actual name is Dibakar Maharana in my all relevant documents. But in my son Sandip Maharana's relevant documents are wrongly my name mentioned as Dibakara Maharana. I do declare that Sandip Maharana S/o Dibakara Maharana & Dibakar Maharana S/o Brundaban Maharana is one and Same Person for all purposes. D-1366

By virtue of an affidavit sworn in the Court of Executive Magistrate, Bhadrak, I Pramila Rout (40), W/o- Prakash Nayak, changed my name Pramila Rout to Hirarani Nayak. Henceforth I will be known as Hirarani Nayak for all purposes. Hirarani Nayak, Betaligaon, Dhusuri, Bhadrak. D-1367

I Rajani Sethi Alias Jhunurani Sethi (34), W/o- Nandakishore Sethi, Vill- Baro, PS- Tihidi, Dist.- Bhadrak. I have an LIC policy bearing no- 598649682. I declare that Rajani Sethi and Jhunurani Sethi same and one person. D-1368




ଧ-୧୩୭୨

**LOST**

ମୁଁ ଶ୍ରୀଭୀଷ୍ମ ମୁନି, ପିତା: ସାଇବ ମୁନି, ଗ୍ରାମ: ଭଗବତି ପ୍ଲଟ୍, ଥାନା: ସୋନପୁର, ଜିଲ୍ଲା: ସୁବର୍ଣ୍ଣପୁର ଜଣାଉଛି ଯେ ମୋର ସେଲ୍‌ଡିଡ୍ ନଂ.- ୧୧୬୬୧୩୦୧୦୨୦ ବଡ଼ ବଜାର ଏରିଆରେ ହଜି ଯାଇଛି। ଯେ କେହି ସହୃଦୟ ବ୍ୟକ୍ତି ପାଇଥିଲେ ଏହି ମୋବାଇଲ ନଂ.-୯୪୩୮୩୩୭୭୮୯ରେ ଯୋଗାଯୋଗ କରିବାକୁ ଅନୁରୋଧ।

ଧ-୧୩୬୯

# ଶ୍ରେୟସ୍, ସୂର୍ଯ୍ୟଙ୍କ ଉପରେ ନଜର

**ଆଜିଠୁ ଅଷ୍ଟ୍ରେଲିଆ ସିରିଜ୍**

ସ୍ଥାନ: ମୋହାଲି
ମ୍ୟାଚ୍ ସମୟ: ଅପରାହ୍ନ ୧.୩୦
ପ୍ରସାରଣ: ସ୍ପୋର୍ଟ୍ସ ୧୮

ମୋହାଲି,୨୧।୯(ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପର ଅନ୍ତିମ ପ୍ରସ୍ତୁତି ଭାବରେ ଅଷ୍ଟ୍ରେଲିଆ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳିବ ଭାରତ। ଶୁକ୍ରବାର ଠାରୁ ଏହି ସିରିଜ୍ ଆରମ୍ଭ ହେଉଥିବା ବେଳେ ଶ୍ରେୟସ୍ ଆୟର ଓ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଆୟରଙ୍କୁ ନିଜର ଫିଟନେସ୍ ଓ ସୂର୍ଯ୍ୟକୁମାରଙ୍କୁ ଦିନିକିଆରେ ନିଜର ଫର୍ମ ପ୍ରମାଣ କରିବା ପାଇଁ ଏହା ଅନ୍ତିମ ସୁଯୋଗ ରହିବ। ପ୍ରଥମ ଦୁଇ ଦିନିକିଆ ପାଇଁ ରୋହିତ ଶର୍ମା, ବିରାଟ କୋହଲି, କୁଲଦୀପ ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ବେଞ୍ଚଷ୍ଟ୍ରେଙ୍ଥ ପରୀକ୍ଷା ପାଇଁ ଏହା ରାହୁଲ ଦ୍ରାବିଡଙ୍କ ପାଇଁ ଅନ୍ତିମ ସୁଯୋଗ ରହିବ। ମୁମ୍ବାଇର ଦୁଇ ଖେଳାଳି ଆୟର ଓ ସୂର୍ଯ୍ୟକୁମାରଙ୍କ ଖେଳିବା ଶୈଳୀ ଭିନ୍ନ। ଆୟର ୪ ନମ୍ବରରେ ନିଜର ଦକ୍ଷତା ପ୍ରମାଣିତ କରି ସାରିଛନ୍ତି। ତେବେ ଫିଟନେସ ତାଙ୍କ ପାଇଁ ବଡ ସମସ୍ୟା ରହିଛି। ଆୟର ସମ୍ପୂର୍ଣ୍ଣ ଫିଟ୍ ନ ଥିବା ବେଳେ ଅଷ୍ଟ୍ରେଲିଆ ସିରିଜରେ ୧୦୦ ଓଭର ଖେଳିବା ପାଇଁ ପ୍ରସ୍ତୁତ ଥିବେ ବୋଲି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି। ମଧ୍ୟକ୍ରମରେ ଇଶାନ କିଶନ ଚମତ୍କାର ଫର୍ମରେ ରହିଥିଲେ ମଧ୍ୟ ସ୍ପିନ୍ ଖେଳିବାରେ ଆୟରଙ୍କ ଦକ୍ଷତା ଅତ୍ୟନ୍ତ ପ୍ରଭାବୀ। ଅନ୍ୟ ପକ୍ଷରେ ଟି୨୦ରେ ବିଶ୍ୱର ଏକ ନମ୍ବର ବ୍ୟାଟର ରହିଥିବା ସୂର୍ଯ୍ୟକୁମାରଙ୍କ ପାଇଁ ଦିନିକିଆରେ ସମାନ ଫଳାଫଳ ମିଳିନାହିଁ। ୨୭ ଦିନିକିଆ ଖେଳି ସାରିଥିଲେ ମଧ୍ୟ ତାଙ୍କର ଆଭରେଜ ମାତ୍ର ୨୪ ରହିଛି। ଯଦିଓ ବିଶ୍ୱକପରେ ସୂର୍ଯ୍ୟକୁମାରଙ୍କୁ ଆକ୍ସନରେ ଦେଖିବାର ସମ୍ଭାବନା କମ ତେବେ ବ୍ୟାକ ଅପ୍ ଭାବରେ ସେ ଦଳରେ ରହିଥିବାରୁ ତାଙ୍କର ଫର୍ମକୁ ଫେରିବା ଅତ୍ୟନ୍ତ ଆବଶ୍ୟକ। ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ଅଶ୍ୱିନଙ୍କ ପ୍ରଶଂସା କରିଥିଲେ ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍। ଅଶ୍ୱିନଙ୍କ ପରି ଅଭିଜ୍ଞ ଖେଳାଳି ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଭାରତ ପାଇଁ ଶୁଭ ସଙ୍କେତ ବୋଲି କହିଛନ୍ତି ମୁଖ୍ୟ କୋଚ୍।

ସ୍ପିନ୍ ବିଭାଗରେ ଅକ୍ଷର ପଟେଲ ଆହତ ଥିବା ବେଳେ ଭାରତୀୟ ଦଳରେ ସୁଯୋଗ ପାଇଛନ୍ତି ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ଓ ୱାଶିଂଟନ୍ ସୁନ୍ଦର। ୨ ସପ୍ତାହ ତଳେ ଅଶ୍ୱିନ ଭାରତୀୟ ଦଳର ରାଡାରରେ ନ ଥିବା ବେଳେ ଅଚାନକ ତାଙ୍କୁ ଦଳକୁ ଡାକରା ମିଳିଛି। କୁଲଦୀପଙ୍କ ଅନୁପସ୍ଥିତିରେ ଉଭୟ ଅଶ୍ୱିନ ଓ ସୁନ୍ଦରଙ୍କ ପାଖରେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାର ସମାନ ସୁଯୋଗ ରହିଛି। ସେହିପରି ୱାର୍ନର ଓ ସ୍ମିଥ୍ଙ୍କ ବିପକ୍ଷରେ ଅଶ୍ୱିନଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ତେବେ ଯଦି ଅକ୍ଷର ଫିଟ୍ ହୁଅନ୍ତି ତେବେ ଅଶ୍ୱିନଙ୍କ ସମ୍ଭାବନା କମ ରହିବ। ଅକ୍ଷରଙ୍କ ହାର୍ମଷ୍ଟ୍ରିଙ୍ଗରେ ସେକଣ୍ଡ ଗ୍ରେଡ୍ ଟିୟର ରହିଥିବା ବେଳେ ସୁସ୍ଥ ହେବା ପାଇଁ ୨ ସପ୍ତାହ ସମୟ ଲାଗିବ। ରୋହିତଙ୍କ ଅନୁପସ୍ଥିତିରେ ଇଶାନ କିଶନ୍ ଓ ଶୁବମନ ଗିଲ୍ ଓପନ କରିବା ସ୍ପଷ୍ଟ ହୋଇଛି। ତେବେ ପେସ୍ ବୋଲରଙ୍କ ୱାର୍କଲୋଡ ମ୍ୟାନେଜମେଣ୍ଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ଏହାର ଅନ୍ତିମ ସିରିଜ ୨-୩ରେ ପରାଜିତ ହୋଇଥିଲା। ତେବେ ଦଳର କିଛି ଖେଳାଳି ଚମତ୍କାର ଫର୍ମରେ ରହଛନ୍ତି। ଘରୋଇ ପରିବେଶରେ ଭାରତ ଫେଭରିଟ୍ ହୋଇଥିଲେ ହେଁ ଅଷ୍ଟ୍ରେଲିଆ କଡା ଟକ୍କର ଦେବ। ମୋହାଲିର ପିଚ୍ ସାଧାରଣ ଭାବରେ ପେସ୍ ବୋଲିଂକୁ ଅଧିକ ସୁହାଇଥାଏ। ଉଭୟ ଦଳ ଏହାର ଫାଇଦା ନେବାକୁ ପ୍ରୟାସ କରିବେ।



ଗୁରୁବାର ନେଟ୍ସରେ ଅଧିନାୟକ ଲୋକେଶ ରାହୁଲ ଓ କୋଚ୍ ରାହୁଲ ଦ୍ରାବିଡ୍।

# ବିଜୟ ସହ ଓଡ଼ିଶାର ଅଭିଯାନ ଆରମ୍ଭ

**ଜାତୀୟ ଜୁନିୟର ବାଳିକା ଫୁଟବଲ**

ଭୁବନେଶ୍ୱର, ୨୧।୯
(ତପନ ସ୍ୱାଇଁ)

ଏଠାରେ ଚାଲିଥିବା ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ବିଜୟ ସହ ଓଡ଼ିଶା ଅଭିଯାନ ଆରମ୍ଭ କରିଛି। ୟୁନିଟ-୩ସ୍ଥିତ କ୍ୟାପିଟାଲ ଆରେନାରେ ଗୁରୁବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ କେରଳକୁ ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ୯୦ ମିନିଟ ପର୍ଯ୍ୟନ୍ତ ମ୍ୟାଚ ଗୋଲଶୂନ୍ୟ ରହିଥିଲା। ତେବେ ଇଞ୍ଜୁରି ଟାଇମ୍ ୯୦+୩ ମିନିଟରେ ପ୍ରିୟାସା ସରକାର ପେନାଲ୍ଟିରୁ ଏକ ଗୋଲ ଦେଇ ଓଡ଼ିଶାକୁ ବିଜୟୀ କରିଥିଲେ। ଏହି ପଡ଼ିଆରେ ପୂର୍ବାହ୍ନ ୯ଟାରେ ଅନୁଷ୍ଠିତ ହରିୟାଣା-ଦିଲ୍ଲୀ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ହରିୟାଣା ପକ୍ଷରୁ ପ୍ରାଚି ୫ ଓ ୩୪ ଏବଂ ଦିଲ୍ଲୀ ପକ୍ଷରୁ ଭାନି କାଲୁଚା ୬୦ ଓ ୮୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୭ମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟବଲ ଏକାଡେମୀରେ ପୂର୍ବାହ୍ନ ୯ଟାରେ ଅନୁଷ୍ଠିତ ମ୍ୟାଚରେ ମଣିପୁର ୬-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମୋଇବୁଙ୍ଗଖୋଙ୍ଗବାମ୍ ସଞ୍ଜନା ୫୦ ଓ ୬୭ ମିନିଟରେ ୨ଟି ଏବଂ କୁମୁକଚେମ୍ ଭୁମିକା ଦେବୀ ୮, ନାମେରାକପାମ୍ ଆରିନା ଦେବୀ ୧୨, ହେମାମ ଲିନ୍‌ଥୋଇ ଦେବୀ ୨୩ ଓ ନାମରାମ ଲାମଙ୍ଗାବି ଚାନୁ ୯୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ଗ୍ରାଉଣ୍ଡରେ ଅପରାହ୍ନ ୩ଟାରେ ଆୟୋଜିତ ମ୍ୟାଚରେ ଗୁଜରାଟ ୨-୦ ଗୋଲରେ ଅରୁଣାଚଳ ପ୍ରଦେଶକୁ ହରାଇ ଦେଇଛି। ଗୁଜରାଟର ଦିବ୍ୟା ଦରୋଡ୍ରା ୧୧ ଓ ଗୁଡିବେନ ପିଞ୍ଜୁ ଗୁଣ୍ଡିଆ ୧୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।



ଓଡ଼ିଶା ଓ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଅଲ୍ ଓଡ଼ିଶା ଓପନ ଚେସ୍ ୨୪ରେ

**ଭୁବନେଶ୍ୱର, ୨୧।୯ (ତପନ ସ୍ୱାଇଁ):** ସ୍ୱୟଂଶ୍ରୀ ଆକ୍ଟିଭିଟି ହବ୍ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଓପନ ସ୍କୁଲ ଚେସ୍ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ମୋଟ ୧୩,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଚାମ୍ପିୟନ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୫,୦୦୦, ରନର ଅପ୍‌କୁ ୩୦୦୦ ଟଙ୍କା ପ୍ରଦାନ କରାଯିବ। ଅଂଶଗ୍ରହଣ ପାଇଁ ଇଚ୍ଛୁକ ପ୍ରତିଯୋଗୀଙ୍କୁ ୫୦୦ ଟଙ୍କା ଏଣ୍ଟ୍ରିଫି ଦେଇ ନାମ ପଞ୍ଜୀକରଣ କରିବାକୁ ହେବ। ୨୩ ତାରିଖ ରାତି ସୁଦ୍ଧା ପ୍ରତିଯୋଗୀମାନେ ନିଜ ନାମ ପଞ୍ଜୀକରଣ କରିପାରିବେ। ଟପ୍-୧୦ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ବ୍ୟତୀତ ୬୦ ଜଣଙ୍କୁ ଟ୍ରଫି ଦେଇ ସମ୍ମାନିତ କରାଯିବ। ମୁଖ୍ୟ ପୁରସ୍କାର ବ୍ୟତୀତ ୫ରୁ ୧୩ ବର୍ଷ ବୟସ ବର୍ଗର ୩ ଜଣ ଲେଖାଏ ବାଳିକା ଓ ବାଳକଙ୍କୁ ଏବଂ ୧୨ ଓ ୧୩ ବର୍ଷରୁ କମ୍ ବର୍ଗରେ ଜଣେ ଲେଖାଏ ଶ୍ରେଷ୍ଠ ବାଳିକା ଓ ବାଳକ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯିବ। ୧୫ ବର୍ଷରୁ କମ୍ ଖେଳାଳି ଏଥିରେ ଅଂଶଗ୍ରହଣ କରିପାରିବେ ବୋଲି ଆୟୋଜକ ସ୍ୱୟଂଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।



୩୫ ତମ ଜାତୀୟ ସବ୍ ଜୁନିୟର ମହିଳା ଡବଲ୍ସରେ ବ୍ରୋଞ୍ଜ ପଦକ ବିଜୟିନୀ ଓଡ଼ିଶାର ପ୍ରଗତି ପରିଡା(ବାମ) ଓ ବିଶାଖା ଟପ୍ପୋ ଟ୍ରଫି ସହ। ମିକ୍ସଡ ଡବଲ୍ସରେ ମଧ୍ୟ ପ୍ରଗତି ଓ ଭାର୍ଗବ ରାମ ସ୍ୱର୍ଣ୍ଣ ପଦକ ଜିତିଥିଲେ।

**୧୯ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍**

## ବାଂଲାଦେଶକୁ ୩-୦ରେ ହରାଇଲା ଭାରତ

କାଠମାଣ୍ଡୁ, ୨୧।୯(ପି.ଟି.)

ସ୍ଥାନୀୟ ଦଶରଥ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ୧୯ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ର ଏକ ମ୍ୟାଚରେ ଭାରତ ୩-୦ ଗୋଲ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଦଳ ପକ୍ଷରୁ ଗଗମ୍‌ସାର୍ ଗୋୟାରି, ନାଓବା ମେଇତି ପଙ୍ଗାମଗାମ୍ ଓ ଅର୍ଜୁନ ସିଂ ଓଇନାମ ପ୍ରମୁଖ ଗୋଲ୍ ସ୍କୋର କରିଥିଲେ। ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବାକୁ ଲକ୍ଷ୍ୟରେ ଥିବା ଭାରତ ଏହାର ପରବର୍ତ୍ତୀ ଗ୍ରୁପ୍ 'ବି' ମ୍ୟାଚ ସେପ୍ଟେମ୍ବର ୨୫ରେ ଖେଳିବ। ଗ୍ରୁପ୍ 'ଏ'ରେ ଆୟୋଜକ ନେପାଳ, ମାଳଦ୍ୱୀପ ଓ ପାକିସ୍ତାନ ରହିଛନ୍ତି। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଭାରତୀୟ ଦଳ ୨ବର୍ଷ ପରେ ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳୁଛି।


ଜଗତପୁରର ଭାରତୀୟ କ୍ରୀଡ଼ା ପ୍ରାଧିକରଣ ପରିସରରେ ଓଡ଼ିଶା କାୟାକିଂ ଓ କାନୋଇଂ ଆସୋସିଏଶନ ଯୁଗ୍ମ ସମ୍ପାଦକ ବିମଳ କୁମାର ଦାଶ ୱାଟର ସ୍ପୋର୍ଟ୍ସର ଜାତୀୟ ପଦକଧାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ନିରପେକ୍ଷ ଭେନ୍ୟୁରେ ଖେଳିବାକୁ ରାଜି ହେବନି ପାକିସ୍ତାନ

ନୂଆଦିଲ୍ଲୀ,୨୧।୯(ପି.ଟି.)

ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ ଅଫ୍ ହୋଇଥିବା ଡ୍ର' ଅନୁସାରେ ଏକ ମୁକାବିଲାରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। କିନ୍ତୁ ଏଥର ମ୍ୟାଚ ନିଜ ଦେଶରୁ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର କରାଗଲେ ସେମାନେ ଖେଳିବେ ନାହିଁ ବୋଲି ପାକିସ୍ତାନ ଟେନିସ ମହାସଂଘ (ପିଟିଏଫ୍) ଗୁରୁବାର ସ୍ପଷ୍ଟ କରିଦେଇଛି। ପୂର୍ବରୁ ୨୦୧୯ରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିଥିଲେ। ସୁରକ୍ଷାଜନିତ କାରଣରୁ ଏହି ଏସିଆନ/ଓସିନିଆ ଗ୍ରୁପ୍ -୧ ମୁକାବିଲା ଏକ ନିରପେକ୍ଷ ଭେନ୍ୟୁ କାଜାଖସ୍ତାନକୁ ସ୍ଥାନାନ୍ତର ହୋଇଥିଲା। ଏହାର ପ୍ରତିବାଦ ସ୍ୱରୂପ ପାକିସ୍ତାନର ଟପ୍ ଖେଳାଳି ଆଇସାମ-ଉଲ-ହକ୍ କୁରେଶୀ ଓ ଅକିଲ ଖାନ୍ ଖେଳିବାକୁ ରାଜି ହୋଇ ନ ଥିଲେ। ତାଙ୍କ ସ୍ଥାନରେ ମହମ୍ମଦ ଶୋଏବ୍, ହୁଜାଇଫା ଅବ୍‌ଦୁଲ ରେହମାନ ଓ ୟୁସୁଫ୍ ଖଲିଲ ଖେଳିଥିଲେ। ସେତେବେଳେ ଦୁର୍ବଳ ପାକିସ୍ତାନ ବିପକ୍ଷରେ ଭାରତ ୪-୦ରେ ବିଜୟ ଲାଭ କରିଥିଲା। ୨୦୧୯ରେ ନିରପେକ୍ଷ ଭେନ୍ୟୁକୁ ମ୍ୟାଚ ସ୍ଥାନାନ୍ତର କରିବାରେ ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ରାଜି କରାଇବା ଲାଗି ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା) ପାଇଁ ସହଜ ନ ଥିଲା। ପାକିସ୍ତାନର ଭେଟେରାନ ଖେଳାଳି ଅକିଲ ଖାନ୍ କହିଛନ୍ତି, ଭାରତୀୟ ଦଳ ସେମାନଙ୍କ ଦେଶରେ ଖେଳିବା ଲାଗି ଆସିବ ବୋଲି ସେମାନେ ଆଶା କରୁଛନ୍ତି। ପାକିସ୍ତାନ ଗତ ସପ୍ତାହରେ ଇଣ୍ଡୋନେସିଆ ବିପକ୍ଷ ୱାର୍ଲ୍ଡ ଗ୍ରୁପ୍-୨ ମୁକାବିଲାର ଆୟୋଜନ କରିଥିଲା। ଏହା ଇସ୍‌ଲାମାବାଦର ଗ୍ରାସ୍ କୋର୍ଟରେ ଖେଳାଯାଇଥିଲା। ୪୩ ବର୍ଷୀୟ ଅକିଲ ଏଥିରେ ଗୋଟିଏ ସିଙ୍ଗଲ୍ସ ଓ ଡବଲ୍ସ ରବର ଜିତିଥିଲେ।

## ଯାଜପୁର, ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ଫାଇନାଲରେ

**ସବ୍‌ଜୁନିୟର ବାଳିକା ହକି**

ଭୁବନେଶ୍ୱର,୨୧।୯
(ସରୋଜ ଜେନା)

ହକି ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସବ୍‌ଜୁନିୟର ବାଳିକା ହକି ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ସୁନ୍ଦରଗଡ ସ୍ପୋର୍ଟ୍ସ ହଷ୍ଟେଲ ଓ ଯାଜପୁର। ଶୁକ୍ରବାର କ୍ରୀଡା ଓ ଯୁବ ସେବା ବ୍ୟାପାର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଥମ ସେମିଫାଇନାଲକୁ ସୁନ୍ଦରଗଡ ସ୍ପୋର୍ଟ୍ସ ହଷ୍ଟେଲ ୩-୨ର ପେନାଲ୍ଟି ଶୁଟଆଉଟରେ ସୁନ୍ଦରଗଡକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ରେ ରହିଥିଲା। ଦ୍ୱିତୀୟ ସେମିଫାଇନାଲରେ ଯାଜପୁର ୩-୧ ଗୋଲରେ ଖୋର୍ଦ୍ଧାକୁ ପରାସ୍ତ କରିଥିଲା।


ସେମିଫାଇନାଲ ମ୍ୟାଚ୍ ପୂର୍ବରୁ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ମୁଖ୍ୟ ଅତିଥି ଶୈଳେନ୍ଦ୍ର କୁମାର ଜେନା।

## ୨୦୦୩: ଅଷ୍ଟ୍ରେଲିଆକୁ କ୍ରମାଗତ ଟାଇଟଲ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ଅଷ୍ଟମ ସଂସ୍କରଣ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ କେନିଆ ମିଳିତ ଭାବରେ ଆୟୋଜନ କରିଥିଲେ। ଏହି ବିଶ୍ୱକପ୍‌କୁ ଜିତିବା ସହିତ ବିଶ୍ୱ କ୍ରିକେଟରେ ଏକ ମହାଶକ୍ତି ଭାବରେ ଉଭା ହୋଇଥିଲା ଅଷ୍ଟ୍ରେଲିଆ। ୧୯୯୯ରେ ଷ୍ଟିଭ୍ ୱାଙ୍ଗ ନେତୃତ୍ୱରେ ଚାମ୍ପିୟନ ଅଷ୍ଟ୍ରେଲିଆ ୨୦୦୩ରେ ରିକି ପଣ୍ଟିଂଙ୍କ ନେତୃତ୍ୱରେ ହାସଲ କରିଥିଲା କ୍ରମାଗତ ଦ୍ୱିତୀୟ ଟାଇଟଲ୍। ଏହି ବିଶ୍ୱକପ୍‌ଟି ଏକାଧିକ କାରଣ ପାଇଁ ଚର୍ଚ୍ଚାରେ ରହିଥିଲା। ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ପରି ଶକ୍ତିଶାଳୀ ଦଳ ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ଜିମ୍ବାୱେ ଓ କେନିଆରେ ହିଂସା ଚାଲିଥିବା କାରଣରୁ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ପରି ଦେଶ ମ୍ୟାଚ୍ ନ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏହା ସହିତ କିମ୍ବଦନ୍ତୀ ଲେଗ୍ ସ୍ପିନର ସେନ୍ ୱର୍ନଙ୍କୁ ନିଷିଦ୍ଧ ଡ୍ରଗ୍ସ ସେବନ କାରଣରୁ ଅଷ୍ଟ୍ରେଲିଆ ଫେରିବାକୁ ପଡିଥିଲା। ପାକିସ୍ତାନର ସ୍ପିଡ୍‌ଷ୍ଟର ଶୋଏବ ଅଖତର ୧୬୧.୩ କି.ମି. ବେଗରେ ବୋଲିଂ କରିବା ସହିତ ରେକର୍ଡ ମଧ୍ୟ କରିଥିଲେ। ଅଷ୍ଟମ ସଂସ୍କରଣର ବିଶ୍ୱକପ୍‌ରେ ୧୪ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ୫୪ ମ୍ୟାଚ୍ ଖେଳା ଯାଇଥିଲା। ୧୦ ଟେଷ୍ଟ ଖେଳୁଥିବା ରାଷ୍ଟ୍ର ସହିତ ୪ ସହଯୋଗୀ ରାଷ୍ଟ୍ର ଭାବେ କେନିଆ, କାନାଡା, ନାମିବ୍ୟା ଓ ନେଦରଲାଣ୍ଡ୍ସ ଅଂଶଗ୍ରହଣ କରିଥିଲେ। ୫୪ ମ୍ୟାଚ୍ ମଧ୍ୟରୁ ୪୬ଟି ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ବେଳେ ଜିମ୍ବାୱେରେ ୬ ଓ କେନିଆରେ ୨ ମ୍ୟାଚ୍ ଖେଳାଯାଇଥିଲା। ରିକି ପଣ୍ଟିଂଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟରେ ଅପରାଜେୟ ରହିବା ସହିତ ଭାରତକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଭାରତୀୟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ୬୭୩ ରନ୍ ସହିତ ଟୁର୍ନାମେଣ୍ଟର ହାଇଏଷ୍ଟ ସ୍କୋରର ସହିତ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

ପୁଲ୍ ଏ'ରୁ ଅଷ୍ଟ୍ରେଲିଆ, ଭାରତ, ଜିମ୍ବାୱେ ଓ ପୁଲ୍ ବି'ରୁ ଶ୍ରୀଲଙ୍କା, କେନିଆ ଓ ନ୍ୟୁଜିଲାଣ୍ଡ ସୁପରସିକ୍ସକୁ ଉନ୍ନୀତ ହୋଇଥିଲେ। ଜିମ୍ବାୱେରେ ମ୍ୟାଚ୍ ଖେଳିବାକୁ ମନା କରିଥିଲା ନ୍ୟୁଜିଲାଣ୍ଡ। ଇଂଲଣ୍ଡ ସମାନ ଢଙ୍ଗରେ କେନିଆରେ ଖେଳିବାକୁ ମନାକରି ଦେଇଥିଲା। ଫଳରେ ଉଭୟ ଜିମ୍ବାୱେ ଓ କେନିଆ ସୁପରସିକ୍ସକୁ ଉନ୍ନୀତ ହୋଇଥିଲେ। ଏପରିକି ସୁପରସିକ୍ସକୁ ଉନ୍ନୀତ ହୋଇଥିବା ନ୍ୟୁଜିଲାଣ୍ଡ ସମାନ କାରଣ ଦର୍ଶାଇ କେନିଆ ବିପକ୍ଷରେ ନ ଖେଳିବାରୁ ସେମିଫାଇନାଲରେ ପ୍ରବେଶ କରିଥିଲା କେନିଆ। ପ୍ରଥମ ସହଯୋଗୀ ରାଷ୍ଟ୍ର ଭାବରେ କେନିଆ ବିଶ୍ୱକପ୍ ସେମିରେ ପ୍ରବେଶ କରି ଇତିହାସ ରଚିଥିଲା।

ସୁପରସିକ୍ସରେ ଅଷ୍ଟ୍ରେଲିଆ ସମସ୍ତ ମ୍ୟାଚରେ ବିଜୟୀ ହୋଇ ସେମିକୁ ଯାଇଥିବା ବେଳେ ଭାରତ ୪ ମ୍ୟାଚରେ ବିଜୟୀ ହୋଇଥିଲା। ସେମିଫାଇନାଲ ମ୍ୟାଚରେ ଶ୍ରୀଲଙ୍କାକୁ ୪୮ ରନ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା ଅଷ୍ଟ୍ରେଲିଆ। ଅନ୍ୟପକ୍ଷରେ ସୌରଭ ଗାଙ୍ଗୁଲିଙ୍କ ଶତକ ବଳରେ କେନିଆକୁ ୯୧ ରନ୍‌ରେ ହରାଇଥିଲା ଭାରତ। ଫାଇନାଲ ମ୍ୟାଚରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଭାରତକୁ ଏକପାଖିଆ ଭାବେ ୧୨୫ରନରେ ପରାସ୍ତ କରିଥିଲା ଅଷ୍ଟ୍ରେଲିଆ। କ୍ରମାଗତ ଭାବରେ ଏହା ଅଷ୍ଟ୍ରେଲିଆର ଦ୍ୱିତୀୟ ତଥା ମୋଟ ଉପରେ ତୃତୀୟ ଟାଇଟଲ ରହିଥିଲା। ଫାଇନାଲରେ ଅପରାଜିତ ୧୪୦ ରନ୍‌ର ଇନିଂସ ଖେଳିଥିବା ରିକି ପଣ୍ଟିଂ ପ୍ଲେୟର ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। କ୍ଲାଇଭ୍ ଲଏଡ୍‌ଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ସେ ବିଶ୍ୱକପ୍ ଫାଇନାଲରେ ଶତକ ହାସଲ କରିବା ସହ ପ୍ଲେୟର ଅଫ୍ ଦ ମ୍ୟାଚ୍ ହେବାର ରେକର୍ଡ କରିଥିଲେ।

**ଦିନିକିଆ ବିଶ୍ୱକପ**
ICC MEN'S CRICKET WORLD CUP INDIA 2023
**ଆଉ ୧୩ ଦିନ**



ଟ୍ରଫି ସହ ରିକି ପଣ୍ଟିଂ।

# ପୁଣି ଖଟିଆରେ ବୁହାହେଲେ ଗର୍ଭବତୀ



ଲୋକେ ଖଟିଆରେ ଗର୍ଭବତୀଙ୍କୁ ବୋହି ନେଉଛନ୍ତି।

**ତେଲକୋଇ,୨୧।୯(ରଞ୍ଜିତ ବିଶ୍ୱାଳ)**

ଗାଁକୁ ରାସ୍ତା ନ ଥିବାରୁ ପହଞ୍ଚିପାରିଲାନି ଆମ୍ବୁଲାନ୍ସ। ଫଳରେ ଖଟିଆରେ ବୁହାହୋଇ ୧ କିଲୋମିଟର ଗଲେ ଗର୍ଭବତୀ। ଏଭଳି ଘଟଣା ସାମ୍ନାକୁ ଆସିଛି କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ ତାଳପଦା ପଞ୍ଚାୟତ ଅଧୀନ ଗୁରୁମ ଚାନ୍ଦପଶି ମୁଣ୍ଡାସାହିରୁ। ଘଟଣା ଅନୁଯାୟୀ, ଗ୍ରାମର ଧୁବେଇ ମୁଣ୍ଡାଙ୍କ ସ୍ତ୍ରୀ ମାମି ମୁଣ୍ଡା (୨୩)ଙ୍କ ଗର୍ଭଯନ୍ତ୍ରଣା ଆରମ୍ଭ ହେବାରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ଆମ୍ବୁଲାନ୍ସ ଆସି ତାଳପଦା ହାଇସ୍କୁଲ ନିକଟରେ ଅଟକିଥିଲା। କାଦୁଅ ରାସ୍ତା ଯୋଗୁ ଗାଁକୁ ଆସିବାକୁ ଡ୍ରାଇଭର ମନା କରିଥିଲେ। ଫଳରେ ବାଧ ହୋଇ ଧୁବେଇ ଗାଁ ଲୋକଙ୍କ ସହାୟତାରେ ସ୍ତ୍ରୀଙ୍କୁ ଖଟିଆରେ କାନ୍ଧେଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇବା ପରେ ତାଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ବେଳେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବା ଜଣାପଡ଼ିଛି। ପୂର୍ବରୁ ମଧ ତେଲକୋଇ ଅଞ୍ଚଳରେ ଏଭଳି ଜନନୀ ଯନ୍ତ୍ରଣା ସମ୍ପର୍କିତ ଖବର ପ୍ରକାଶ ପାଇଥିବା ବେଳେ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି।

# ଖାଦ୍ୟ ବିଷକ୍ରିୟା ଯୋଗୁ ପରିବାରର ୧୧ ଅସୁସ୍ଥ

**ହାଟଡ଼ିହୀ,୨୧।୯**
**(ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଆଇତିପୁର ପଞ୍ଚାୟତ ଅମୃତପୁର ଗ୍ରାମରେ ଖାଦ୍ୟ ବିଷକ୍ରିୟା ଯୋଗୁ ଏକ ପରିବାରର ୧୧ ଜଣ ଅସୁସ୍ଥ ହୋଇଛନ୍ତି। ଅସୁସ୍ଥଙ୍କ ମଧ୍ୟରେ ୩ ମହିଳା, ୨ ପୁରୁଷଙ୍କ ସମେତ ୬ ଛୋଟ ପିଲା ଅଛନ୍ତି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ସମସ୍ତଙ୍କ ଚିକିତ୍ସା ଜାରି ରହିଛି। ସୂଚନା ଅନୁଯାୟୀ, ଗ୍ରାମର ଅନନ୍ତ ନାରାୟଣ ଦାଶଙ୍କ ପରିବାର ଗତ ବୁଧବାର ନିକଟସ୍ଥ ଗେଡ଼ମା ଛକରୁ କୁକୁଡ଼ା ମାଂସ କିଣି ଆଣିଥିଲେ। ମାଂସ ରୋଷେଇକରି ଭାତ ସହ ଖାଇବା ପରେ ପରିବାର ଲୋକଙ୍କର ଝାଡ଼ା, ବାନ୍ତି ହେବା ସହ ମୁଣ୍ଡ ବୁଲାଇଥିଲା। ଚିକିତ୍ସା ପାଇଁ ସମସ୍ତେ ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ଖାଦ୍ୟରେ କୌଣସି ବିଷାକ୍ତ କୀଟ ପଡ଼ିଯାଇଥିବା କୁହାଯାଉଥିବା ବେଳେ ମଲା କୁକୁଡ଼ା ମାଂସକୁ ଦୋକାନୀ ବିକିଥିଲେ। ବାସିମାଂସ ଖାଇ ଏପରି ଅଘଟଣ ଘଟିଥିବା ସମ୍ପର୍କୀୟ ଅଭିଯୋଗ କରିଛନ୍ତି।

## ଗଣେଶ ପୂଜା ଭୋଗ ଖାଇ ଅସୁସ୍ଥ ହେବା ଘଟଣା

# ପୁଣି ୧୮ ଡାକ୍ତରଖାନାରେ ଭର୍ତ୍ତି

**ବାହାନଗା, ୨୧।୯(ଅରୂପ କୁମାର ଦାସ)**

ବାହାନଗା ବ୍ଲକ ପଣପଣା ପଞ୍ଚାୟତ ସରସତିଆ ଗ୍ରାମ ଜେନାସାହିରେ ଗଣେଶ ପୂଜା ଭୋଗ ଖାଇ ୫୦ରୁ ଅଧିକ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କ ମଧ୍ୟରୁ ୬ଜଣ ଭଲ ହୋଇ ଘରକୁ ଆସିଥିଲେ। ଗୁରୁବାର ଆଉ ୧୮ଜଣ ଆକ୍ରାନ୍ତ ହୋଇ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ମାଳତୀ ଯେନା, ବର୍ଷା ଯେନା, ବିକର୍ତ୍ତନ ଯେନା, ବାସନ୍ତୀ ଯେନା, ନିବେଦିତା ଯେନା, ରଂଜିତା ଯେନା, ତପନ ଯେନା, ଗୀତାରାଣୀ ଯେନା, ଅଞ୍ଜନା ଯେନା, ଶାନ୍ତିଲତା ଯେନା, କଳିଙ୍ଗ ଯେନା, ବର୍ଷା ଯେନା, ହିମାଂଶୁ ଯେନା, ସୁନାଲି ଯେନା, ଅନୁସୂୟା ଯେନା। ଏମାନଙ୍କ ସହ ଆଉ ୩ଜଣ ଛୋଟପିଲା ଅଛନ୍ତି। ଗୋପାଳପୁର ଓ ଖନ୍ତାପଡା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଧୀରେଶ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହିତ ଜିଲା ଡାକ୍ତରୀ ଦଳର ଦୁଇଟି ଟିମ୍ ଆସି ସେହି ଗ୍ରାମରେ ଆକ୍ରାନ୍ତଙ୍କ ଘରେ ବୁଲିବା ସହିତ ଔଷଧ ବଣ୍ଟନ କରିଥିଲେ।

ମଙ୍ଗଳବାର ସରସତିଆ ଗ୍ରାମର ୧୫ନମ୍ବର ୱାର୍ଡ ଜେନାସାହିରେ ଗଣେଶ ପୂଜା କରାଯାଇଥିଲା। ପୂଜା ଭୋଗ ଖାଇ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସହିତ ୩ଜଣ ଛୋଟ ପିଲା ଗୁରୁତର ଅବସ୍ଥାରେ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆକ୍ରାନ୍ତମାନଙ୍କୁ ବିଜେଡି ନେତା ସନ୍ତୋଷ ଖଟୁଆ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, କଂଗ୍ରେସର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଭେଟିଥିଲେ। ଗୋପାଳପୁର ଓ ଖନ୍ତାପଡା ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ଧୀରେଶ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଗତକାଲି ଲେକମାନଙ୍କୁ ଯେଉଁ ଔଷଧ ବିତରଣ କରାଯାଇଥିଲା ତାହା ସେମାନେ ନ ଖାଇ ପାଖରେ ରଖିଥିଲେ। ଯେଉଁ ମାନେ ଔଷଧ ଖାଇଥିଲେ ସେମାନେ ସୁସ୍ଥ ଥିବା ଜଣାପଡିଛି।

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ହେଉ ସୁଖର ଦିନା ମା' ଭୈରବୀ ମୋର ପଶ୍ଚିମ ଓଡ଼ିଶାବାସୀ ଓ ବୌଦ୍ଧବାସୀଙ୍କୁ ସୁଖରେ ରଖନ୍ତୁ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ଆଉ ସମସ୍ତଙ୍କୁ ମୋର ନୂଆଁଖାଇ ଜୁହାର୍।
ସୁବୋଧ କୁମାର ପ୍ରଧାନ
କାର୍ଯ୍ୟକାରୀ ସଭାପତି, ବିଜୁ ଜନତା ଦଳ ବୌଦ୍ଧ ତଥା ଏକ୍ସପର୍ଟ ସଦସ୍ୟ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ଓଡ଼ିଶା

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ନର୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀ, ଗୁରୁଜନ ତଥା କର୍ଲାମୁଣ୍ଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର୍ ସହିତ ଅନେକ ଅନେକ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ମହେନ୍ଦ୍ର ରଣା
କର୍ଲାମୁଣ୍ଡା କ ଜୋନ୍ ଜିଲା ପରିଷଦ ସଭ୍ୟ ତଥା ବିଜେଡି ଯୁବ ନେତା, କଳାହାଣ୍ଡି ଜିଲା

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ନର୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀ, ଗୁରୁଜନ ତଥା କର୍ଲାମୁଣ୍ଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର୍ ସହିତ ଅନେକ ଅନେକ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ସଙ୍ଗୀତ ଭୋଇ
କର୍ଲାମୁଣ୍ଡା ବ୍ଲକ ଯୁବ ବିଜେଡି ସଭାପତି

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ହେଉ ସୁଖର ଦିନା ମା' ଭୈରବୀ ମୋର ଜିଲାବାସୀଙ୍କୁ ସୁଖରେ ରଖନ୍ତୁ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ଆଉ ସମସ୍ତଙ୍କୁ ମୋର ନୂଆଁଖାଇ ଜୁହାର୍।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ସ୍ନେହଲତା ପ୍ରଧାନ
ଅଧକ୍ଷା, ପଞ୍ଚାୟତ ସମିତି, ହରଭଙ୍ଗା
ସରୋଜ କୁମାର ପ୍ରଧାନ
ଉପାଧକ୍ଷ, ପଞ୍ଚାୟତ ସମିତି, ହରଭଙ୍ଗା, ବୌଦ୍ଧ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ହେଉ ସୁଖର ଦିନା ମା' ଭୈରବୀ ମୋର ଜିଲାବାସୀଙ୍କୁ ସୁଖରେ ରଖିବା ସହ ଛତରଙ୍ଗ ପଞ୍ଚାୟତବାସୀଙ୍କୁ ସୁଖରେ ରଖନ୍ତୁ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ଆଉ ସମସ୍ତଙ୍କୁ ମୋର ନୂଆଁଖାଇ ଜୁହାର୍।
ବୁଦ୍ଧି ସାଗର ମିଶ୍ର
ମା' ଭବାନୀ ଷ୍ଟୋନ୍ କ୍ରସର
ଖରଭୂଇଁ, ହରଭଙ୍ଗା, ବୌଦ୍ଧ

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ନର୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀ, ଗୁରୁଜନ ତଥା କର୍ଲାମୁଣ୍ଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର୍ ସହିତ ଅନେକ ଅନେକ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ଶ୍ରୀମତୀ କୁନି ସାହୁ
ବ୍ଲକ ଅଧକ୍ଷା, ପଞ୍ଚାୟତ ସମିତି କର୍ଲାମୁଣ୍ଡା, କଳାହାଣ୍ଡି ଜିଲା

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ହେଉ ସୁଖର ଦିନା ମା' ଭୈରବୀ ମୋର ଜିଲାବାସୀଙ୍କୁ ସୁଖରେ ରଖନ୍ତୁ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ଆଉ ସମସ୍ତଙ୍କୁ ମୋର ନୂଆଁଖାଇ ଜୁହାର୍।
ବିକାଶ କୁମାର ଅଗ୍ରୱାଲା
ମା' ଭୈରବୀ ଷ୍ଟୋନ୍ କ୍ରସର
ଖରଭୂଇଁ, ହରଭଙ୍ଗା, ବୌଦ୍ଧ

Best Compliments For Nuakhai
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
SWOSTI POWERCON
PROJECT MANAGEMENT,PROCUREMENT AND CONSTRUCTION COMPANY
Govt. Electrical Contractor
Mob: +91-9438408911, Email: admin@swostipowercon.com

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ବୋରପଦର ଗ୍ରାମ ପଞ୍ଚାୟତର ସମସ୍ତ ଭାଇ ଭଉଣୀ, ଗୁରୁଜନ ତଥା କର୍ଲାମୁଣ୍ଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର୍ ସହିତ ଅନେକ ଅନେକ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ସୁବାଷ ସାହୁ
ସରପଞ୍ଚ, ବୋରପଦର ଗ୍ରାମ ପଞ୍ଚାୟତ
କର୍ଲାମୁଣ୍ଡା ବ୍ଲକ, କଳାହାଣ୍ଡି ଜିଲା

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ନର୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀ, ଗୁରୁଜନ ତଥା କର୍ଲାମୁଣ୍ଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର୍ ସହିତ ଅନେକ ଅନେକ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ସୁରେଶ ଚୌଧୁରୀ
କର୍ଲାମୁଣ୍ଡା ଖ ଜୋନ୍ ଜିଲା ପରିଷଦ ସଭ୍ୟ ତଥା
କର୍ଲାମୁଣ୍ଡା ବ୍ଲକ କଂଗ୍ରେସ ସଭାପତି, କଳାହାଣ୍ଡି ଜିଲା

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ତିହାର ସମସ୍ତଙ୍କ ମନରେ ଭରିଦେଉ ସୁଖ, ସମୃଦ୍ଧି ମା' ଭୈରବୀ ସମସ୍ତଙ୍କୁ ସୁଖରେ ରଖିବା ସହ ମୋର ଜିଲାବାସୀ ତଥା ହରଭଙ୍ଗା ବ୍ଲକର ଭାଇଭଉଣୀମାନଙ୍କୁ ନୂଆଁଖାଇ ଜୁହାର୍।
ପ୍ରଶାନ୍ତ କୁମାର ମହାକୁଡ଼
ମା' ଭୈରବୀ ଫ୍ଲାଏ ଆଶ୍ ଇଟା ଇଣ୍ଡଷ୍ଟ୍ରିଜ୍,
ଛତରଙ୍ଗ, ବୌଦ୍ଧ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମସ୍ତଙ୍କ ପାଇଁ ହେଉ ସୁଖର ଦିନ, ମା' ଭୈରବୀ ମୋର ଜିଲାବାସୀଙ୍କୁ ସୁଖରେ ରଖିବା ସହ ଛତରଙ୍ଗ ପଞ୍ଚାୟତବାସୀଙ୍କୁ ସୁଖରେ ରଖନ୍ତୁ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ଆଉ ସମସ୍ତଙ୍କୁ ମୋର ନୂଆଁଖାଇ ଜୁହାର୍।
ପୀତବାସ ପ୍ରଧାନ
ସମାଜସେବୀ (ପୂର୍ବତନ ସମିତିସଭ୍ୟ, ଛତରଙ୍ଗ ଗ୍ରାମ ପଞ୍ଚାୟତ), ଛତରଙ୍ଗ, ବୌଦ୍ଧ

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ନର୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀ, ଗୁରୁଜନ ତଥା କର୍ଲାମୁଣ୍ଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର୍ ସହିତ ଅନେକ ଅନେକ ଅଭିନନ୍ଦନ।
ସମସ୍ତଙ୍କୁ ନୂଆଁଖାଇ ଜୁହାର୍
ନନ୍ଦିକିଶୋର ଭୋଇ
ଜିଲା ଯୁବ ବିଜେଡି ସମ୍ପାଦକ ତଥା
ଆଦିବାସୀ ଯୁବନେତା, କର୍ଲାମୁଣ୍ଡା ବ୍ଲକ, କଳାହାଣ୍ଡି ଜିଲା

# ପାରାଦୀପରେ ୨ ଦିନିଆ ମିଳିତ ସମରାଭ୍ୟାସ

ପାରାଦୀପ,୨୧ା୯ (ଶରତ ରାଉତ)



ଉପକୂଳକୁ ସୁରକ୍ଷା ଦେବା ଲାଗି ପାରାଦୀପ ସମୁଦ୍ରରେ ଚାଲିଥିବା ମିଳିତ ସମରାଭ୍ୟାସ।

ଓଡ଼ିଶାର ୪୮୨ କିମି ପୂର୍ବ ଉପକୂଳରେ ଗୁରୁବାରଠାରୁ ଆରମ୍ଭ ହୋଇଛି ମିଳିତ ସମରାଭ୍ୟାସ। ଚଳିତଥର ଓଡ଼ିଶା ଓ ପଶ୍ଚିମବଙ୍ଗର ସୁରକ୍ଷା ଏଜେନ୍ସିଗୁଡ଼ିକ ମିଳିତ ଭାବେ ଏହି ସମରାଭ୍ୟାସ କରୁଛନ୍ତି। ଏହାର ସରକାରୀ ନାମ ସାଗର କବଚ-୨ ରହିଛି। ଏଥିରେ ନୌସେନା, କୋଷ୍ଟଗାର୍ଡ, ଓଡ଼ିଶା ପୋଲିସ, ମେରାଇନ ପୋଲିସ, ମତ୍ସ୍ୟ ବିଭାଗ, ବନ ବିଭାଗ, ଇମିଗ୍ରେସନ, ସିଆଇଏସ୍ଏଫ୍, କଷ୍ଟମ୍ସ, ପାରାଦୀପ ବନ୍ଦର ସମେତ ଅନ୍ୟ ସୁରକ୍ଷା ଏଜେନ୍ସି ସାମିଲ ହୋଇଛନ୍ତି। ଏହିସବୁ ସୁରକ୍ଷା ବଳ ୨ଦିନ ପୂର୍ବ ଉପକୂଳରେ ମିଳିତ ପାଟ୍ରୋଲିଂ କରିବେ। ଏଥିରେ ୨ଟି ଟିମ୍ କରାଯାଇଛି। ଯଥା ବ୍ଲୁ ଓ ରେଡ୍। ଛଦ୍ମବେଶୀ ଆତଙ୍କବାଦୀ ବିଭିନ୍ନ ସମ୍ବେଦନଶୀଳ ଜାଗାରେ ପ୍ରବେଶ କରିବେ। ତାକୁ ବ୍ଲୁ ଟିମ୍ ନିଜର ଗୋଇନ୍ଦା ଓ ଅସ୍ତ୍ର ଜରିଆରେ କାବୁ କରିବେ। ଏଭଳି ସମରାଭ୍ୟାସ ୨୦୦୯ରୁ ଦେଶର ପୂର୍ବ ଉପକୂଳ ସୀମାରେ ବର୍ଷକୁ ଦୁଇଥର ହେଉଛି। ସୂଚନାଯୋଗ୍ୟ,୨୦୦୮ ନଭେମ୍ବର ୨୬ରେ ପାକିସ୍ତାନ ଆତଙ୍କବାଦୀମାନେ ଉପକୂଳ ସୀମା ଦେଇ ବମ୍ବେ ସହର ଉପରେ ଆକ୍ରମଣ କରିଥିଲେ। ସେତେବେଳେ ତାଙ୍କୁ କାବୁ କରିବା ବେଳେ ସୁରକ୍ଷା ଏଜେନ୍ସି ମଧ୍ୟରେ ସମନ୍ୱୟ ରହି ନ ଥିଲା। ସେଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପ୍ରତିବର୍ଷ ଉପକୂଳ ସୀମାରେ ମିଳିତ ସମରାଭ୍ୟାସ କରାଯାଉଛି। ତଟ ସୁରକ୍ଷା ପାଇଁ କୋଷ୍ଟଗାର୍ଡକୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି। ପୂର୍ବ ଉପକୂଳରେ ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଛି। ଏହି କ୍ରମରେ ଓଡ଼ିଶାରେ ୧୮ଟି ସାମୁଦ୍ରିକ ଥାନା ୨୦୦୯ଠାରୁ ୨୦୨୦ ମଧ୍ୟରେ ହୋଇଛି।

# ବାର୍‌କୁ ଡାକି ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣକରି ଲୁଟିଲେ

## ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୧ା୯ (ସୂର୍ଯ୍ୟକାନ୍ତ ବେହେରା)

ପୂର୍ବ ବିବାଦକୁ ନେଇ ବାର୍‌କୁ ଡାକି ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହ ସୁନା ଚେନ୍ ଲୁଟି ନିଆଯାଇଛି। ଏନେଇ ଅଭିଯୋଗ ପରେ ମୈତ୍ରୀ ବିହାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଅଞ୍ଚଳର ରେନ୍ ପଟ୍ଟନାୟକ। ଜାମିନ ନାମଞ୍ଜୁର ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ଆକ୍ରମଣର ଶିକାର ହୋଇଥିବା ଯୁବକ ଓ ଅଭିଯୁକ୍ତ ପରସ୍ପରକୁ ଭଲ ଭାବେ ଜାଣନ୍ତି। ଆକ୍ରମଣର ଶିକାର ଯୁବକ ଜଣକ ନିଜ ବନ୍ଧୁଙ୍କ ଗହଣରେ କିଟ୍ କଲେଜ ପରିସରରେ ଗଣେଶ ପୂଜା ପାଳନ କରୁଥିବାବେଳେ ରାତି ପ୍ରାୟ ୧୦ଟା ୩୦ରେ ସୁମିତ ପାଇକରାୟ ନାମକ ଜଣେ ଯୁବକ ପୂର୍ବ ବିବାଦ ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ତାଙ୍କୁ ଫୋନ୍ କରି ଅଞ୍ଜୁମନ ବାର୍‌କୁ ଡାକିଥିଲେ। ଯୁବକ ଜଣକ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତ ସୁମିତ, ସହଯୋଗୀ ରେନ୍ ପଟ୍ଟନାୟକ, ବିବେକ ପାତ୍ର, ବିକାଶ ପାତ୍ର ଓ ଅନ୍ୟମାନେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହିତ ସଂଘବଦ୍ଧ ଭାବେ ମାଡ ମାରିଥିଲେ। ପରେ ତାଙ୍କ ବେକରୁ ଏକ ସୁନାଚେନ ଲୁଟିନେଇ ଅଭିଯୁକ୍ତମାନେ ପଳାଇଥିଲେ। ଆକ୍ରମଣର ଶିକାର ଯୁବକଙ୍କ ବାପା ବାପା ଶୁଭ୍ରାଂଶୁ ତ୍ରିପାଠୀ ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିଲେ।



























































# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୨/୨୦୨୩ | Bhubaneswar, Friday, September 22/ 2023


## ସେମିରେ ମହିଳା କ୍ରିକେଟ ଦଳ



ସ୍ମୃତି ମନ୍ଧାନାଙ୍କ ସହିତ ମାଲେସିଆର ମାରିଆ ଇଜ୍ଜାତି ଇସମାଇଲ।

**ହାଙ୍ଗଝୋ,୨୧।୯(ପି.ଟି.)**

ବର୍ଷା କାରଣରୁ ମାଲେସିଆ ବିପକ୍ଷ ମ୍ୟାଚ ଧୋଇ ଯାଇଥିବା ବେଳେ ଭାରତୀୟ ମହିଳା କ୍ରିକେଟ ଦଳ ଏସିଆନ୍ ଗେମ୍ସ ୨୦୨୩ର ସେମି ଫାଇନାଲରେ ପ୍ରବେଶ କରିଛି। ଗୁରୁବାରର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ଟି ବର୍ଷା କାରଣରୁ ୧୫ ଓଭର ବିଶିଷ୍ଟ କରାଯାଇଥିଲା। ମାଲେସିଆ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଭାରତ ୧୫ ଓଭରରେ ୨ ଉଇକେଟ ହରାଇ ୧୭୩ ରନ୍ ସ୍କୋର କରିଥିଲା। ଭାରତ ପକ୍ଷରୁ ଶେଫାଳି ବର୍ମା ସର୍ବାଧିକ ୬୭ ରନ୍ ସ୍କୋର କରଥିଲେ। ୩୯ ବଲ୍ ଖେଳିଥିବା ଶେଫାଳି ୪ ଚୌକା ଓ ୫ ଛକା ମାରିଥିଲେ। ଅଧିନାୟିକା ସ୍ମୃତି ମନ୍ଧାନା ୨୭ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗୁଏଜ୍ ୪୭ ଓ ରିଚା ଘୋଷ ୨୧ ରନରେ ଅପରାଜିତ ରହିଥିଲେ। ମାଲେସିଆ ପକ୍ଷରୁ ମାରିଆ ଇଜ୍ଜାତି ଇସମାଇଲ ଓ ମାସ ଏଲିସା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମାଲେସିଆ ବ୍ୟାଟିଂ ଆରମ୍ଭ କରିଥିବା ବେଳେ ମାତ୍ର ଦୁଇଟି ବଲ୍ ପଡିବା ସମ୍ଭବ ହୋଇଥିଲା। ମ୍ୟାଚ୍ ବାତିଲ ହେବା ଫଳରେ ଆଇସିସି ର୍‍ୟାଙ୍କିଙ୍ଗରେ ଉପରେ ଥିବା କାରଣରୁ ଭାରତୀୟ ମହିଳା ଦଳକୁ ବିଜୟୀ ଘୋଷଣା କରାଯାଇଥିଲା।

# ବାଂଲାଦେଶକୁ ହରାଇଲା ଭାରତ

**ଏସିଆନ୍ ଗେମ୍ସ**

**ହାଙ୍ଗଝୋ,୨୧।୯(ପି.ଟି.)**

ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ୍ ଗେମ୍ସ ଫୁଟବଲରେ ବାଂଲାଦେଶକୁ ପରାସ୍ତ କରି ନକ୍‌ଆଉଟ ଆଶା ଉଜ୍ଜୀବିତ ରଖିଛି ଭାରତ। ଅଧିନାୟକ ସୁନୀଲ ଛେତ୍ରୀଙ୍କ ଗୋଲ୍ ବଳରେ ଶୁକ୍ରବାର ଭାରତ ୧-୦ରେ ମ୍ୟାଚ୍‌କୁ ଜିତି ନେଇଥିଲା। ପ୍ରଥମ ମ୍ୟାଚରେ ଚାଇନା ନିକଟରୁ ୫-୧ରେ ପରାଜିତ ହେବା ପରେ ଦୃଢ ଭାବେ ପ୍ରତ୍ୟାବର୍ତ୍ତନ କରିଛି ଭାରତ। ୩୯ ବର୍ଷୀୟ ଛେତ୍ରୀ ମ୍ୟାଚ୍‌ର ୮୫ ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ ଯାହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଭାରତ ଏହାର ଅନ୍ତିମ ମ୍ୟାଚ୍‌ରେ ମ୍ୟାନମାରକୁ ଭେଟିବ। ଏହି ମ୍ୟାଚରେ ବିଜୟୀ ହେଲେ ଦଳ ନକ୍‌ଆଉଟରେ ପ୍ରବେଶ କରିବ।

ଶୁକ୍ରବାର ଭାରତୀୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ସହିତ ଏକାଧିକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲା। ଆୟୁଷ ଦେବ ଛେତ୍ରୀ ଓ ରାହୁଲ କେପିଙ୍କ ମିଳିତ ଉଦ୍ୟମରେ ଭାରତୀୟ ଦଳ ଏକାଧିକ ସୁଯୋଗ ପାଇଥିଲା। ଆୟୁଷଙ୍କ ଏକ ପାଶ୍ ବକ୍ସର ୬ ୟାର୍ଡ ଦୂରରେ ଛେତ୍ରୀଙ୍କ ନିକଟକୁ ଆସିଥିଲା। ଛେତ୍ରୀଙ୍କ ଶଟ୍‌କୁ ବାଂଲାଦେଶ ଗୋଲକିପର ଅଟକାଇବାରେ ସମର୍ଥ ହୋଇଥିଲେ। ଉଭୟ ଦଳର ମିଡଫିଲ୍ଡର ମାନେ ଖେଳର ଅଧିକାଂଶ ସମୟ ନିୟନ୍ତ୍ରଣରେ ରଖିଥିଲେ। ୪୦ ତମ ମିନିଟରେ ଭାରତକୁ ମିଳିଥିବା କର୍ନରକୁ ଚିଙ୍ଗଲସେନା ସିଂ ହେଡର କରିଥିଲେ ମଧ୍ୟ ବାଂଲା ଗୋଲି ଏହାକୁ ରୋକି ଦେଇଥିଲେ। ତେବେ ୮୫ ତମ ମିନିଟରେ ଛେତ୍ରୀଙ୍କ ଚମତ୍କାର ଗୋଲରେ ଭାରତ ମ୍ୟାଚ୍ ଜିତି ନେଇଥିଲା।

# ୩ ଫାଇନାଲରେ ଭାରତୀୟ ରୋୟର

**ହାଙ୍ଗ୍‌ଝୋ, ୨୧।୯ (ପି.ଟି.)**

ଏସିଆନ ଗେମ୍ସରେ ଭାରତୀୟ ରୋୟରମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଗୁରୁବାର ସେମାନେ ଆଉ ୩ଟି ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ସତନାମ ସିଂ, ପରମିନ୍ଦର ସିଂ, ଜାକର ଖାନ୍ ଓ ସୁଖମିତ୍ ସିଂଙ୍କୁ ନେଇ ଭାରତୀୟ ପୁରୁଷ ଦଳ ୬:୦୯.୯୪ ଟାଇମିଂରେ କ୍ୱାଡରପଲ୍ ସ୍କଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଲାଇଟୱେଟ୍ ଡବଲ୍ ସ୍କଲ୍ସ କାଟେଗୋରିରେ ଭାରତୀୟ ଯୋଡ଼ି ଅରୁଣ ଲାଲ ଜାଟ୍ ଓ ଅରବିନ୍ଦ ସିଂ ୬:୫୫.୭୮ ସେକେଣ୍ଡ ଟାଇମିଂରେ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ସେହିପରି ପୁରୁଷ ଡବଲ ସ୍କଲ୍ସରେ ସତନାମ ସିଂ ଓ ପରମିନ୍ଦର ସିଂ ୬:୪୮.୦୬ ସେକେଣ୍ଡରେ ରିପଚେଜ ଜିତି ଭାରତର ତୃତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର କିନ୍ତୁ ଏକମାତ୍ର ମହିଳା ଲାଇଟ୍‌ୱେଟ୍ ଡବଲ୍ ସ୍କଲ ଫାଇନାଲକୁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିଲା। କିରଣ ଓ ଅଂଶିକା ଭାରତୀ ୮:୦୧.୮୦ ଟାଇମିଂରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଫଳରେ ଏହି ଯୋଡ଼ି ସେମାନଙ୍କ ପରବର୍ତ୍ତୀ ମ୍ୟାଚ ୭ରୁ ୧୨ତମ ସ୍ଥାନ ପାଇ ଖେଳିବେ।






## ଚାଇନିଜ୍ ତାଇପେଠାରୁ ହାରିଲା ଭାରତ

**ହାଙ୍ଗ୍‌ଝୋ, ୨୧।୯ (ପି.ଟି.):** ଏସିଆନ ଗେମ୍ସ ମହିଳା ଫୁଟ୍‌ବଲରେ ଭାରତର ଆରମ୍ଭ ନିରୁତ୍ସାହଜନକ ରହିଛି। ଗୁରୁବାର ଦଳ ଏହାଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଚାଇନିଜ ତାଇପେ ନିକଟରୁ ୨-୧ ଗୋଲରେ ହାରିଯାଇଛି। ମ୍ୟାର ଓପନିଂ ଗୋଲ୍ ମଧ୍ୟାନ୍ତର ପରେ ଅର୍ଥାତ ୪୭ତମ ମିନିଟ୍‌ରେ ଅନୁଜ ତମାଙ୍ଗ ଏକ ଗୋଲ୍ ସ୍କୋର କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ଚାଇନିଜ ତାଇପେ ପରେ ଲି-ଚିନ୍ ଲାଇ (୬୮ତମ ମିନିଟ) ଏବଂ ବଦଳ ଖେଳାଳି ହୁଆନ୍ ସୁ (୮୪ତମ ମିନିଟ)ଙ୍କ ଗୋଲ୍ ବଳରେ ମ୍ୟାଚକୁ ୨-୧ରେ ଜିତିନେଇଥିଲା।

















Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ